ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶନିବାର ୨୦ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 MARCH 2021

Vol.No. 32 ■ No. 75 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ଯୋଗାଣ ମନ୍ତ୍ରୀଙ୍କ ବିବୃତ୍ତିରେ ବିରୋଧୀଙ୍କ କ୍ଷୋଭ

ଭୁବନେଶ୍ୱର,୧୯/୦୩ (ନି.ପ୍ର): ବିଧାସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ଧାନ କିଣାକୁ ନେଇ ଦୀର୍ଘ ୬ ଦିନ ଧରି ଗୃହରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ଶୁକ୍ରବାର ପ୍ରଶ୍ନୋତର କାର୍ଯ୍ୟକ୍ରମ ଓ ଖର୍ଚ୍ଚ ଦାବି ଆଲୋଚନା ସ୍ୱାଭାବିକ ହୋଇଛି। ଶୂନ୍ୟକାଳରେ ଧାନ କିଣା ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ବିବୃତି ରଖିଥିଲେ। ତେବେ ବିବୃତିରେ ସର୍ବ ଦଳୀୟ କମିଟି ବୈଠକରେ ନିଆଯାଇଥିବା ନିଷ୍ପତି ଉପରେ କୌଣସି ଉତର ରଖିନଥିବାରୁ ବିରୋଧୀ ଦଳ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ବିଗତ ଦିନ ମାନଙ୍କ ଭଳି ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ ସୃଷ୍ଟି କରିଥିଲେ। ବାଚସ୍ପତି ଗୃହକୁ ବାରମ୍ବାର



ମୁଲତବୀ ରଖିଥିଲେ। ଫଳରେ ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରିନଥିଲା। ମନ୍ତ୍ରୀଙ୍କ ଉତରରେ ଉଭୟ କଂଗ୍ରେସ ଓ ବିଜେପି ଦଳର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କ୍ଷୋଭ ପ୍ରକାଶ କରି କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ସହ ଗତକାଲି ହୋଇଥିବା ଆଲୋଚନା କାଳରେ ସେ ଯେଉଁ ପ୍ରତିଶୃତି ଦେଇଥିଲେ ତାହା ମନ୍ତ୍ରୀଙ୍କ ବିବୃତିରେ ଉଲ୍ଲେଖ ନାହିଁ। ତାକୁ ଆମେ ନିନ୍ଦା କରୁଛୁ। କଂଗ୍ରେସ ଦଳ ନେତା ବିଜେଡି- ବିଜେପି ଭାଇ-ଭାଇ ବୋଲି ଆମ ବିରୁଦ୍ଧରେ ଯେଉଁ ଅଭିଯୋଗ କରିଛନ୍ତି ତାହା ଠିକ୍ ନୁହେଁ ।

▶▶ପୃଷ୍ଠା ୭

## ଆସାମରେ ବିଜେପି ବିରୋଧରେ ଗର୍ଜିଲେ ରାହୁଲ

ଆସାମ,୧୯/୦୩ : କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ଆସାମର ଡିବ୍ରୁଗଡରେ ଜନସଭା କରିବା ସହିତ ବିଜେପି ଉପରେ ଟାର୍ଗେଟ କରିଛନ୍ତି । ଏଥିସହ ଆଗାମୀ ଆସାମ ନିର୍ବାଚନରେ ଯଦି କଂଗ୍ରେସ ସେଠାରେ ସରକାର ଗଠନ କରେ ତେବେ ତାଙ୍କ ସରକାର ସେଠାକାର ଲୋକଙ୍କୁ ୫ ଲକ୍ଷ ଚାକିରି ଦେବାକୁ ରାହୁଲ ଆଜି ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପଟେ ଆସାମରେ କଂଗ୍ରେସ ସରକାର ଗଢିଲେ, ସେଠାରେ କଦାପି ସିଏଏ ଲାଗୁ ହେବ ନାହିଁ ଏବଂ ସେଠାକାର ଲୋକଙ୍କୁ ସରକାର ୨ ଶହ ୟୁନିଟ୍ ଯାଏଁ ମାଗଣା ବିଜୁଳି ଦେବେ ବୋଲି ରାହୁଲ କହିଛନ୍ତି ।

▶▶ପୃଷ୍ଠା ୭

## ଯାଆଁଳା କଙ୍କାଳ ମିଳିବା ଘଟଣାରେ କମିଶନରେଟ୍ ପୋଲିସ ଜାରି କଲା ସ୍କେଚ




ଭୁବନେଶ୍ୱର,୧୯/୦୩(ନି.ପ୍ର): ଯାଆଁଳା ଫାଣ୍ଡି ପରିସରରୁ ମିଳିଥିବା କଙ୍କାଳର ସ୍କେଚ ଜାରି କରିଛି କମିଶନରେଟ୍ ପୋଲିସ । ବେଙ୍ଗାଲୁରୁର ବିଶେଷଜ୍ଞମାନେ ଏହି ସ୍କେଚ ପ୍ରସ୍ତୁତ କରିଛନ୍ତି । ଏହି ସ୍କେଚ ମାଧ୍ୟମରେ ମହିଳାଙ୍କ ପରିଚୟ ଜାଣିବାକୁ ଚେଷ୍ଟା କରିବ ପୋଲିସ । ଏହା କମିଶନରେଟ୍ ପୋଲିସର ପ୍ରଥମ ସ୍କେଚ୍, ତେବେ ଆଗକୁ ଆହୁରି ସ୍କେଚ୍ ଆସିବାର ରହିଛି ବୋଲି ସୂଚନା ମିଳିଛି । ଜାଆଁଳା ଫାଣ୍ଡି ସାମ୍ନାରେ ଥିବା ଗାଡ଼ି ମଧ୍ୟରେ ରହିଥିଲା ୨୦୧୯ ମସିହାରେ

▶▶ପୃଷ୍ଠା ୭

## ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧୯/୦୩ (ନି.ପ୍ର): ଆସନ୍ତାକାଲି (ଶନିବାର) ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ରାଷ୍ଟ୍ରପତି ଶନିବାର ସଂଧ୍ୟା ୬ଟାରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଂଚିବା ପରେ ରାଜଭବନରେ ରାତ୍ରି ଯାପନ କରିବେ। ୨୧ ତାରିଖରେ ରାଷ୍ଟ୍ରପତି ରାଉରକେଲା ଯାଇ ଏନଆଇଟିର ସମାବର୍ତନ ଉତ୍ସବରେ ଯୋଗଦେବା ସହ ଆଇଜିଏସ୍ ର ସୁପରସ୍ପେଶାଲିଟି ହସ୍ପିଟାଲର ଉଦଘାଟନ କରିବେ। ୨୨ ତାରିଖରେ ରାଷ୍ଟ୍ରପତି ପୁରୀ ଓ କୋଣାର୍କ ଯିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ ୨୧ ତାରିଖ ସକାଳେ ରାଷ୍ଟ୍ରପତି ରାଜଭବନରୁ ଭୁବନେଶ୍ୱର



ଏୟାରପୋର୍ଟ ଯାଇ ସେଠାରୁ ଝାରସୁଗୁଡ଼ା ଏୟାରପୋର୍ଟରେ ପହଂଚିବେ। ଝାରସୁଗୁଡ଼ାରୁ ରାଷ୍ଟ୍ରପତି ରାଉରକେଲା ଗସ୍ତ କରିବେ। ସକାଳ ୧୧ଟାରେ ରାଉରକେଲା ଏନ୍ଆଇଟି ସମାବର୍ତନ ଉତ୍ସବରେ ଯୋଗଦେବେ। ଅପରାହ୍ଣ ୧୨ଟା ବେଳେ ରାଉରକେଲା ଏନଆଇଟି ଛାଡ଼ି ଅପରାହ୍ନରେ ରାଷ୍ଟ୍ରପତି ଆଇଜିଏଚର ସୁପର ସ୍ପେଶାଲିଟି ହସ୍ପିଟାଲକୁ

▶▶ପୃଷ୍ଠା ୭

## ପୁଣି କାୟା ମେଲାଉଛି କରୋନା : ୨୪ ଘଂଟାରେ ୧୧୦ ପଜିଟିଭ୍

ଭୁବନେଶ୍ୱର,୧୯/୦୩ (ନି.ପ୍ର): ମାସକ ପରେ ରାଜ୍ୟରେ ପୁଣି ଉପରମୁହାଁ ହୋଇଛି କରୋନା ଗ୍ରାଫ୍ । ଦୀର୍ଘ ଦିନର ବ୍ୟବଧାନ ପରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦ ପାର୍ ହୋଇଛି । ଗତ ୨୪ ଘଂଟା ମଧ୍ୟରେ ଓଡ଼ିଶାରୁ ୧୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ କଟକରୁ ସର୍ବାଧିକ ୨୦ ଜଣ ଓ ଖୋର୍ଦ୍ଧାରୁ ୧୫ ଜଣ ଆକ୍ରାନ୍ତ ରହିଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୩୮ ହଜାର ୫୯୯ରେ ପହଂଚିଛି। ଏବେ ସୁଦ୍ଧା ୩ ଲକ୍ଷ ୩୫ ହଜାର ୯୨୩ ଜଣ ସୁସ୍ଥ ହୋଇଥିବା ବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୭୦୫ ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨ ଜଣ, ବରଗଡ଼ରୁ ୪ ଜଣ, ଭଦ୍ରକରୁ ଜଣେ, କଟକରୁ ୨୦ ଜଣ, ଦେବଗଡ଼ରୁ ୨ ଜଣ, ଢେଙ୍କାନାଳରୁ ଜଣେ, ଗଞ୍ଜାମରୁ ୬ ଜଣ, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୪ ଜଣ, କଳାହାଣ୍ଡିରୁ ୨ ଜଣ, କନ୍ଧମାଳରୁ ଜଣେ, ଖୋର୍ଦ୍ଧାରୁ ୧୫ ଜଣ, କୋରାପୁଟ୍ ରୁ ଜଣେ, ମୟୂରଭଞ୍ଜରୁ ୯ ଜଣ, ନବରଙ୍ଗପୁରରୁ ୨ ଜଣ, ନୂଆପଡ଼ାରୁ ୯ ଜଣ, ରାୟଗଡ଼ାରୁ ଜଣେ, ସମ୍ବଲପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୭ ଜଣ ଓ ଷ୍ଟେଟ୍ ପୁଲ୍ ରୁ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ପୋଲସରାର ମାରଦା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୧୯/୦୩ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନ୍ୟତମ ପ୍ରସିଦ୍ଧ ଲୀଳାକ୍ଷେତ୍ର ଭାବେ ଜଣାଶୁଣା ଗଞ୍ଜାମ ଜିଲ୍ଲା ପୋଲସରା ଅନ୍ତର୍ଗତ ମାରଦା ଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ ପ୍ରଧାନ ମହାପ୍ରଭୁଙ୍କ ଦର୍ଶନ କରି ନିଜକୁ ଧନ୍ୟ ମନେ କରୁଥିବା କହିଛନ୍ତି । ଏଥିସହ ସମଗ୍ର ହିନ୍ଦୁ ସମାଜ, ଓଡିଆ ଲୋକ ଓ ଜଗନ୍ନାଥପ୍ରେମୀଙ୍କ ପାଇଁ ଏହା ପବିତ୍ର ତୀର୍ଥ କ୍ଷେତ୍ର । ପବିତ୍ର ଶରଣ ଶ୍ରୀକ୍ଷେତ୍ର ମାରଦା ଜଗନ୍ନାଥ ମନ୍ଦିରର ବିକାଶ ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଦରକାର । ୧୮୦୦ ଶତାବ୍ଦୀରେ ମୋଗଲ ସେନାର ଆକ୍ରମଣ ଭୟରେ ପୁରୀ ଶ୍ରୀମନ୍ଦିରର ସଂସ୍କାର ବାଧାପ୍ରାପ୍ତ ହେବା ଚିନ୍ତାରେ ସେ ସମୟରେ ପୁରୀର ଗଜପତି ମହାରାଜା ପୂଜ୍ୟ ରାମଚନ୍ଦ୍ର ଦେବ ଗଞ୍ଜାମ ଜିଲ୍ଲାର ମଥୁରା ଅଂଚଳରେ ଭଗବାନଙ୍କୁ ସୁରକ୍ଷିତ ରଖିଥିଲେ ବୋଲି ସେ କହିଥିଲେ । ମହାପ୍ରଭୁଙ୍କ ଦର୍ଶନ କରିସାରିବା ପରେ ମନ୍ଦିରର ସାଧୁ ସନ୍ଥ ଏବଂ ସ୍ଥାନୀୟ ଅଂଚଳର ଗୁରୁଜନ ମାନଙ୍କୁ ଭେଟି ମନ୍ଦିର ସହ ଜଡ଼ିତ ବିଭିନ୍ନ ବିଷୟରେ ଧର୍ମେନ୍ଦ ପ୍ରଧାନ ଆଲୋଚନା କରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତା ବହନ କରୁଥିବା ଏହି ପବିତ୍ର ଶରଣ ଶ୍ରୀକ୍ଷେତ୍ରରେ ଜଗତର କଲ୍ୟାଣ ନିମନ୍ତେ ସେ ପ୍ରାର୍ଥନା କରିଥିଲେ ।

## ବନାଗ୍ନି ସମସ୍ୟା ସମ୍ପୂର୍ଣ୍ଣ ଆୟତ୍ତାଧିନ : ଟାସ୍କଫୋର୍ସ

ଭୁବନେଶ୍ୱର,୧୯/୦୩ (ନି.ପ୍ର): ରାଜ୍ୟର ବନାଗ୍ନି ସମସ୍ୟା ସମ୍ପୂର୍ଣ୍ଣ ଆୟତାଧିନ ଅଛି। ରାଜ୍ୟର ବନାଗ୍ନି ସ୍ଥିତିକୁ ନିରନ୍ତର ପର୍ଯ୍ୟାଲୋଚନା ଓ ସମୀକ୍ଷା କରାଯାଉଛି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଅତ୍ୟଧିକ ଗ୍ରୀଷ୍ମ ପାଗ ସହିତ ଅଧିକ ତାପମାତ୍ରା ଓ କମ୍ ଆଦ୍ରତା ଅନୁଭୂତ ହେଉଥିବାରୁ ନିଆଁକୁ ପ୍ରଶମିତ କରିବା ପାଇଁ ସମସ୍ତ କ୍ଷେତ୍ର କର୍ମଚାରୀମାନେ ଦିନରାତି ସେମାନଙ୍କର ପ୍ରଚେଷ୍ଟା ଜାରି ରଖିଛନ୍ତି ।

## ୧୧୨ ଡାଏଲ କଲେ ମିଳିବ ୩ ଟି ଜରୁରୀ ସୁବିଧା

ଭୁବନେଶ୍ୱର,୧୯/୦୩ (ନି.ପ୍ର): ଏଣିକି ପୁଲିସ, ଦମକଳ ଆମ୍ବୁଲାନ୍ସ ସେବା ପାଇଁ ଗୋଟିଏ ନମ୍ବର ୧୧୨ ଡାଏଲ କରିବାକୁ ପଡିବ। ସାରା ରାଜ୍ୟ ପାଇଁ ଏବେ କାମ କରିବ ଏହି ନମ୍ବର । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ ଭିଡିଓ କନ୍‌ଫରେନ୍ସ ଜରିଆରେ ଆପଦକାଳୀନ ତ୍ୱରିତ ସହାୟତା ବ୍ୟବସ୍ଥା ଡାଏଲ୍-୧୧୨ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିଠାରୁ ଜନସାଧାରଣ ବିପଦପୂର୍ଣ୍ଣ ସମୟରେ ପୁଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ମୁକାବିଲାଏବଂ ଅନ୍ୟାନ୍ୟ ଆପଦକାଳୀନ ସେବାସଂପୃକ୍ତ



ଆବଶ୍ୟକତା ନିମନ୍ତେ ଏକକ ନମ୍ବର ୧୧୨କୁ ଡାଏଲ୍ କରିପାରିବେ । ମୁଖ୍ୟମନ୍ତ୍ରୀ ମଧ୍ୟ ଅତ୍ୟାଧୁନିକ ରାଜ୍ୟ ଆପଦକାଳୀନ ବ୍ୟବସ୍ଥା କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ମୋବାଇଲ୍ ଡାଟା ଟର୍ମିନାଲ ସଂପନ୍ନ ଆପଦକାଳୀନ ଦ୍ୱରିତ ସେବା ପ୍ରଦାୟକ ଯାନର ଶୁଭାରମ୍ଭ କରିଛନ୍ତି । ଏହି ପ୍ରକଳ୍ପ ପାଇଁ ଓଡ଼ିଶା ସରକାର ୧୫୭.୧୨ କୋଟି ଟଙ୍କାର ବ୍ୟବସ୍ଥା ଓ ୨୫୦୦ ପଦବୀର ବନ୍ଦୋବସ୍ତ କରିଛନ୍ତି । ଏହି ନୂତନ ବ୍ୟବସ୍ଥା ଫଳରେ ଏବେ ପ୍ରଚଳିତ ପୁଲିସ୍-୧୦୦, ଅଗ୍ନିଶମ-୧୦୧ ଓ ଆମ୍ବୁଲାନ୍ସ୧୦୮/୧୦୨ ନମ୍ବରଗୁଡ଼ିକ ୧୧୨ ନିଃଶୁଳ୍କ ନମ୍ବର ସହିତ ପର୍ଯ୍ୟାୟ କ୍ରମେ ସମନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ନୂତନ ବ୍ୟବସ୍ଥା ଉପରେ ସନ୍ତୋଷ ବ୍ୟକ୍ତ କରି କହିଛନ୍ତି ଯେ ଏହି ବ୍ୟବସ୍ଥାରେ ଭଏସ୍ କଲ୍, ଏସ୍‌ଏମ୍‌ଏସ୍, ପ୍ୟାନିକ୍ ଏସ୍‌ଓଏସ୍ ଅନୁରୋଧ ଏବଂ ୱେବ୍ ଅନୁରୋଧ ମଧ୍ୟ ସ୍ୱତନ୍ତ୍ର ଭାବରେ ବିକଶିତ ୧୧୨ ଇଣ୍ଡିଆ ଆପ୍ ମାଧ୍ୟମରେ ବିଭିନ୍ନ ତଥ୍ୟ ଗ୍ରହଣ କରିବାର ସୁବିଧା ରହିଥିବା ୨୪ ଘଂଟିଆ ସେବା ଉପଲବ୍ଧ ହେବ। ଆପଦକାଳୀନ ଦ୍ୱରିତ ସେବା କେନ୍ଦ୍ରଟି ଜିଲ୍ଲା ସ୍ତରରେ ୩୪ଟି ଜିଲ୍ଲା ସମନ୍ୱୟ

▶▶ପୃଷ୍ଠା ୭

## ଶ୍ୱାସରୁଦ୍ଧ ହୋଇ ୨ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର,୧୯/୦୩ (ନି.ପ୍ର): ଭୁବନେଶ୍ୱର ଟଙ୍କପାଣି ରୋଡ୍ ଅଂଚଳରେ ଶ୍ୱାସରୁଦ୍ଧ ହୋଇ ୨ ଜଣଙ୍କ ମୃତ୍ୟୁ ହୋଇଛି। ସ୍ୱେରେଜ କାମ ଚାଲୁଥିବା ବେଳେ ଏହି ଅଘଟଣା ଘଟିଛି। ମୃତକ ଦ୍ୱୟ ସ୍ୱେରେଜ କାମ କରୁଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତକଦ୍ୱୟ ହେଉଛନ୍ତି ସୁନାରାମ ସର୍ଦ୍ଦାର ଓ ସିଲୁ ବେରୁଆ। ସୂଚନା ଅନୁଯାୟୀ ଶୁକ୍ରବାର ସକାଳେ ସ୍ୱେରେଜ କାମରେ ଲାଗିଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରଥମେ ଜଣେ କାମ କରିବାକୁ ଟାଙ୍କି ଭିତରକୁ ଓହ୍ଲାଇଥିଲେ। ପରେ ଆଉ ଜଣେ ଭିତରକୁ ଯାଇଥିଲେ। କିନ୍ତୁ ଭିତରେ ଉଭୟ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ଏହା ପରେ ତୁରନ୍ତ ଅଗ୍ନିଶମବାହିନୀକୁ ଖବର ଦିଆଯାଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲ ନିଆଯାଇଥିଲା। ତେବେ କ୍ୟାପିଟାଲ ହସ୍ପିଟାଲରେ ଉଭୟଙ୍କୁ ମୃତ ଘୋଷଣା କରାଯାଇଥିଲା।

## ୪୮ ଘଂଟାରେ ୧୭ ଜିଲ୍ଲାରେ କାଳବୈଶାଖୀ ଓ ବଜ୍ରପାତ ସମ୍ଭାବନା

ଭୁବନେଶ୍ୱର,୧୯/୦୩ (ନି.ପ୍ର): ଆସନ୍ତା ୪୮ ଘଂଟା ମଧ୍ୟରେ ରାଜ୍ୟର ବହୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା। ସହ କାଳବୈଶାଖୀ ଓ ବଜ୍ରପାତର ସମ୍ଭାବନା ରହିଛି । ଏଥିପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ୧୭ ଟି ଜିଲ୍ଲାର ଜିଲ୍ଲାପଳଙ୍କୁ ଚିଠି ଲେଖି ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଶୁକ୍ରବାର ଦିନ ୧ଟା୩୦ରୁ ଶନିବାର ସକାଳ ୮ଟା୩୦ ମଧ୍ୟରେ ଉତର ଆଭ୍ୟନ୍ତରୀଣ ଓଡିଶା, ବାଲେଶ୍ୱର, ଯାଜପୁର, ଭଦ୍ରକ, ନୂଆପଡା, ବଲାଙ୍ଗୀର, ସୋନପୁର, କଳାହାଣ୍ଡି ଏବଂ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟ ମଧ୍ୟରେ ନୂଆପଡା, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୋନପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପକ୍ଷରେ ଶନିବାର ସକାଳ ୮ଟା୩୦ରୁ ରବିବାର ସକାଳ ୮ଟା୩୦ ମଧ୍ୟରେ ଉତର ଉପକୂଳ ଓଡ଼ିଶା, ଢ଼େଙ୍କାନାଳ, ଅନୁଗୁଳ, କନ୍ଧମାଳ, ରାୟଗଡା, କୋରାପୁଟ , କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାମାନଙ୍କର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଏବଂ କଟକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା କିମ୍ବା ମଧ୍ୟମ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ହୋଲିରେ ଲାଗିଲା କରୋନା କଟକଣା

### କଟକରେ ଏକାଠି ହୋଇ ଖେଳିପାରିବେନି ରଙ୍ଗ, ମେଳଣ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ମନା

ଭୁବନେଶ୍ୱର,୧୯/୦୩ (ନି.ପ୍ର): କରୋନାର ଦ୍ୱିତୀୟ ଲହର ଭିତରେ ରଙ୍ଗର ପର୍ବ ହୋଲି ସମସ୍ତଙ୍କ ପାଇଁ ବିପଦ ନେଇ ଆସିବନି ତ? ସମସ୍ତେ ମିଶି ହୋଲି ଖେଳିଲେ, କରୋନା ସଂକ୍ରମଣ ବଢିବନି ? ସରକାର ଓ ପ୍ରଶାସନ ଏହାକୁ ରୋକିବାକୁ କଣ କରିବା ଉଚିତ୍? ଏଭଳି କିଛି ପ୍ରଶ୍ନ ଭିତରେ ସାମୁହିକ ହୋଲି ପାଳନ ଓ ଦୋଳ ମେଳଣ ଉପରେ କଟକଣା ଲଗାଇଛି କଟକ ପ୍ରଶାସନ । ତେବେ ନଜର ପକାନ୍ତୁ, କିପରି କରୋନା କଟକଣା ଭିତରେ ପାଳନ କରିବେ ପର୍ବ । ମେଳଣ



ପଡ଼ିଆରେ ୨୦୦ରୁ ଅଧିକ ଲୋକ ଏକାଠି ହେବେନାହିଁ, ଦୋଳ ବିମାନ ଯାତ୍ରା ବେଳେ ୧୦ରୁ ଅଧିକ ଲୋକ ସାମିଲ ହେବେନାହିଁ, ଶୋଭାଯାତ୍ରା ହେବନାହିଁ, ଡାକବାଜି ଯନ୍ତ୍ର ବାଜିବ ନାହିଁ, ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ରୋକ ମେଳଣ ପଡ଼ିଆରେ ମୀନାବଜାରକୁ ଅନୁମତି ନାହିଁ, ନିଜ ଘର ଭିତରେ ଲୋକେ ପାଳନ କରିବେ ହୋଲି, ସାମୁହିକ ହୋଲି ଖେଳ ଉପରେ କଟକଣା ରାସ୍ତା ଓ ସର୍ବସାଧାରଣ ସ୍ଥାନରେ ହୋଲି ଖେଳିବା ମନା ଅନ୍ୟପଟେ ଦୀର୍ଘ ଦିନ ପରେ ରାଜ୍ୟରେ ସଂକ୍ରମଣ ଶହେ ଟପିବା ପରେ ପୁଣି ଥରେ ଚିନ୍ତା ଫେରିଛି । ୧୧୦ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ସକ୍ରିୟ ମାମଲା ୭୦୫ରେ ପହଁଚିଛି । ୨୨ଟି ଜିଲ୍ଲାରୁ ଏହି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କଟକରେ

▶▶ପୃଷ୍ଠା ୭

## କରୋନା ସ୍ଥିତିକୁ ନେଇ ସରକାରୀ ଅଫିସ ପାଇଁ ଫେରିଲା ଗାଇଡଲାଇନ

ଭୁବନେଶ୍ୱର,୧୯/୦୩ (ନି.ପ୍ର): କରୋନା ସ୍ଥିତିକୁ ନେଇ ସରକାରୀ ଅଫିସରେ ସତର୍କ ରହିବାକୁ ନିର୍ଦ୍ଦେଶ । ପୁରୁଣା ନିର୍ଦ୍ଦେଶାବଳୀକୁ ମନେପକାଇଲା ସାଧାରଣ ପ୍ରଶାସନ ବିଭାଗ । ଭର୍ଚୁଆଲ ମୋଡରେ ବୈଠକ କରିବାକୁ ପ୍ରାଥମିକତା ଦିଆଯିବ । ଅଫିସ ଭିତରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହୋଇଛି । ନିୟମ ନମାନିଲେ ଏହାକୁ ବିଶୃଙ୍ଖଳା ବୋଲି ମନେ କରାଯିବ ।

▶▶ପୃଷ୍ଠା ୭

# ବାଲେଶ୍ୱର ସିଭିଲ୍ ସୋସାଇଟି ବୈଠକ

## ଉଡ଼ନ୍ତା ପୋଲ ମରାମତି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜନସ୍ୱାର୍ଥ ମାମଲାକୁ ସ୍ୱାଗତ



ବାଲେଶ୍ୱର ,୧୯।୩ (ନି.ପ୍ର): ଓଡ଼ିଶାର ପ୍ରଥମ ଉଡ଼ନ୍ତା ପୋଲ ତଥା ବାଲେଶ୍ୱରର ଜୀବନରେଖା କୁହାଯାଉଥିବା ଫକୀରମୋହନ ଗୋଲେଇଠାରୁ ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡ୍ ପର୍ଯ୍ୟନ୍ତ ଉଡ଼ନ୍ତା ପୋଲର ମରାମତି କାର୍ଯ୍ୟ ବିଳମ୍ବ ଓ ନିମ୍ନମାନର ଅଭିଯୋଗ ଉପରେ ମାନ୍ୟବର ଓଡ଼ିଶା ହାଇକୋର୍ଟ ସଂପୃକ୍ତ ବିଭାଗକୁ ଓ ଜିଲ୍ଲାପାଳ ପ୍ରଭୃତିଙ୍କୁ ଜବାବ୍ ତଲବ କରିଥିବାରୁ ବାଲେଶ୍ୱର ସିଭିଲ୍ ସୋସାଇଟି ତରଫରୁ ଆନନ୍ଦ ପ୍ରକାଶ ପାଇଛି। ଗୁରୁବାର ପୂର୍ବାହ୍ନରେ ସିଭିଲ୍ ସୋସାଇଟି ତରଫରୁ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ଉପସ୍ଥିତ ସଦସ୍ୟମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ସମୟୋଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଖୁସିବ୍ୟକ୍ତି କରିଥିଲେ। ସୋସାଇଟିର ଉପସଭାପତି ବସନ୍ତ କୁମାର ସ'ଙ୍କ ଦ୍ୱାରା ଆଗତ ମାମଲାରେ ଜିଲ୍ଲା ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତାଦେଶ ପ୍ରତ୍ୟାହାର କରି ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଦାଲତକୁ ପ୍ରାର୍ଥନା କରିଛନ୍ତି। ବାଲେଶ୍ୱରବାସୀଙ୍କ ସାମଗ୍ରିକ ସ୍ୱାର୍ଥରେ ଏହି ଜନସ୍ୱାର୍ଥ ମାମଲା ସହାୟକ ହେବ ବୋଲି ଉପସ୍ଥିତମାନେ ଆଶା କରିଛନ୍ତି। ସିଭିଲ୍ ସୋସାଇଟିର ସଦସ୍ୟତା ବୃଦ୍ଧିପାଇଁ ଓ ଆସନ୍ତା ଏପ୍ରିଲ୍ ଶେଷ ସପ୍ତାହରେ ସୋସାଇଟିର ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାଲିଆପାଳ ଓ ଚୌମୁଖରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ୍ କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ପ୍ରତି ସୁବିଚାର କରି ଏକ ନିର୍ବିବାଦୀୟ ସ୍ଥାନରେ ଜିଲ୍ଲାର ବିକାଶ ଦିଗରେ ଏହା ପ୍ରତିଷ୍ଠା କରିବାକୁ ସିଭିଲ୍ ସୋସାଇଟି ତରଫରୁ ସରକାରଙ୍କୁ ଓ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହି ବୈଠକରେ ସର୍ବଶ୍ରୀ ଲକ୍ଷ୍ମୀଧର ବେହେରା, ସୀତାରାମ ପ୍ରଧାନ, ଖଗେନ୍ଦ୍ର ସାହୁ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସୁଦର୍ଶନ ଦାସ, ବସନ୍ତ କୁମାର ସ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଜାତୀୟ ତାପଜ ବିଦ୍ୟୁତ୍ କେନ୍ଦ୍ର, ତାଳଚେର ବନ୍ଦ ଘୋଷଣା ପ୍ରତିବାଦରେ ବାଚସ୍ପତିଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୧୯।୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ତରଫରୁ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ଆସନ୍ତା ୧ ଏପ୍ରିଲ ଠାରୁ ବନ୍ଦ ଘୋଷଣା ପରିପ୍ରେକ୍ଷୀରେ ଏହାର ଦୃଢ଼ ପ୍ରତିବାଦ କରି ଶ୍ରମି ୟୁନିୟନର ଏକ ପ୍ରତିନିଧି ମଣ୍ଡଳୀ ଆଜି ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ସାକ୍ଷାତ କରିଛନ୍ତି। ୬୬୦ ମେଗାୱାଟ୍ ବିଶିଷ୍ଟ ତାପଜ ବିଦ୍ୟୁତ୍ କେନ୍ଦ୍ର ଉତ୍ପାଦନ କ୍ଷମତା ଶତକଡ଼ା ୮୫ ଭାଗ ଥିବାସ୍ଥଳେ ପୁରୁଣା ହୋଇଥିବା ଆଳ ଦେଖାଇ କେନ୍ଦ୍ର ସରକାର ଏହାକୁ ବନ୍ଦ କରିବା ମସୁଧା କରୁଥିବା ପ୍ରତିନିଧି ମଣ୍ଡଳ ଏକ ସ୍ମାରକପତ୍ର ବାଚସ୍ପତିଙ୍କୁ ପ୍ରଦାନ କରି ଏହାର ଘୋର ପ୍ରତିବାଦ କରିଛନ୍ତି। କେନ୍ଦ୍ର ସରକାର ୬୬୦ ମେଗାୱାଟ୍ ବିଶିଷ୍ଟ ୨ଟି ଉନ୍ନତମାନର ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନର ପ୍ରତିଶ୍ରୁତି ଦେଇଥିଲେ ହେଁ କୋଭିଡ୍ ଆଳରେ ଏପର୍ଯ୍ୟନ୍ତ ଏହାକୁ ପ୍ରତିଷ୍ଠା ନକରିଥିବା ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବନ୍ଦ ନିଷ୍ପତି ଯୋଗୁଁ ୩୦ ହଜାର ଶ୍ରମିକ ରୋଜଗାର ହରାଉଥିବାବେଳେ ୬ଟି ପଂଚାୟତର ୨ଲକ୍ଷ ଅଧିବାସୀ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେବେ ଏବଂ ସେମାନଙ୍କର ମୌଳିକ ଆବଶ୍ୟକତା ଯଥା ପାନୀୟ ଜଳ, ଶିକ୍ଷା, ସଡ଼କ ଯୋଗାଯୋଗ ଓ ଭିତିଭୂମି ବିକାଶ ପ୍ରଭୃତି ବ୍ୟାପକ ଭାବେ ବ୍ୟାହତ ହେବ ବୋଲି ସେମାନେ ଦର୍ଶାଇଥିଲେ। ୨୨୦ କୋଟି ଟଙ୍କା ବ୍ୟୟରେ ପୁରୁଣା ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ଆଧୁନୀକିକରଣ ପାଇଁ ଏବଂ ନୂତନ ତାପଜ ବିଦ୍ୟୁତ କେନ୍ଦ୍ର ଅବିଳମ୍ବେ ସ୍ଥାପନ ପାଇଁ ସେମାନେ ଦୃଢ଼ ଦାବି କରିଥିଲେ। ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ରର ବିଦ୍ୟୁତ ଉତ୍ପାଦନ ସନ୍ତୋଷଜନକ ଥିବା ସ୍ଥଳେ ଏବଂ ଉତ୍ପାଦନରେ ରାଷ୍ଟ୍ରପତି ପୁରସ୍କାର ପାଇଥିବାସ୍ଥଳେ ବନ୍ଦ ନିଷ୍ପତି ନିହାତି ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ମଧ୍ୟ ସେମାନେ ମତ ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀର ଆଇଟିୟୁସି ସର୍ବଭାରତୀୟ ସଭାପତି ରାମଚନ୍ଦ୍ର ଖୁଂଟିଆ, ସିଟୁ ରାଜ୍ୟ ସମ୍ପାଦକ ଉପେନ୍ଦ୍ର ଶର୍ମା, ଏଆଇ.ଟି.ୟୁ.ସି. ସର୍ବଭାରତୀୟ ଉପସଭାପତି ରାମକୃଷ୍ଣ ପଣ୍ଡା, ଓଆଇଟିୟୁସି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସିୟୁଟିୟୁସିର ଜ୍ୟୋତିରଞ୍ଜନ ମହାପାତ୍ର, ଏଚ୍ଏମ୍ଏସ୍‌ର ଯୁଗ୍ମ ସମ୍ପାଦକ ବି.ବି. ଦାଶ, ଆଇଏନ୍‌ଟିୟୁସିର ଯୁବ ଅଧ୍ୟକ୍ଷ ବିଷ୍ଣୁ ମୋହନ ରଥ, ଶ୍ରମିକ ଏକତା ମଂଚ ସଭାପତି ଶ୍ରବଣ ସାମଲ ପ୍ରମୁଖ ସାମିଲ ଥିଲେ।

## ଏନଏଚଆଇ ଟୋଲ ପ୍ଲାଜା ଆସୋସିଏସନର ନୂତନ କର୍ମକର୍ତ୍ତା ଚୟନ

କୋରେଇ,୧୯।୩ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥରେ ଥିବା ପାଣିକୋଇଲି ଟୋଲା ପ୍ଲାଜାର ଏନଏଚ ଟୋଲ ପ୍ଲାଜା ଆସୁସିଏସନର ନୂର୍ତନ କର୍ମକର୍ତା ଚୟନ ହୋଇଛି। ଚଳିତ ବର୍ଷ ପାଇଁ ସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇ, ଉପସଭାପତି ଅଜୟ ମଲିକ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ସହସମ୍ପାଦକ ବିଜୟ କୁମାର ଦାଶ, କୋଷାଧକ୍ଷ ଭାବେ ବୃନ୍ଦାବନ ପଣ୍ଡା ଓ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଚକ୍ରଧର ଓଝା, ସୁକାନ୍ତ ସାହୁ, ମଧୁସୂଦନ ଦତ, ଅମୂଲ୍ୟ କୁମାର ସାହୁ, ସନ୍ତୋଷ କୁମାର ଦାଶ, ସନ୍ତନ ବାରିକ, ଚିତରଂଜନ ଦାଶ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟାଭାବେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଓ ସମାଜସେବୀ ସୂର୍ଯ୍ୟମଣି ପଣ୍ଡାଙ୍କୁ ମନୋନୀତ କରାଯାଇଛି।

## ତାଳଚେର ଥର୍ମାଲ ତାପଜ ବିଦ୍ୟୁତ କେନ୍ଦ୍ର ସମସ୍ୟା ନେଇ ଶ୍ରମମନ୍ତ୍ରୀଙ୍କୁ ଭେଟିଲେ ଶ୍ରମିକ ସଂଗଠନ

ଭୁବନେଶ୍ୱର ,୧୯।୩ (ନି.ପ୍ର): ଏନ.ଟି.ପି.ସି./ ତାଳଚେର ଥର୍ମାଲ ତାପଜ ବିଦ୍ୟୁତ କେନ୍ଦ୍ର ବନ୍ଦ ହେଉଥିବା ପ୍ରସଙ୍ଗରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପ୍ରତିନିଧିଦଳମାନେ ଶ୍ରମମନ୍ତ୍ରୀଙ୍କୁ ଭେଟି ସ୍ମାରକ ପତ୍ର ଦେଇଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଏହାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଆବଶ୍ୟକତା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୁଶାନ୍ତ ସିଂହ ଆଲୋଚନାରେ କହିଛନ୍ତି। ତାଳଚେର ଥର୍ମାଲକୁ ଅପ୍ରେଲ ୧ ତାରିଖରୁ ବନ୍ଦ କରିବାକୁ ଯାଉଥିବାରୁ ରାଜ୍ୟ ସରକାର ଏ ବାବଦରେ ତୁରନ୍ତ ହସ୍ତକ୍ଷେପ କରି ସେ ଅଂଚଳରେ ଜନସାଧାରଣ ପ୍ରଭାବିତ ସ୍ୱାର୍ଥ ତଥା କାରଖାନାରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏହି ପ୍ରତିନିଧିଦଳ ଶ୍ରମମନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ଦେଇଥିଲେ। ଏହି ପ୍ରତିନିଧିଦଳରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖା ସଭାପତି ତଥା ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ, ଏ.ଆଇ.ଟି.ୟୁ.ସି - ରାମକୃଷ୍ଣ ପଣ୍ଡା, ଏଚ.ଏମ୍.ଏସ୍ - ବିରେନ୍ଦ୍ର ପ୍ରତାପ ଦାସ, ସି.ଆଇ.ଟି.ୟୁ - ଦୁଷ୍ମନ୍ତ କୁମାର ଦାସ, ଏ.ଆଇ.ୟୁ.ଟି.ୟୁ.ସି - ପୂର୍ଣ୍ଣଚନ୍ଦ୍ର ବେହେରା, ଏ.ଆଇ.ସି.ସି.ଟି.ୟୁ - ମହେନ୍ଦ୍ର ପରିଡ଼ା, ଟି.ୟୁ,ସି.ସି - ଜ୍ୟୋତି ରଞ୍ଜନ ମହାପାତ୍ର, ସେୱା - ପରିଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଜନଗଣନା ପାଇଁ ପଦକ ଓ ପ୍ରମାଣ ପତ୍ର ପ୍ରଦାନ

ଜଗତସିଂହପୁର,୧୯।୩ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ୨୦୧୧ ଜନଗଣନା କାର୍ଯ୍ୟରେ ନିର୍ଭୁଲ ଓ ସଠିକ୍ ଭାବରେ କାର୍ଯ୍ୟ ସଂପାଦନ କରିଥିବାରୁ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ପ୍ରଶଂସା କରିବା ସହିତ ପଦକ ପ୍ରଦାନ କରିଛନ୍ତି । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଜନଗଣନାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୯ଜଣ ପରିଗଣନାକାରୀ (ଏନ୍ୟୁମରଟର) ଏବଂ ୨ଜଣ ପର୍ଯ୍ୟବେକ୍ଷଣକାରୀ (ସୁପରଭାଇଜର) ମାନଙ୍କୁ ଭାରତୀୟ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଦତ ପ୍ରମାଣ ପତ୍ର , ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଛି। ପ୍ରମାଣ ପତ୍ର ଓ ପଦକ ପ୍ରଦାନ କରି ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର କହିଲେ ଗତ ଜନଗଣନା ସମୟରେ ଆପଣମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଏହା ଆପଣଙ୍କ ପାଇଁ ତଥା ଜିଲ୍ଲା ପ୍ରଶାସନ ପାଇଁ ଆନନ୍ଦ ଓ ଗୌରବର କଥା । ଆପଣଙ୍କର କାର୍ଯ୍ୟଦକ୍ଷତା, କର୍ମନିଷ୍ଠତା ଓ କର୍ମଠତା ପାଇଁ ଆପଣମାନଙ୍କୁ ସମ୍ମାନୀତ କରାଯାଉଛି । ଆପଣଙ୍କର କର୍ମମୟ ଜୀବନର ସଫଳତା ପାଇଁ ସାଧୁବାଦ ଜଣାଉଛି । ଆଜିର ଏହି କାର୍ଯ୍ୟକ୍ରମରେ ବିରିଡ଼ିର ତତ୍କାଳୀନ ତହସିଲଦାର ଶ୍ରୀ ସୁରରାଜ ସଦସ୍ୟ, ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା, ଜଗତସିଂହପୁର, ସଂଜୀବ କୁମାର ମହାପାତ୍ର, ସହକାରୀ ଶିକ୍ଷକ, ବି.ବି.ହାଇସ୍କୁଲ, କୁଜଙ୍ଗ, ଜ୍ୟୋତିରଂଜନ ସାହୁ, ଏସ୍.ଏସ୍.ଏମ୍, ନାଉଗାଁ, ତପନ କୁମାର ପ୍ରଧାନ, ସୁଧକଣି ପ୍ରାଇମେରୀ ସ୍କୁଲ, ରୁଦ୍ର ପ୍ରସାଦ ସ୍ୱାଇଁ, ବାନାମ୍ବର ମଲ୍ଲିକ, କେ.ଏଲ୍.ହାଇସ୍କୁଲ, ବରଦା ପ୍ରସନ୍ନ ବଳିୟାର ସିଂହ, ରମାକାନ୍ତ ରାଉତ, ଦଧିବାମନ ୟୁ.ପି.ସ୍କୁଲ, ସତ୍ୟ ପ୍ରସନ୍ନ ଗୁରୁ, ଚୌଧୁରୀକୁଦ ପ୍ରାଇମେରୀ ସ୍କୁଲ, ନୃସିଂହ ଚରଣ ବାହାଲିଆ, ସୁରବଲ ହାଇସ୍କୁଲ, ବଉଳାଙ୍ଗ, ବିପିନ୍ କୁମାର ସେଠୀ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜଗତସିଂହପୁରଙ୍କୁ ପଦକ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ-ତଥା- ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପ-ଜନଗଣନା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ କାମିନୀ ରଂଜନ ପଟ୍ଟନାୟକ,ବରିଷ୍ଠ ରାଜସ୍ୱ ସହାୟକ ସମ୍ରାଟ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଝାରସୁଗୁଡାରେ ପହଂଚିଲା କୃଷକ ଅଧିକାର ଯାତ୍ରା

ଝାରସୁଗୁଡା,୧୯।୩ (ନି.ପ୍ର): ୧୨ଟି ବିଭିନ୍ନ ସଂଗଠନର କର୍ମକର୍ତାଙ୍କୁ ନେଇ ଗତ ମାର୍ଚ୍ଚ ୧୨ ତାରିଖ ଦାଣ୍ଡିଯାତ୍ରା ଦିବସରୁ ଭୁବନେଶ୍ୱରରୁ ଏହି ଯାତ୍ରା ବାହାରି ଗଞ୍ଜାମ, ଗଜପତି, କୋରାପୁଟ, ବଲାଙ୍ଗୀର, ସୋନପୁର, ବରଗଦ, ସମ୍ବଲପୁର ସହ ୨୦ଟି ଜିଲ୍ଲା ଗସ୍ତ ଶେଷ କରି ଆଜି ଝାରସୁଗୁଡାରେ ପହଞ୍ଚିବା ପରେ ସେମାନଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ବଡମାଳ ଛକ ଠାରୁ ସ୍ୱାଗତ କରି ସ୍ଥାନୀୟ ଚାଷୀ ଓ ଶ୍ରମିକ ସଂଗଠନ ପକ୍ଷରୁ ଅଣାଯାଇଥିଲା । ପରେ କପୁମାଳ ଠାରେ ଚାଷୀ ଓ ଶ୍ରମିକ ମାନଙ୍କୁ ନେଇ ଆୟୋଜିତ ଏକ ସଭାରେ ଉପସ୍ଥିତ ଶ୍ରମିକ ଓ ଚାଷୀଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ୩ଟି କୃଷିବିଲ ନାକାରାତ୍ମକ ଦିଗ ଉପରେ କହିଥିଲେ । ଏଥିସହ ରାଜ୍ୟରେ ବିଜେଡି ଓ ବିଜେପି ସଦସ୍ୟ ମାନେ ଯେପରି ବିଧାନସଭାରେ ହଟ୍ଟଗୋଳ କରି ବିଧାନସଭାକୁ ଚଳାଇ ଦେଉ ନାହାନ୍ତି ନାପସନ୍ଦ କରି ଉଭୟ ଦଳ ଚାଷୀଙ୍କ ମଧ୍ୟରେ ଧାନ କିଣାକୁ ନେଇ ଭ୍ରମ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ବୋଲି କହି ସମାଲୋଚନା କରିଛନ୍ତି। ଏହି କୃଷକ ଅଧିକାର ଯାତ୍ରା ଶହୀଦ ଭଗତ ସିଂହଙ୍କ ବଳିଦାନ ଦିବସରେ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ଚାଷୀ ସମାବେଶ କରାଯିବ ।

## ଅଣସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପିତ

ଭୁବନେଶ୍ୱର ,୧୯।୩ (ନି.ପ୍ର): କଂଗ୍ରେସ ଭବନ ସଭା କକ୍ଷରେ ରାଜ୍ୟ ଅଣସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଅଛି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ରାଜ୍ୟର ଅଣସଂଗଠିତ ଶ୍ରମିକଙ୍କର ସମସ୍ତ ବହୁବିଧ ସମସ୍ୟା ସମାଧାନ ନିମନ୍ତେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏଆଇସିସିର ଅଣସଂଗଠିତ ଶ୍ରମିକ କଂଗ୍ରେସର ଓଡିଶା ପ୍ରଭାରୀ ଶ୍ରୀମତୀ ଚନ୍ଦ୍ରଲେଖା ପାଣ୍ଡେ ଯୋଗଦେଇ କଂଗ୍ରେସ ଦଳର ଏହି ପ୍ରକୋଷ୍ଠର ତୃଣମୂଳ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତାମାନେ ବ୍ୟାପକ ପ୍ରଶିକ୍ଷଣ ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ଅଣସଂଗଠିତ ଶ୍ରମିକମାନଙ୍କୁ ସାମିଲ ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ପିପିଲି ଉପନିର୍ବାଚନରେ ଅଣସଂଗଠିତ ଶ୍ରମିକ କଂଗ୍ରେସର ସୁଦକ୍ଷ ଓ ଅନୁଭବୀ କର୍ମକର୍ତାମାନଙ୍କୁ ନିର୍ବାଚନ ପ୍ରଚାର ଦାୟିତ୍ୱରେ ନିୟୋଜିତ କରିବାକୁ ପ୍ରଦେଶ କଂଗ୍ରେସ କମିଟିର ପ୍ରାକ୍ତନ ମୁଖପାତ୍ର ପଦ୍ମାକର ଗୁରୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଉକ୍ତ କାର୍ଯ୍ୟକାରିଣୀରେ ସର୍ବଶ୍ରୀ କୈଳାସ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, ନିରୁପମା ଦାସ, ଜ୍ୟୋସ୍ନାମୟୀ ସେନାପତି, ରାଇଚରଣ ମହାନ୍ତି, ପରମାନନ୍ଦ ସେଠୀ ପ୍ରମୁଖ ରାଜ୍ୟ ସଂଯୋଜକ ମଂଚାସୀନ ଥିବା ବେଳେ ଜିଲ୍ଲା ସଂଯୋଜକ ଓ ସଂଯୋଜିକା ତଥା ରାଜ୍ୟ ସଂଯୋଜିକାମାନଙ୍କୁ ସଂଗଠନର ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଗୁରୁମନ୍ତ୍ର ପ୍ରଦାନ କରିଥିଲେ।

## ରାଜ୍ୟ ସରକାରଙ୍କୁ ଓଡ଼ିଶା ଖଣି ନିଗମର ଏକ ହଜାର କୋଟି ଟଙ୍କା ଲାଭାଂଶ ପ୍ରଦାନ

ଭୁବନେଶ୍ୱର,୧୯।୩ (ନି.ପ୍ର): ଓଡ଼ିଶା ଖଣି ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦୨୦-୨୧ ବର୍ଷ ପାଇଁ ମଧ୍ୟବର୍ତୀକାଳୀନ ଲାଭାଂଶ ବାବଦରେ ଏକ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓଡ଼ିଶା ଖଣି ନିଗମ ପକ୍ଷରୁ ୧୦୦୦ କୋଟି ଟଙ୍କାର ଚେକ୍ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ।

ଏହି ଅବସରରେ ଅର୍ଥ ବିଭାଗର ପ୍ରମୁଖ ସଚିବ ଶ୍ରୀ ଅଶୋକ ମୀନା, ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ଏବଂ ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବଲୱନ୍ତ ସିଂହ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ଜମି ବିକ୍ରି ନିଷ୍ପତ୍ତିକୁ ସରକାର ରଦ୍ଦ କରନ୍ତୁ - ପ୍ରଦିପ୍ତ ନାଏକ

ଭୁବନେଶ୍ୱର ,୧୯।୩ (ନି.ପ୍ର): ଶ୍ରୀଜଗନ୍ନାଥଙ୍କର ୩୫ ହଜାର ଏକର ଜମି ବିକ୍ରି କରିବା ପାଇଁ ସରକାର ନିଷ୍ପତି ନେଇଛନ୍ତି ବୋଲି ବିଧାନସଭାରେ ଆଇନ ମନ୍ତ୍ରୀଙ୍କର ଉତରକୁ କଡା ସମାଲୋଚନା କରିଛନ୍ତି ବିରୋଧୀ ଦଳର ନେତା ପ୍ରଦିପ୍ତ ନାଏକ। ଏହି ନିଷ୍ପତି କୋଟି କୋଟି ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁଙ୍କର ମନକୁ ଆଘାତ ଦେଇଛି । ଏହା ବିଶ୍ୱର ସମସ୍ତ ହିନ୍ଦୁମାନଙ୍କ ମନରେ ଦୁଃଖ ଆଣିଛି । ସରକାରଙ୍କର ଏହି ନିଷ୍ପତି ସମ୍ପୂର୍ଣ୍ଣ ଭୁଲ, ଏହି ନିଷ୍ପତିକୁ ସରକାର ରଦ୍ଦ କରନ୍ତୁ ବୋଲି ଶ୍ରୀ ନାଏକ ଦାବି କରିଛନ୍ତି। ଶ୍ରୀ ନାଏକ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନାଁରେ ଥିବା ସମସ୍ତ ଜମିର ମାଲିକ ହେଉଛନ୍ତି ନିଜେ ଜଗନ୍ନାଥ। ସରକାର କେବଳ ଏହାର ଜଗାରଖା କରିବେ, ମାଲିକ ନୁହନ୍ତି। ତେଣୁ ସରକାରଙ୍କର ସେହି ଜମିକୁ ବିକ୍ରିକରିବାର କୌଣସି ଅଧୀକାର ନାହିଁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସର୍ବମୋଟ ୬୦,୪୨୬ ଏକର ଜମି ଅଛି । ସେଥିରୁ ଯଦି ୩୫ ହଜାର ଜମି ବିକ୍ରିକରାଯାଏ ତାହେଲେ ମହାପ୍ରଭୁଙ୍କର ୫୮% ଜମି ଚାଲିଯିବ । ଏହାକୁ କରାଇ ଦିଆଯିବ ନାହିଁ । ସେହିପରି କଟକରେ ଯେଉଁ ୩୧୫ ଏକର ଜମିକୁ ସରକାର ବିକ୍ରି କରିସାରିଛନ୍ତି ସେଠାରେ ଏକର ପିଛା ମାତ୍ର ୩ ଲକ୍ଷ ୫୫ ହଜାର ଟଙ୍କା ଶ୍ରୀମନ୍ଦିର ପ୍ରଶାସନକୁ ମିଳିଛି। କାହିଁକି ବଜାର ଦର ଅପେକ୍ଷା ଏତେ ଶସ୍ତାରେ ସେହି ୩୧୫ ଏକର ଜମିକୁ ବିକ୍ରି କରାଗଲା ତାହା ସନ୍ଦେହ ଜନକ । ଏଠାରେ ଦୁର୍ନୀତିର ଆଭାସ ମିଳୁଛି । ପୂର୍ବରୁ ବଗଲା ଧର୍ମଶାଳା ଜମିକୁ ପୁରୀ ଜିଲ୍ଲା ପ୍ରଶାସନ ଘରୋଇ ଲଜ ମାଲିକଙ୍କୁ ବିକୁଥିଲା । ପ୍ରତିବାଦ ହେବା ପରେ ସେମାନେ ଏହାକୁ ସ୍ଥଗିତ କରିଛନ୍ତି। ଶ୍ରୀଜଗନ୍ନାଥ ଜମିକୁ ନେଇ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି ।

## ଚନ୍ଦକା ଜଙ୍ଗଲରେ ଅଗ୍ନିକାଣ୍ଡରେ କୌଣସି ବନ୍ୟଜନ୍ତୁ ମୃତାହତ ହୋଇନାହାନ୍ତି

ଭୁବନେଶ୍ୱର,୧୯।୩ (ନି.ପ୍ର): ଚନ୍ଦକା ଜଙ୍ଗଲରେ କ୍ରମାଗତ ଅଗ୍ନି କିମ୍ବା କୌଣସି ବନ୍ୟଜନ୍ତୁ ମୃତାହତ ହେବା ଦୃଷ୍ଟି ଗୋଚର ହୋଇନାହିଁ । ଅପରପକ୍ଷରେ ରାଜ୍ୟରେ ବର୍ତମାନର ବନାଗ୍ନି ପରିସ୍ଥିତିକୁ କ୍ଷେତ୍ରସ୍ତରରେ ଓ କ୍ଷେତ୍ରାଧିକାରୀଙ୍କ ସହ ନିରନ୍ତର ତଦାରଖ ଓ ସମୀକ୍ଷା କରିବା ଜାରି ରହିଛି ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ପକ୍ଷରୁ କୁହାଯାଇଛି।

ଟାସ୍କଫୋର୍ସ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ସରକାର ରାଜ୍ୟରେ ସୃଷ୍ଟି ହୋଇଥିବା ବନାଗ୍ନି ପରିସ୍ଥିତିକୁ ପ୍ରଶମିତ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିଛନ୍ତି ଏବଂ ବର୍ତମାନ ସୁଦ୍ଧା ରାଜ୍ୟରେ ବନାଗ୍ନି ସ୍ଥିତି ଆୟତାଧିନ ଅଛି। ରାଜ୍ୟ ସରକାର ଜିଲ୍ଲା ପ୍ରଶାସନଙ୍କ ସହ ସମ୍ପର୍କ ରଖି ସ୍ଥାନୀୟ ସମ୍ପ୍ରଦାୟ, ଆଗ୍ନିକ ଓ ପିଆରଆଇ କର୍ମଚାରୀଙ୍କ ସହଯୋଗକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଇଲାକାର ଅଗ୍ନିପ୍ରବଣ ଅଂଚଳ ସହ ହଟସ୍ପଟ୍ ଗୁଡ଼ିକରେ ବନାଗ୍ନିର ବିସ୍ତାରକୁ ରୋକିବା ପାଇଁ ସମ୍ପୂର୍ଣ୍ଣ ସଜାଗ ଓ ସତର୍କ ରହିବାକୁ ବନଖଣ୍ଡ ଅଧିକାରୀ ଓ ଆଂଚଳିକ ବନସଂରକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗଠିତ ଟାସ୍କଫୋର୍ସ ନିକଟ ଅତୀତରେ, ଶିମିଳିପାଳ ପରିଦର୍ଶନରେ ଯାଇ ବନଅଧିକାରୀ ଓ ସ୍ଥାନୀୟ ସମ୍ପ୍ରଦାୟ ଗୁଡ଼ିକ ସହ ଆଲୋଚନା କରିଛନ୍ତି। ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ରାଜ୍ୟ ବନବାହିନୀ ମୁଖ୍ୟ ଓ ଟାସ୍କଫୋର୍ସର ଅଧ୍ୟକ୍ଷ ଗତକାଲି ବନଖଣ୍ଡ ଅଧିକାରୀ ଓ ଆଂଚଳିକ ବନସଂରକ୍ଷକଙ୍କ ସହ ବନାଗ୍ନି ସ୍ଥିତିର ସମୀକ୍ଷା କରିଥିଲେ।

## ୨୨ ରେ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି : ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ପୁରୀ, ୧୮ ମାର୍ଚ୍ଚ (ହି.ସ.)- ଆସନ୍ତା ୨୨ତାରିଖରେ ପୁରୀ ଶ୍ରୀମନ୍ଦିର ପରିଦର୍ଶନରେ ଆସିବେ ରାଷ୍ଟ୍ରପତି ରାମନାଥ କୋଭିନ୍ଦ । ସେଥିପାଇଁ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ୨୨ ତାରିଖ ଦିନ ୧୨ଟାରୁ ୧ ଟା ମଧ୍ୟରେ ରାଷ୍ଟ୍ରପତି ଶ୍ରୀମନ୍ଦିର ରତ୍ନ ସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଦର୍ଶନ ବେଳେ ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା ତାଙ୍କ ସହିତ ରହିବେ । ରାଷ୍ଟ୍ରପତିଙ୍କ ଏହି ଗସ୍ତ ସମୟରେ ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିବ । ସେହିପରି ରାଷ୍ଟ୍ରପତିଙ୍କ ସାଙ୍ଗରେ ଯିବାକୁ ଥିବା ସମସ୍ତ ଅନୁଗାମୀ, ଅଧିକାରୀ ଓ ସେବାୟତ ମାନଙ୍କର କୋଭିଡ୍ ଟେଷ୍ଟ କରାଯିବ । ଏହା ପରେ ସ୍ଥାନୀୟ ସର୍କିଟ୍ ହାଉସରେ ସ୍ୱଳ୍ପ ରହଣି ପରେ କୋଣାର୍କ ଅଭିମୁଖେ ଯାତ୍ରା କରିବେ ରାଷ୍ଟ୍ରପତି କୋଭିନ୍ଦ । କୋଣାର୍କରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ଅଏଲ୍ ଇଣ୍ଡିଆର ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିବେ । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୨୦୧୮ ମସିହା ମାର୍ଚ୍ଚ ୧୮ ତାରିଖରେ ରାଷ୍ଟ୍ରପତି ପ୍ରଥମ ଥର ପାଇଁ ଶ୍ରୀମନ୍ଦିର ପରିଦର୍ଶନରେ ଆସିଥିବା ବେଳେ ଏହା ତାଙ୍କର ଦ୍ୱିତୀୟ ଗସ୍ତ ।

## ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି କରି ମହାପାପ କରିଛନ୍ତି ରାଜ୍ୟ ସରକାର : ଲେଖାଶ୍ରୀ

ଭୁବନେଶ୍ୱର ,୧୯।୩ (ନି.ପ୍ର): ନବକଳେବର ସମୟରେ ବ୍ରହ୍ମ ବିଭ୍ରାଟ କଲେ , ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଚାବି ହଜାଇ କୋଟି କୋଟି ଟଙ୍କାର ଧନ ସଂପତି ଲୁଟ୍ କଲେ , ବଗଲା ଧର୍ମଶାଳାକୁ ବିକ୍ରି କରିଦେଲେ । ସୌନ୍ଦର୍ଯ୍ୟକରଣ ନାଁରେ ମନ୍ଦିର ମଠ ଭାଙ୍ଗିଲେ , ସ୍ୱର୍ଗଦ୍ୱାର ଜମିକୁ ଲୁଟ୍ କଲେ ରାଜ୍ୟ ସରକାର । ଏପରିକି ଗତ ବର୍ଷ କୋରନାର ଆଳ ଦେଖାଇ ମିଥ୍ୟା ତଥ୍ୟ ଏବଂ ଦାମୀ ଓକିଲ ଲଗାଇ ରଥଯାତ୍ରା କରାଇ ନଦେବାର ଷଡଯନ୍ତ୍ର ରଚିଥିଲେ । ଆଉ ଏବେ ରାଜ୍ୟ ସରକାର ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କର ପାଖାପାଖି ୩୫ ହଜାର ଏକର ଜମି ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ଘଟଣା । ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି କରି ରାଜ୍ୟ ସରକାର ମହାପାପ କରିଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।

ଡ. ସାମନ୍ତସିଂହାର କହିଛନ୍ତି ଯେ, ମାର୍ଚ୍ଚ ୧୬ ତାରିଖ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ବିଧାନସଭା ପ୍ରଶ୍ନର ଉତରରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ମହାପ୍ରଭୂ ଜଗନ୍ନାଥଙ୍କ ମୂଲ୍ୟବାନ ଜମି ରାଜ୍ୟ ସରକାର ବିକ୍ରି କରିବାର ପ୍ରକ୍ରିୟାରେ ଅଛନ୍ତି ବୋଲି କହିଛନ୍ତି । ରାଜ୍ୟ ଭିତରେ ୨୪ ଟି ଜିଲ୍ଲାରେ ଥିବା ୬୦,୪୨୬.୯୪୩ ଏକର ଜମି ଚିହ୍ନଟ ହୋଇଛି ଏବଂ



୩୪,୮୭୬.୯୮୩ ଏକର ଜମି ବିକ୍ରି କରିବା ପାଇଁ ଯୋଜନା ଚାଲିଛି । କଟକରେ ଭାରତୀ କୋଠାର ୩୧୫.୩୩୭ ଏକର ଜମିକୁ ରାଜ୍ୟ ସରକାର ବିକ୍ରି କରିସାରିଲେଣି । ଓଡିଆ ଅସ୍ମିତାକୁ କ୍ଷୁର୍ଣ୍ଣ କରିବାର ଅପଚେଷ୍ଟା ବନ୍ଦ କରନ୍ତୁ ରାଜ୍ୟ ସରକାର । ରାଜ୍ୟ ସରକାର ୩୫ ହଜାର ଏକର ଜମି ବିକିବା ପାଇଁ ନେଇଥିବା ପଦକ୍ଷେପରୁ ନିବୃତ ରୁହନ୍ତୁ ନଚେତ ଆଗାମୀ ଦିନରେ ବିଜେପି ରାଜରାସ୍ତାରେ ଆନ୍ଦୋଳନ କରିବା ସହ ଆଇନଗତ ପଦକ୍ଷପ ଗ୍ରହଣ କରିବ ବୋଲି ଡ. ସାମନ୍ତସିଂହାର ଚେତାବନୀ ଦେଇଛନ୍ତି ।

## ୬୫ ଜଣ ନୂତନ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ଭୁବନେଶ୍ୱର ,୧୯।୩ (ନି.ପ୍ର): ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟସଂପଦର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ରାଜ୍ୟ ସରକାର କୃଷକମାନଙ୍କ ଆୟ ଦ୍ୱିଗୁଣିତ ଓ ବହୁଗୁଣିତ କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ମାଛଚାଷ କୃଷକମାନଙ୍କ ଆୟବୃଦ୍ଧିରେ ବିଶେଷ ସହାୟକ ହୋଇପାରୁଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଗୁରୁବାର ମଧ୍ୟାହ୍ନରେ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଆୟୋଜିତ 'କୃଷି ଓଡ଼ିଶା ୨୦୨୧' ପରିସରରେ ୬୫ ଜଣ ନୂତନ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ ଅବ ସର ରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଆଧୁନିକ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତିରେ ମାଛଚାଷ କରି ରାଜ୍ୟକୁ ମତ୍ସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ସହିତ ରପ୍ତାନୀ ବୃଦ୍ଧି କରି ଅଧିକରୁ ଅଧିକ ବୈଦେଶିକ ମୁଦ୍ରା ଅର୍ଜନ କରିବା ଆମର ଲକ୍ଷ୍ୟ ହେବା ଉଚିତ୍ । ବିଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ୨.୫୯ ଲକ୍ଷ ମେଟ୍ରିକ୍ ଟନ୍ ରୁ ୮.୧୬ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ପାଇଛି । ସେହିପରି ମତ୍ସ୍ୟ ରପ୍ତାନୀ ୩୭୯ କୋଟି ଟଙ୍କାରୁ ୩୨୪୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ରାଜ୍ୟର ପ୍ରାୟ ୧୪.୬୪ ଲକ୍ଷ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ମତ୍ସ୍ୟ କ୍ଷେତ୍ର ସହିତ ଜଡ଼ିତ ଥିବାରୁ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ମତ୍ସ୍ୟ ଅଧିକାରୀମାନେ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ଡଃ ସାହୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରବର୍ତିତ ୫ 'ଟି' ଓ ମୋ ସରକାରକୁ କଡ଼ାକଡ଼ି ଭାବେ ପାଳନ କରି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କଲ୍ୟାଣକାରୀ କାର୍ଯ୍ୟକ୍ରମର ସୁଫଳ ଚାଷୀମାନଙ୍କ ନିକଟରେ ସିଧାସଳଖ ପହଂଚାଇବା ପାଇଁ ମନ୍ତ୍ରୀ କହିଥିଲେ । ଏଥିସହିତ ନବନିଯୁକ୍ତ ସହକାରୀ ମତ୍ସ୍ୟ ଅଧିକାରୀମାନେ ବୃତିଗତ କର୍ତବ୍ୟ ଓ ସେବା ମନୋଭାବ ନେଇ କାର୍ଯ୍ୟଶୈଳୀରେ ଉନ୍ନତି ଓ ନିଜ ନିଜ କ୍ଷେତ୍ରରେ ନେତୃତ୍ୱ ସୃଷ୍ଟି କରିପାରିଲେ ରାଜ୍ୟର ଅଗଣିତ ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନେ ବହୁଳ ଭାବରେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଡଃ ସାହୁ କହିଥିଲେ ।

ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍.ରଘୁପ୍ରସାଦ କହିଲେ ନବନିଯୁକ୍ତ ଅଧିକାରୀମାନେ ମତ୍ସ୍ୟ ସମ୍ପଦ ବିକାଶ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ପ୍ରାରମ୍ଭରେ କମିଶନର ତଥା ନିର୍ଦ୍ଦେଶକ ରତ୍ନାକର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ବିଭାଗର ଅତିରିକ୍ତ ଶାସନ ସଚିବ ପୁରନ୍ଦର ଧାରୁଆ ଓ ମତ୍ସ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ କୁମାର ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## କେତେବେଳେ କେଶ କାଟିବା ଅନୁଚିତ୍



ଆମ ଦେଶରେ ଦୈନନ୍ଦିନ କାର୍ଯ୍ୟ ସହିତ ଜଡ଼ିତ ଅନେକ ପରମ୍ପରା ରହିଛି। ଯେପରି ସ୍ନାନ ପରେ ପୂଜା କରିବା, ଖାଇବା ପୂର୍ବରୁ ଗାଧୋଇବା, ମଙ୍ଗଳାର, ଶନିବାର ଓ ଗୁରୁବାର କେଶ ନ କାଟିବା ଇତ୍ୟାଦି। ଏସବୁ ମଧ୍ୟରେ ସବୁଠାରୁ ଗୁରୁତର ପ୍ରସଙ୍ଗ ହେଉଛି କେଶ କାଟିବା। ପ୍ରତ୍ୟେକ ଘରେ ପୁରୁଖା ଲୋକମାନେ ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ କେଶ କାଟିବା ପାଇଁ ବାରଣ କରୁଥିବା କଥା ଆମେ ଜାଣିଛୁ। କାହିଁକି ଏପରି ନିୟମ ରହିଛି ଅନେକ ସମୟରେ ଆମ ମନରେ ପ୍ରଶ୍ନ ଆସିଥାଏ। ମହାକାଶ ବିଜ୍ଞାନ ଓ ଜ୍ୟୋତିଷ ଶାସ୍ତ୍ରଗୁଡ଼ିକର ପୁରୁଣା ବହିଗୁଡ଼ିକ ଅଧ୍ୟୟନ କଲେ ଜଣାପଡ଼େ ଯେ, ଏହା ପଛରେ ସ୍ପଷ୍ଟ ବୈଜ୍ଞାନିକ କାରଣ ରହିଛି।

◆ ବିଜ୍ଞାନ ଅନୁସାରେ ସପ୍ତାହରେ ଏଭଳି କେତୋଟି ଦିନ ଅଛି ଯେଉଁ ଦିନଗୁଡ଼ିକରେ ଗ୍ରହମାନଙ୍କଠାରୁ ଯେଉଁ କିରଣ ବାହାରିଥାଏ, ତାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ। ଶନିବାର, ମଙ୍ଗଳବାର ଓ ଗୁରୁବାର ଦିନ ଗ୍ରହଗୁଡ଼ିକରୁ ବାହାରୁଥିବା କିରଣ ସିଧା ଆମ ମସ୍ତିଷ୍କ ଉପରେ ପଡ଼ିଥାଏ। ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗଟି ହେଉଛି ମସ୍ତିଷ୍କ। ମସ୍ତିଷ୍କର ମଝିଅଂଶ କୋମଳ ଓ ସମ୍ବେଦନଶୀଳ ହୋଇଥାଏ। ଯାହାର ସୁରକ୍ଷା କେଶ କରିଥାଏ। ତେଣୁ ଏହି ଦିନ ଗୁଡ଼ିକରେ କେଶ କାଟିବା ପାଇଁ ବାରଣ କରାଯାଇଛି।

◆ ଶାସ୍ତ୍ର ଅନୁଯାୟୀ, ମଙ୍ଗଳବାର ଦିନ କେଶ କାଟିବା ଦ୍ୱାରା ଆମର ଆୟୁ ଆଠମାସ କମିଯାଇଥାଏ। ଗୁରୁବାର ଦିନକୁ ଦେବୀ ଲକ୍ଷ୍ମୀଙ୍କ ବାର କୁହାଯାଏ। ଏହିଦିନ କେଶ କାଟିବା ଦ୍ୱାରା ଜଣେ ସବୁବେଳେ ଦରିଦ୍ରତା ମଧ୍ୟରେ ଜୀବନ କାଟିଥାଏ।

◆ ଶନିବାର ଦିନ ମଙ୍ଗଳଗ୍ରହର ଦିନ ହୋଇଥାଏ। ମଙ୍ଗଳଙ୍କ ନିବାସ ଆମ ରକ୍ତରେ ରହିଥାଏ। ରକ୍ତରୁ କେଶର ଉତ୍ପତ୍ତି ହୋଇଥାଏ। ସେହିଭଳି ଶନିବାର ଶନିଗ୍ରହଙ୍କ ଦିନ। ଶନିଗ୍ରହର ସିଧା ସମ୍ପର୍କ ଆମ ତ୍ୱଚା ସହିତ ଥାଏ। ତେଣୁ ମଙ୍ଗଳବାର ଓ ଶନିବାର ଦିନ କେଶ କାଟିବା ଦ୍ୱାରା ମଙ୍ଗଳ ଓ ଶନିଗ୍ରହର ଅଶୁଭ ପ୍ରଭାବ ପଡ଼ିପାରେ। ତେଣୁ ଏସବୁରୁ ରକ୍ଷା ପାଇବା ପାଇଁ ଏହି ଦିନଗୁଡ଼ିକରେ କେଶ କାଟିବା ପାଇଁ ବାରଣ କରାଯାଇଛି।

## ଖରାଦିନେ ଗଳାର ଯତ୍ନ



ଖରାଦିନେ ଅଧିକ ଝାଳ ବହେ, ଧୂଳିମଳି ଜମି ଗଳା କଳା ପଡ଼ିଯାଏ । ଗଳାର ସ୍ୱାଭାବିକ ରଙ୍ଗ ଫିକା ପଡ଼ି ସୌନ୍ଦର୍ଯ୍ୟ ନଷ୍ଟ ହୁଏ । ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମି ମଧ୍ୟ ତ୍ୱଚା ଉପରେ କୁପ୍ରଭାବ ପକାଏ । ଏସବୁ ସମସ୍ୟାରୁ ଅତି ସାଧାରଣ ଉପାୟରେ ମୁକ୍ତି ପାଇପାରିବେ ।

ଦୁଇ ଚାମଚ ଲେମ୍ବୁ ରସରେ ଅଳେଇଚ ମିଶାଇ ଗଳାରେ ଘଷନ୍ତୁ । ପନ୍ଦର ମିନିଟ୍ ପରେ ଉଷୁମ ପାଣିରେ ଧୁଅନ୍ତୁ । ରାତିରେ ଶୋଇବା ପୂର୍ବରୁ ଗଳାରେ ଲେମ୍ବୁ ରସ ଲଗାଇ ସକାଳେ ଥଣ୍ଡା ପାଣିରେ ଧୁଅନ୍ତୁ । କଞ୍ଚାକ୍ଷୀରରେ ତୁଳା ବୁଡ଼ାଇ କଳା ପଡ଼ିଥିବା ସ୍ଥାନରେ ଘଷନ୍ତୁ । ଏହା ଦ୍ୱାରା କଳା ଦାଗ ଦୂର ହୁଏ ଏବଂ ତ୍ୱଚା କୋମଳ ରହେ । ଦୁଇ ଚାମଚ ଅଲିଭ ତେଲରେ ଏକ ଚାମଚ ଚିନି ମିଶାଇ ଗଳା ଚାରିପଟେ ମାଲିସ କରନ୍ତୁ ।

## ଜଣ୍ଡିସ ପାଇଁ ଫଟୋଥେରାପି



ଅନେକଥର ଦେଖିବାକୁ ମିଳେ ଶିଶୁକୁ ଜନ୍ମରୁ ହିଁ ଜଣ୍ଡିସ ହୋଇଯାଇଥାଏ । ଏହି ରୋଗରେ ଶରୀରରେ ଥିବା ବିଲିରୁବିନ୍ ଲେବଲ କମ୍ କରିବା ପାଇଁ ଫଟୋଥେରାପିର ସାହାରା ନିଆଯାଇଥାଏ । ବିଲିରୁବିନର ଲେବଲକୁ କମ କରିବା ପାଇଁ ଫଟୋଥେରାପିର ସାହାରା ନିଆଯାଇଥାଏ । ଏଥିପାଇଁ ପିଲାମାନଙ୍କୁ କନକ୍ୟୁବେଟରରେ ରଖାଯାଇଥାଏ । ଏହି ଆଲୋକକୁ ବିଶେଷ ପ୍ରକାରର ଧଳା ଆଲୋକ ପକାଟାଇଥାଏ । ଏହି ଆଲୋକକୁ ପିଲାମାନଙ୍କର ଶରୀର ଅବଶୋଷିତ କରିଥାଏ । ଏହି ପ୍ରିକ୍ରିୟା ମାଧ୍ୟମରେ ପିଲାଙ୍କ ଶରୀରରୁ ବିଳିରୁବିନର ମାତ୍ରାରେ ପରିବର୍ତ୍ତନ ଆସେ ଓ ଏହି ବିଳିରୁବିନ୍ ପରିବର୍ତ୍ତି ହୋଇ ମଳ ଓ ପରିସ୍ରା ବାଟେ ବାହାରିଆସେ । ଏହି ପ୍ରିକ୍ରିୟାକୁ ଏବେ ଅଧିକାଂଶ ହସ୍ପିଟାଲରେ ବ୍ୟବହାର କରାଯାଉଛି । ଏଭଳି କରିବା ଫଳରେ ପିଲାଙ୍କୁ କୌଣସି କ୍ଷତି ହୁଏନାହିଁ ଓ ଶିଶୁ ସୁସ୍ଥ ରହେ ।

## ପସନ୍ଦ କରିପାରନ୍ତି ଗ୍ରୀଷ୍ମ ପରିଧାନ



ନାମୀ ଡିଜାଇନର ମନିଷ ମଲହୋତ୍ରା ଓ ଅବୁଜାନୀ ସନ୍ଦୀପ ଖୋସଲା ଏଥରକ ଗ୍ରୀଷ୍ମ ବଜାରକୁ ରଙ୍ଗୀନ କରିବାକୁ ଚେଷ୍ଟା କରି ସଫଳ ହୋଇଛନ୍ତି । ମନିଷଙ୍କ ମତରେ ପ୍ରତି ବର୍ଷ ଗରମଦିନେ ଉଭୟ ମହିଳା ଓ ଯୁବତୀ ବର୍ଗ; ହାଲକା ରଙ୍ଗର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଯେପରି ଈଷତ୍ ଗୋଲାପୀ ନୀଳ, ଧଳା, ସବୁଜ ଇତ୍ୟାଦି ଇତ୍ୟାଦି । କେତେକଙ୍କ ଯୁକ୍ତି ଯେ ଏସବୁ ରଙ୍ଗର ପୋଷାକ ପିନ୍ଧିଲେ ତାହା ଶରୀରକୁ ଆରାମ ଦେବା ସହ ଆଖିକୁ ମଧ ଶାନ୍ତି ଦିଏ । ଏହି ଚିନ୍ତାଧାରାକୁ ଭୁଲ ପ୍ରମାଣିତ କରିଛନ୍ତି ଆମ ଭାରତୀୟ ଡିଜାଇନର । ନିକଟରେ ଏକ ଫେଶନ ଶୋ'ରେ ଗ୍ରୀଷ୍ମ ଅନୁକୂଳ ପୋଷାକ ଭାବେ ମଡେଲରମାନେ ସମସ୍ତ ଗାଢ଼ ରଙ୍ଗର ପୋଷାକ ପିନ୍ଧି ୱାକ୍ କରିଥିଲେ । ପ୍ରଥମେ ମୁମ୍ବାଇ ବଜାରରେ ଏସବୁ ଡିଜାଇନର ପୋଷାକ ପ୍ରବେଶ ହୋଇ ଆଦୃତ ହେବା ପରେ ଭାରତର ଅନ୍ୟ ପ୍ରାନ୍ତରେ ମଧ ଏହାର ଚାହିଦା ବଢ଼ିଛି । ଡିଜାଇନରଙ୍କ ମତରେ ପୋଷାକର ମ୍ୟାଟେରିଆଲକୁ ଗୁରୁତ୍ୱ ଦିଆଯିବା ଉଚିତ, ରଙ୍ଗକୁ ନୁହେଁ । ଏହା ସହ ପୋଷାକଟି କିଭଳି ଭାବେ ଡିଜାଇନ ହୋଇଛି, ସେଥିପ୍ରତି ମଧ ଯୁବତୀମାନେ ଦୃଷ୍ଟି ଦେବା ଉଚିତ । ଏଥରକ 'ସମର ଡିଜାଇନ'ରେ ଗାଢ଼ ଲାଲ, ଗାଢ଼ ନୀଳ, ଗାଢ଼ ସବୁଜ ରଙ୍ଗର ପୋଷାକ ଗ୍ରାହକ ମହଲରେ ଖୁବ ଆଦୃତ ହେଉଥିବାର ଜଣାପଡ଼ିଛି ।



## ଗୋଡ଼ର ମାଂସପେଶୀ ଆରାମ ପାଇବ

ପାଦ, ଗୋଡ଼ ଏବଂ ଜଂଘ ମଣିଷର ଛିଡ଼ାହେବା ତଥା ଚାଲିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ବଳାଗଣ୍ଠି, ଆଣ୍ଠୁ ଏବଂ ଜଂଘ ଅସ୍ଥିର ଯୋଡେଇ ସ୍ଥାନ ସହିତ ମାଂସପେଶୀଗୁଡ଼ିକ ଉପରେ ଖୁବ୍ ଚାପ ପଡ଼େ । ତେଣୁ ଶରୀର ନିମ୍ନ ଭାଗରେ ଥିବା ଏହି ଗଣ୍ଠି ଓ ମାଂସ ପେଶୀ ସୁସ୍ଥ ରହିବା ଜରୁରୀ । ଏଥିପାଇଁ ବୀରାସନ ନାମକ ଏକ ଆସନ କରିବା ଲାଗି ପରାମର୍ଶ ଦିଆଯାଏ । ତେବେ ସମସ୍ତଙ୍କ ପାଇଁ ଏହା କରିବା ସହଜ ନୁହେଁ । ଏହି ସରଳ ଉପାୟ କରିପାରିଲେ ଗୋଡର ମାଂସପେଶୀ ସୁଦୃଢ଼ ରହିବ । ଏହା ମଧ ଅନେକ ସମୟରେ ପେଣ୍ଡାରେ ହେଉଥିବା ଯନ୍ତ୍ରଣା କମାଇଥାଏ । ଟାଣ ଫୋମ ବା ସ୍ପଞ୍ଜର ଦୁଇଟି ୮-୪-୪ ଇଞ୍ଚ ଇଟା ନିଅନ୍ତୁ । ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ବସି ପଡ଼ନ୍ତୁ । ଇଟା ଦୁଇଟି ପଛପଟେ ଗୋଟିକ ଉପରେ ଗୋଟିଏ ପରି ରହୁଥିବା ଆଣ୍ଠେଇବା ସହିତ ପାଦ ଇଟାର ଦୁଇ ପାର୍ଶ୍ୱରେ ଲମ୍ବାଇଦେବେ ଏବଂ ଆଣ୍ଠୁ ଉପର ସଳଖ ଭାବେ ୯୦ ଡିଗ୍ରୀ ହୋଇ ରହୁଥିବା ଜରୁରୀ ।

◆ ନିତମ୍ବ ଇଟା ଉପରେ ରହୁଥିବ । ◆ ଏବେ ଆଣ୍ଠୁ ଭାଙ୍ଗି ଇଟା ଉପରେ ନିତମ୍ବ ରଖି ବସିପଡ଼ିବେ । ◆ ଆଣ୍ଠୁ ଦୁଇଟି ପାଖାପାଖି ରହୁଥିବ । ◆ ଧୀର ଶ୍ୱାସକ୍ରିୟା ସହ ତିନିମିନିଟ ଏହି ଅବସ୍ଥାରେ ରହିବା ପରେ ଧୀରେଧୀରେ ଉଠିବେ ଏବଂ ପୁଣି ଦୁଇଗୋଡ଼ ଆଗକୁ ଲମ୍ବାଇ ଆଣିବେ । କିଛି ସମୟ ବିଶ୍ରାମ କରିବା ପରେ ଏହାର ପୁନରାବୃତ୍ତି କରନ୍ତୁ ।



## ଗଭୀର ଗୁମ୍ଫା



ଜର୍ଜିଆର ପଶ୍ଚିମ କାକେସସରେ ବିଶ୍ୱର ସବୁଠାରୁ ଗଭୀର ଗୁମ୍ଫା ରହିଛି । ଏହାକୁ କ୍ରୁବେରା ଗୁମ୍ଫା କିମ୍ବା ବୋରୋନ୍ୟା ଗୁମ୍ଫାନାମରେ ବି ଜଣାଯାଇଥାଏ । ଏହି ଗୁମ୍ଫାଟି ୭୨୦୮ ଫୁଟର ଗଭୀର ଯାହା ସ୍ୱୟମ ଆବିଷ୍କୃତ ହୋଇଥିଲା । ଏହି ଗୁମ୍ଫା ବ୍ଲାକ୍ ସାଗରର ତଟରେ ଅରେବିକ ମାସିଫର ପାଡାଡ଼ରେ ରହିଛି । ଯେଉଁଠାରୁ ଏହା ଭିତରକୁ ଯିବାର ରାସ୍ତା ରହିଛି । ଏହି ଗୁମ୍ଫାରେ ରୋମାଞ୍ଚର ମଜା ନେବା ପାଇଁ କ୍ରୀଡ଼ାବିତ୍ ଏବଂ ବହୁ ପର୍ଯ୍ୟାଟକଙ୍କର ସମାହର ଲାଗିରହିଥାଏ । ଏହି ଗୁମ୍ଫା ପର୍ଯ୍ୟନ୍ତ ଯିବାର ରାସ୍ତା ବହୁତ ହିଁ ଦୁର୍ଗମ ହୋଇଥାଏ । ଯାହା ବର୍ଷକ ମଧ୍ୟରେ ମାତ୍ର ୪ମାସ ଖୋଲା ରହିଥାଏ । କାରଣ ବାକିତକ ସମୟରେ ଏଥିମଧକୁ ଯିବା ସମ୍ଭବ ହୋଇନଥାଏ । ସାଧାରଣ ଲୋକଙ୍କୁ ଏଠାକୁ ଆସିବାର ପରାମର୍ଶ ଏତେ ସହଜରେ ମିଳିନଥାଏ । ୧୯୬୦ ମସିହାରେ ଏହି ଗୁମ୍ଫାର ଆବିଷ୍କାର ହୋଇଥିଲା। କ୍ରୁବେରା ଏହି ଗୁମ୍ଫାଟିରେ ହଜାର ହଜାର ସଂଖ୍ୟାର କାଙ୍କର ବସା ରହିଛି । କୁହାଯାଉଛି, ୫ଲକ୍ଷ ବର୍ଷ ପୂର୍ବରୁ ଯୌତେବେଳେ ଏହି ପାହାଡ଼ଟି ବଢୁଥିଲା, ସେତେବେଳେ ଏହି ଗୁମ୍ଫାର ନିର୍ମାଣ ହୋଇଥିଲା । ଏହି ଗୁମ୍ଫାଟି ୧୬, ୦୫୮ମିଟର ଲମ୍ବା । ଯାହା ଲଣ୍ଡନରେ ରହିଥିବା ଆଇ ଫିଲ ଟାୱାରରୁ ବି ପାଖାପାଖି ୫ଗୁଣା ଅଧିକ ହୋଇଥିଲା । ଏହି ଗୁମ୍ଫାରେ ପ୍ରବେଶ ନିମନ୍ତେ ଏକ ଛୋଟ ଦ୍ୱାରା ରହିଛି । ଗୁମ୍ଫା ୨୦୦ ମିଟରର ଉଗୀରତାରେ ଦୁଇଭାଗରେ ବାଣ୍ଟି ହୋଇଯାଇଛି । ପ୍ରଥମ ଭାଗ ୧୨୯୩ମିଟର ତେବେ ଦ୍ୱିତୀୟ ଭାଗ ୧,୯୯୭ ମିଟର ଗଭୀର ରହିଛି। ୧,୩୦୦ମିଟରର ଗଭୀରତାରେ ଗୁମ୍ଫା ଆଗରେ ଅନେକ ଶାଖାରେ ବିଭାଜିତ ହୋଇଯାଇଥାଏ । ଅନେକ ଦେଶରୁ ବହୁ ପର୍ଯ୍ୟଟକ ଏହି ଗୁମ୍ଫା ଦେଖିବା ପାଇଁ ଆସିଥାନ୍ତି ।

## ଲିପଷ୍ଟିକ ଚୟନ ପୂର୍ବରୁ ଜାଣି ରଖନ୍ତୁ କିଛି ଟିପ୍ସ

ନିଜକୁ ପରଫେକ୍ଟ ଲୁକ୍ ଦେବାକୁ ଆମେ ଆଉଟଫିଟ୍ ଉପରେ ଅଧିକ ଫୋକସ୍ ଦେଇଥାଉ। ହେଲେ ଏହା ସହିତ ହେଭି କିମ୍ବା ଲାଇଟ୍ ମେକଅପ୍, ଲିପଷ୍ଟିକ ଚୟନ ଓ ଟ୍ରେଣ୍ଡି ଇୟର ରିଂ ଉପରେ ମଧ ନଜର ରଖିବାକୁ ପଡେ। ଲିପଷ୍ଟିକ ଲଗାଇବା ସବୁ ଝିଅଙ୍କ ପସନ୍ଦ । ମେକ୍ଅପ୍ ନେବାକୁ ସମୟ ନ ଥିଲେ ଖାଲି ଲିପଷ୍ଟିକ ଲଗାଇ ବାହାରକୁ ପଳାଇଲେ ତାହା ମଧ ଏକ ଅଲଗା ପ୍ରକାର ଗ୍ଲୋ ଦେଇଥାଏ ଚେହେରାକୁ। ହେଲେ ଆମେ କେଉଁ ପାର୍ଟି, ଫଙ୍କସନ୍‌କୁ ଯାଉଛେ, ଦିନରେ ବା ରାତିରେ ଯାଉଛେ ଏହାକୁ ଦେଖି ଡିଫରେଣ୍ଟକଲରର ଲିପଷ୍ଟିକ ଚୟନ କରିବା ଦରକାର। ଲିପଷ୍ଟିକ୍ ଟ୍ରେଣ୍ଡ ବିଷୟରେ କଥା ହେଲେ ଏବେ ଅରେଞ୍ଜ, ରେଡ, ଡାର୍କ ପର୍ପଲ ଶେଡ୍ ଯୁବତୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଆଜି ଆସନ୍ତୁ ଜାଣିବା ଲିପଷ୍ଟିକ ବିଷୟରେ କିଛି ଅଜଣା କଥା।

### ନାଇଟ୍ ପାର୍ଟି ଓ ଲିପ୍‌ଷ୍ଟିକ୍

ଆପଣ ରାତିରେ ପାର୍ଟି ଆଟେଣ୍ଡ କରିବାକୁ ଯାଉଥିଲେ, ବୋଲ୍ଡ କଲରର ଲିପଷ୍ଟିକ୍ ଚୟନ କରନ୍ତୁ। ଏହା ଆପଣଙ୍କୁ ଡିଫରେ ଲୁକ୍ ଦେବା ସହ ପାର୍ଟିରେ ଆପଣ ଖୁବ୍? ଆକର୍ଷଣୀୟ ମଧ ଲାଗିବେ। ରାତିରେ ହାଲକା କଲର ଲିପଷ୍ଟିକ ଚୟନ କଲେ ଏହାଦ୍ୱାରା ଆପଣଙ୍କ ସମ୍ପୂର୍ଣ୍ଣ ମେକଅପ୍‌କୁ ଫିକା ପକାଇ ଦେଇଥାଏ।



### ଡେ ପାର୍ଟି ଓ ଲିପ୍‌ଷ୍ଟିକ୍

ବହୁ ସମୟରେ ଆମକୁ ଦିନରେ ପାର୍ଟି ଆଟେଣ୍ଡ କରିବାକୁ ପଡ଼େ। ହେଲେ ଏଥିଲାଗି ମେକଅପ୍ ଓ ଲିପଷ୍ଟିକ୍ ଚୟନ କରିବା କଷ୍ଟକର ହୋଇପଡ଼େ। ଏଥିଲାଗି ଆପଣ ହାଲକା ଶେଡର ଲିପଷ୍ଟିକ୍‌ର ବ୍ୟବହାର କରିପାରିବେ। ଚକୋଲେଟ ରେଡ଼, ପିଚ୍ ଶେଡ୍ ,ମେଟାଲିକ୍ କ୍ରିମସନ, ଡାର୍କ ଚକୋଲେଟ ରେଡ ଆଦି ଶେଡର ଲିପଷ୍ଟିକ ଚୟନ କରି ପାରିବେ।

### ଲିପ୍ ଲାଇନର

ଅଧିକାଂଶ ଯୁବତୀ ଲିପଷ୍ଟିକ ଲଗାଇବା ପୂର୍ବରୁ ଲିପ୍ ଲାଇନର ଲଗାଇଥାନ୍ତି। ଏହାକୁ ମେକଅପ୍‌ର ଗେମ୍ ଚେଞ୍ଜର କୁହାଯାଏ। ହେଲେ ଆପଣ ଏହାକୁ ଆଭଏଡ଼ କରିବାକୁ ଚାହିଁଲେ ଓଠରେ ଡବଲ କୋଟର ଲିପଷ୍ଟିକ ଲଗାଇ ପାରିବେ ।

### ଅରେଞ୍ଜ ଲିପଷ୍ଟିକ

ଏହି କଲର ଲିପଷ୍ଟିକ ବହୁ ଯୁବତୀଙ୍କ ପ୍ରଥମ ପସନ୍ଦ। ଏହି କଲରକୁ ସବୁ ଡ୍ରେସ ସହ ଆପଣ ଟ୍ରାଏ କରି ପାରିବେ। ଆପଣ ଅରେଞ୍ଜ କଲର ଲିପଷ୍ଟିକ ଲଗାଉଥିଲେ ଆଖି ମେକଅପ୍‌କୁ ହାଇଲାଇଟ୍ କରନ୍ତୁ ନାହିଁ। ଆଇ ମସ୍କାରା ଲଗାଇବା ସହ ମେକଅପକୁ ମଧ ନେଚୁରାଲ ରଖନ୍ତୁ।

## ସାରଙ୍ଗପାଣି ମନ୍ଦିର

ତାମିଲନାଡୁର କୁମ୍ଭକୋନମଠାରେ ଦଣ୍ଡାୟମାନ ସାରଙ୍ଗପାଣି ମନ୍ଦିର । ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ପୀଠ ବିଷ୍ଣୁଙ୍କର ତିନିଟି ମୁଖ୍ୟ ପୀଠ ମଧ୍ୟରେ ଅନ୍ୟତମ । ୧୬ଶ ଶତାବ୍ଦୀର ନାୟକ ରାଜତ୍ୱ ସମୟରେ ମନ୍ଦିର ପୁନଃନିର୍ମାଣ ହୋଇତ୍ଲା । ମନ୍ଦିର ପ୍ରାଙ୍ଗଣରେ ଏକମାତ୍ର ପବିତ୍ର ପୋଖରି ରହିଛି ଯାହାର ନାମ 'ପୋଟ୍ରୋମାରାଇ କୁଲମ' । କିମ୍ବଦନ୍ତୀ କହେ, ବୈଷ୍ଣବ ମୂର୍ତ୍ତି ସାରଙ୍ଗପାଣି ଭଗବାନ ବିଷ୍ଣୁଙ୍କ ଅବତାର ଯିଏକି ହେମ ଋଷିଙ୍କୁ ଦର୍ଶନ ଦେଇଥିଲେ । ଏହି ପୋଖରି ତଟରେ ସେ ଭଗବାନ ବିଷ୍ଣୁଙ୍କ ତପସ୍ୟା କରିଥିଲେ । ସ୍ଥାନୀୟ ନଗରୀରେ ଦଣ୍ଡାୟମାନ ମନ୍ଦିର ମଧ୍ୟରେ ଏହା ସବୁଠୁ ବଡ଼ । ପୀଠର ମୁଖ୍ୟ ପ୍ରବେଶ ଦ୍ୱାରର ଉଚ୍ଚତା ୧୭୩ଫୁଟ । ଏଥିସହ ଆହୁରି ୫ଟି ପ୍ରବେଶ ଦ୍ୱାର ମଧ ରହିଛି । ମୁଖ୍ୟ ପ୍ରବେଶ ଦ୍ୱାରରେ ଚିତ୍ର ସହ ଅନେକ ପୌରାଣିକ କାହାଣୀ ବର୍ଣ୍ଣିତ ହୋଇଛି । ଦକ୍ଷିଣ ଭାରତୀୟ ନୃତ୍ୟଶୈଳୀ ମଧ୍ୟରୁ କିଛି ମନ୍ଦିର କାନ୍ଥରେ ଦେଖିବାକୁ ମିଳେ । ମନ୍ଦିର ମଧ୍ୟରେ ପ୍ରଭୁ ସାରଙ୍ଗପାଣି ଘୋଡ଼ା ଓ ହାତୀ ଟାଣୁଥିବା ରଥରେ ବିରାଜିଛନ୍ତି । ମୁଖ୍ୟ ପ୍ରବେଶ ଦ୍ୱାର ବାହାରେ କାଠନିର୍ମିତ ଦୁଇଟି ରଥ ରହିଛି । ରଥଯାତ୍ରାପୀଠର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ବ । ମାର୍ଚ୍ଚ-ଏପ୍ରିଲରେ ଏହି ପର୍ବ ବେଶ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରାମର୍ଶ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ଦେଶବାସୀଙ୍କୁ କରୋନାର କରାଳ ରୂପ ସମ୍ପର୍କରେ ଚେତାଇ ଦେଇଛନ୍ତି। ବୁଧବାର ଦିନ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ସେମାନଙ୍କ ପ୍ରତିନିଧିମାନଙ୍କ ସହ ଭର୍ଚୁଆଲ ବୈଠକରେ କୋଭିଡର ଦ୍ୱିତୀୟ ଲହର ଏବଂ ଏଥିପ୍ରତି ସତର୍କତା ତଥା ସକଳ ପ୍ରକାର ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ ନିମନ୍ତେ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଚେତାବନୀ ଗତବର୍ଷର କରୋନା ମହାମାରୀ କରାଳ ରୂପ ଧାରଣ କରିଥିଲା। ଠିକ୍ ଏକବର୍ଷ ପରେ ଏବେ ତାର ପରିବର୍ତ୍ତିତ ନୂତନ ରୂପକୁ ଦ୍ୱିତୀୟ ଲହର ଭାବେ ସାମ୍ନା କରିବାକୁ ଯାଉଛି। ଏଥିପାଇଁ ସମସ୍ତେ ସତର୍କ ରହିବା ଲାଗି ପ୍ରଧାନମନ୍ତ୍ରୀ ଚେତାବନୀ ଶୁଣାଇଛନ୍ତି। ଦ୍ୱିତୀୟ ଲହରର ସମ୍ଭାବ୍ୟ ବିପଦ ପ୍ରଥମ ପର୍ଯ୍ୟାୟଠାରୁ ଅଧିକ ଭୟଙ୍କର ବୋଲି ଏଥିରୁ ସୂଚନା ମିଳେ। ଏବେ ଯେଉଁଭଳି ଭାବେ ଲକ୍ଷଣବିହୀନ ଭାବେ ପରିବର୍ତ୍ତିତ କରୋନା ଭୂତାଣୁ ବ୍ୟାପୁଛି ସେଥିରେ ତାହା ଗାଁଗହଳିକୁ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ଗାଁଗହଳିରେ କରୋନା ବ୍ୟାପିବା କେବଳ ଲୋକମାନଙ୍କ ପାଇଁ ନୁହେଁ, ସମସ୍ତଙ୍କ ପାଇଁ ମହାବିପତ୍ତିର କାରଣ ପାଲଟିପାରେ। ପ୍ରଥମତଃ ଗ୍ରାମାଂଚଳ ଲୋକମାନଙ୍କଠାରେ ତୁଳନାତ୍ମକ ଭାବେ ସଚେତନତାର ଅଭାବ ରହିଛି। ପୁଣି ଗ୍ରାମାଂଚଳ ଲୋକଙ୍କ ମଧ୍ୟରେ ସାମାଜିକ ଚଳଣି ଯେଉଁଭଳି ଭାବେ ଘନିଷ୍ଠ ଓ ସହୃଦୟତାପୂର୍ଣ୍ଣ ସେଥିରେ କରୋନା ସଂକ୍ରମଣ ଅଧିକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିପାରେ। ଉଲ୍ଲେଖ ନିଷ୍ପ୍ରୟୋଜନ, ଗ୍ରାମାଂଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ମଧ୍ୟ ସେତେଟା ସୁଦୃଢ଼ ନୁହେଁ, ତେଣୁ ସେପରିସ୍ଥଳେ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ସଂଗରୋଧ କେନ୍ଦ୍ରରେ ରଖିବା ଅବା ଆବଶ୍ୟକସ୍ଥଳେ ଆଶୁ ଚିକିତ୍ସା ସୁବିଧା ଯୋଗାଇଦେବା କାଠିକର ପାଠ। ଗତବର୍ଷ ସହରାଂଚଳରେ ସୀମିତ ଥିବା କରୋନା ମୁକାବିଲାରେ ଦେଶ ମୋଟାମୋଟି ଭାବେ ସକ୍ଷମ ହୋଇଥିଲେ ସୁଦ୍ଧା ଏଥିପାଇଁ ସରକାର ଓ ସ୍ୱାସ୍ଥ୍ୟସେବା ସହିତ ଜଡ଼ିତ ଛାମୁଆ ଯୋଦ୍ଧାଙ୍କୁ ଗଳଦ୍‌ଘର୍ମ ହେବାକୁ ପଡ଼ିଥିଲା। ତେଣୁ ଏହି ମହାମାରୀ ଉପରେ କାବୁ ପାଇବା ସହଜସାଧ୍ୟ ହୋଇପାରିଥିଲା। ତେଣୁ ଦ୍ୱିତୀୟ ଲହରକୁ ରୋକିବା ନିମନ୍ତେ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନ ପଛରେ ଯଥେଷ୍ଟ ବାସ୍ତବତା ରହିଛି। ଏବେ ମହାରାଷ୍ଟ୍ର, ତାମିଲନାଡୁ, ପଂଜାବ, ଗୁଜରାଟ, ମଧ୍ୟପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ ଓ ହରିଆନା ଭଳି ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଅନୁଭୂତ ହେବାକୁ ଲାଗିଲାଣି। ମହାରାଷ୍ଟ୍ରରେ ତ ଏହା ଗତବର୍ଷଠାରୁ ଆହୁରି ଉଦ୍‌ବେଗଜନକ ଆକାର ଧାରଣ କରିସାରିଛି। ତୁଳନାତ୍ମକ ଭାବେ ଦେଖିଲେ, ଜଣାପଡ଼ିବ ଯେ ଗତ ମଙ୍ଗଳବାର ଦିନ ଦେଶର ନୂଆ ପଜିଟିଭଙ୍କ ସଂଖ୍ୟା ୨୮ ହଜାର ୯୦୩ ଥିବାବେଳେ ବୁଧବାର ଦିନ ତାହା ୩୫ ହଜାର ୮୭୧କୁ ବୃଦ୍ଧି ପାଇଛି। ଗତ ଏକ ସପ୍ତାହ ମଧ୍ୟରେ ଦେଶର କରୋନା ନିୟନ୍ତ୍ରଣ ଦୃଶ୍ୟପଟରେ ଆମୂଳଚୂଳ ପରିବର୍ତ୍ତନ ଦେଖାଦେଇଛି। ଆରୋଗ୍ୟ ହାର ୯୬.୪୧ ପ୍ରତିଶତ ରହିଥିଲେ ସୁଦ୍ଧା ପ୍ରତିଦିନର ପଜିଟିଭ ବୃଦ୍ଧି ସରକାର ଓ ଦେଶବାସୀଙ୍କ ପାଇଁ ସଂକଟ ସୃଷ୍ଟି କରିଛି। ଅନ୍ୟ ରାଷ୍ଟ୍ରମାନଙ୍କ କଥା ନିଆରା, ଜନସଂଖ୍ୟା ଦୃଷ୍ଟିରୁ ଭାରତରେ କରୋନା ନିୟନ୍ତ୍ରଣ ସ୍ଥିତି ସଂପୂର୍ଣ୍ଣ ଭିନ୍ନ ଓ ଚାଲେଂଜପୂର୍ଣ୍ଣ। ପ୍ରାରମ୍ଭିକ ଅବସ୍ଥାରୁ ନିୟନ୍ତ୍ରଣ ନକଲେ ସ୍ଥିତି ଅଣାୟତ୍ତ ହେବା ଅସମ୍ଭବ ନୁହେଁ। ଏବେ ସର୍ଭେରୁ ଜଣାପଡ଼ିଛି, ଦେଶର ୧୬ଟି ରାଜ୍ୟର ୭୦ଟି ଜିଲ୍ଲାରେ ଚଳିତ ମାସ ମଧ୍ୟରେ କରୋନା ୧୫୦ ପ୍ରତିଶତ ବୃଦ୍ଧି ପାଇଛି। ଏହା ଜ୍ୟାମିତିକ ଅଭିବୃଦ୍ଧିଠାରୁ ମଧ୍ୟ ଅଧିକ ଉଦବେଗଜନକ। କରୋନା ବୃଦ୍ଧି ପାଉଥିବା ରାଜ୍ୟ ଓ ଜିଲ୍ଲାଗୁଡ଼ିକୁ ଅବଶିଷ୍ଟ କ୍ଷେତ୍ରଠାରୁ ବିଚ୍ଛିନ୍ନ କରି ରଖିବା, ଦୃଢ଼ ସତର୍କତା ଅବଲମ୍ବନ ଏବଂ ବ୍ୟାପକ ଟିକାକରଣ ହିଁ ଏହାକୁ ଆୟତ୍ତ କରିପାରିବାର ଏକମାତ୍ର ସମ୍ଭାବ୍ୟ ଉପାୟ। ଏଭଳି ସତର୍କତା ଅବଲମ୍ବନ ନିଷ୍ଠାର ସହ ଅନୁପାଳନ କଲେ ଆମକୁ ଆଉ ଥରେ ଲକଡାଉନ ସ୍ତରକୁ ଫେରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ରାଜ୍ୟବାସୀଙ୍କୁ ଆଶ୍ୱାସନା ଓ ପରାମର୍ଶ ଦେଇଛନ୍ତି। ତେଣୁ କୁହାଯାଇପାରେ ଯେ, ଗତବର୍ଷ ଭଳି କଟକଣା ଆତ୍ମଶୃଙ୍ଖଳା ଓ ସତର୍କତା ପର୍ଯ୍ୟାୟକୁ ଆମକୁ ଫେରିବା ଲାଗି ଏହା ପ୍ରକୃଷ୍ଟ ଅବସର ଓ ସେଥିରେ ଆମ ସମସ୍ତଙ୍କ ନିରାପତ୍ତା ନିହିତ

# ଆନନ୍ଦମୟ ଜୀବନ



ଉମେଶ ଚନ୍ଦ୍ର ପାତ୍ର

**ଜାତିସଂଘର ଅନୁମୋଦନକ୍ରମେ ୨୦୧୩ରୁ ପ୍ରତି ବର୍ଷ ମାର୍ଚ୍ଚ ୨୦ରେ ପାଳିତ ହେଉଛି ଅନ୍ତର୍ଜାତୀୟ ଆନନ୍ଦ ଦିବସ ବା ଇନଟରନେସନାଲ ଡେ ଅଫ୍ ହାପିନେସ। ଏଥି ନିମନ୍ତେ ୨୮ ଜୁନ୍ ୨୦୧୨ରେ ପ୍ରସ୍ତାବ ଦେଇଥିଲେ ଜାତିସଂଘର ତତ୍କାଳୀନ ପରାମର୍ଶଦାତା ତଥା ମାନବବାଦୀ କର୍ମୀ ଜେମି ଇଲିଅନ୍। ଜାତିସଂଘ ସାଧାରଣ ପରିଷଦର ସମସ୍ତ ସଦସ୍ୟ ରାଷ୍ଟ୍ର ପକ୍ଷରୁ ଏହାକୁ ସଙ୍ଗେ ସଙ୍ଗେ ସମର୍ଥନ ଦିଆଯାଇଥିଲା। ଜାତିସଂଘର ସମସ୍ତ ୧୯୩ଟି ସଦସ୍ୟ ରାଷ୍ଟ୍ର, ଦୁଇଟି ଅବଜରଭର ଷ୍ଟେଟ ଓ ଏଗାରଟି ଟେରିଟରିରେ ଏହା ପାଳନ କରାଯାଉଛି।**

ଜାତିସଂଘର ଅନୁମୋଦନକ୍ରମେ ୨୦୧୩ରୁ ପ୍ରତି ବର୍ଷ ମାର୍ଚ୍ଚ ୨୦ରେ ପାଳିତ ହେଉଛି ଅନ୍ତର୍ଜାତୀୟ ଆନନ୍ଦ ଦିବସ ବା ଇନଟରନେସନାଲ ଡେ ଅଫ୍ ହାପିନେସ। ଏଥି ନିମନ୍ତେ ୨୮ ଜୁନ୍ ୨୦୧୨ରେ ପ୍ରସ୍ତାବ ଦେଇଥିଲେ ଜାତିସଂଘର ତତ୍କାଳୀନ ପରାମର୍ଶଦାତା ତଥା ମାନବବାଦୀ କର୍ମୀ ଜେମି ଇଲିଅନ୍। ଜାତିସଂଘ ସାଧାରଣ ପରିଷଦର ସମସ୍ତ ସଦସ୍ୟ ରାଷ୍ଟ୍ର ପକ୍ଷରୁ ଏହାକୁ ସଙ୍ଗେ ସଙ୍ଗେ ସମର୍ଥନ ଦିଆଯାଇଥିଲା। ଜାତିସଂଘର ସମସ୍ତ ୧୯୩ଟି ସଦସ୍ୟ ରାଷ୍ଟ୍ର, ଦୁଇଟି ଅବଜରଭର ଷ୍ଟେଟ ଓ ଏଗାରଟି ଟେରିଟରିରେ ଏହା ପାଳନ କରାଯାଉଛି। ଆନନ୍ଦକୁ ମଣିଷର ଏକ ମୌଳିକ ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇଛି। ଏହା ମଧ ପ୍ରତ୍ୟେକ ମଣିଷର ଜନ୍ମଗତ ଅଧିକାର। ଏହା ଏକ ମାନସିକ ଅବସ୍ଥା ହୋଇଥିଲେ ହେଁ ସମସ୍ତେ ଚାହିଁଲେ ଆନନ୍ଦିତ ରହିପାରିବେନାହିଁ। ଅନେକ ଉପାଦାନ ଉପରେ ନିର୍ଭରଶୀଳ। ତେବେ ସାଧାରଣ ଭାବେ ଧାରଣକ୍ଷମ ବିତ୍ତୀୟ ବିକାଶ, ଦାରିଦ୍ର୍ୟ ଓ ବୈଷମ୍ୟ ଦୂରୀକରଣ, ସର୍ବତ୍ର ଶାନ୍ତିର ସହାବସ୍ଥାନ ଦ୍ୱାରା ସମସ୍ତେ ଆନନ୍ଦିତ ହୋଇପାରିବେ।

କୁହାଯାଏ - ଯାହାର ପୁଅକୁ ସାପ କାମୁଡ଼ିଥାଏ, ତା'ମାଆ ଦଉଡି ଦେଖିଲେ ସାପ ଭାବି ଡରେ। ରାତିରେ ଗଲା ବେଳେ କେତେକ ଲୋକ ବଣବୁଦାକୁ ଭୂତ-ପ୍ରେତ ଭାବି ଭୟ ପାଆନ୍ତି। ଆଉ କେତେକ ଲୋକ ଗାଡ଼ି ମୋଟରରେ ଯାତ୍ରା ବେଳେ ଦୁର୍ଘଟନା ବିଷୟ ଚିନ୍ତା କରନ୍ତି। ଯେଉଁମାନେ ଯେପରି ଭାବନା ବା ବିଚାର କରନ୍ତି, ସେ ପରି କାମ ହୋଇଯାଏ। ଆଜିର ମନୁଷ୍ୟ ଖଟିଆରେ ଶୋଇରହି ଅନେକ କିଛି କଳ୍ପନା କରେ। ସେଥି ମଧରୁ ଅଧିକାଂଶ ଅର୍ଥହୀନ। ମନୁଷ୍ୟର ମାନସିକ କଳ୍ପନା ଅନୁସାରେ ଭୟ ଓ ସନ୍ଦେହ ଜାତ ହୁଏ, ଦୁଃଖ ଜନ୍ମ ନିଏ। କଳ୍ପନା ପ୍ରସୂତ ଦୁଃଖ କେବଳ ଈଶ୍ୱର ବିଶ୍ୱାସ ଦ୍ୱାରା ଦୂର କରିବା ସମ୍ଭବ। ନିୟମିତ ଭଜନ-କୀର୍ତ୍ତନ ସ୍ୱାଧାୟ ହିଁ ଏଥିରୁ ମୁକୁଳିବାର ବାଟ। ଏହା ଦ୍ୱାରା ଆତ୍ମାକୁ ଶାନ୍ତି ମିଳିବ ଏବଂ ଦୁଃଖର ବିନାଶ ହେବ। କାଳ୍ପନିକ ଭୟ ଦୂର ହୋଇ ମାନସିକ ଶାନ୍ତି ମିଳିବ। କାଳ୍ପନିକ ଭୟ ଦୂର ହେଲେ ଦୁଃଖ ନାଶ ହୁଏ। ଜୀବ ଭୟମୁକ୍ତ ହୁଏ।

ଆତ୍ମଜ୍ଞାନର ବିକାଶ ପାଇଁ ପ୍ରସନ୍ନତା ହେଉଛି ମୁଖ୍ୟ ଅବଲମ୍ବନ। ପ୍ରସନ୍ନତା ଆତ୍ମଦେବଙ୍କ ଏକ ମହାନ ଦାନ। ମନୁଷ୍ୟର ମନ ଅନନ୍ତ ଶକ୍ତିର ଅଧିକାରୀ। ଏହା ଆମକୁ ବାନ୍ଧେ; ପୁଣି ମୋକ୍ଷ ଦିଏ। ମନ ରୂପକ ମତ୍ତ ହସ୍ତୀକୁ ପ୍ରସନ୍ନତା ଅଙ୍କୁଶରେ ବଶୀଭୂତ କରାଯାଇପାରେ। ପ୍ରସନ୍ନତା ପାଇଁ ପ୍ରତ୍ୟେକ ମନୁଷ୍ୟ ଆତ୍ମ ସଚେତନ ରହିବା ଆବଶ୍ୟକ। ଅନେକ କିଛି ପଢ଼ିଦେଲେ କିମ୍ବା ଅର୍ଥ ଉପାର୍ଜନ କଲେ ପ୍ରସନ୍ନତା ମିଳେନାହିଁ। ସେଥିପାଇଁ ସାଧନାର ଆବଶ୍ୟକତା ରହିଛି। ଯୋଗ ସାଧନର ମାର୍ଗ ଉନ୍ନତିର ପଥ। ପ୍ରାଣ ଶକ୍ତିର ଉପାସନା ଦ୍ୱାରା ପ୍ରସନ୍ନତା ଲାଭ କରିବା ସମ୍ଭବ। ଏଥିପାଇଁ ନିଜକୁ ଅନ୍ଧବିଶ୍ୱାସ, କୁତର୍କ, ପକ୍ଷପାତ ବିଚାରଠାରୁ ଉର୍ଦ୍ଧ୍ୱରେ ରଖ। ଆମେ ସମସ୍ତେ ଅମୃତର ସନ୍ତାନ। ଅମୃତମୟ ସଂସାରରୁ ସର୍ବଦା ପ୍ରସନ୍ନତା ଗ୍ରହଣ କରିବାକୁ ପ୍ରୟାସ କର। ସନ୍ତାନସନ୍ତତିଙ୍କୁ ଏହି ଗୁଣ ଅଭ୍ୟାସ କରାଇବାକୁ ଯତ୍ନବାନ ହୁଅ। ପ୍ରସନ୍ନତା ହିଁ ଜୀବନ୍ତର ଲକ୍ଷଣ। ପ୍ରସନ୍ନତା ବିନା ଏ ଜୀବନ ଜଡ଼, ଅସାର। ପ୍ରସନ୍ନତାରୁ ସନ୍ତୋଷ ପ୍ରାପ୍ତି, ସନ୍ତୋଷରୁ ଆତ୍ମ-ତୃପ୍ତି।

ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି 'ଶାନ୍ତ ଭାବ ମାନେ ସାମ୍ୟ ଅବସ୍ଥା। ପ୍ରବୃତ୍ତି ଅଭିଭୂତି ଓ ସ୍ୱାର୍ଥାନ୍ଧତାର ଆକୁଳ ବିକୁଳ ଯେତେ କମିଯାଏ ମନୁଷ୍ୟ ସେତେ ଶାନ୍ତ ହୁଏ। ଶାନ୍ତ ଅବସ୍ଥାରେ ସତ୍ ବା ଅସ୍ତିତ୍ୱ ପ୍ରତି ପ୍ରେମ ଜାଗେ। ମନୁଷ୍ୟ ଗୁରୁମୁଖୀ ଓ ଈଶ୍ୱରମୁଖୀ ହୁଏ। ଅନ୍ତର ଭିତରେ ସେବା ମନୋଭାବ ଜାଗି ଉଠେ। ଗୁରୁ ହେଉଛନ୍ତି ଭଗବାନଙ୍କର ସାକାର ମୂର୍ତ୍ତି ଓ ଅଖଣ୍ଡ। ଗୁରୁଙ୍କୁ ସେବା କରୁ କରୁ ମନୁଷ୍ୟ ଭିତରେ ଦାସ୍ୟ ଭାବ, ସଖ୍ୟ ଭାବ, ବାତ୍ସଲ୍ୟଭାବ, ମଧୁରଭାବ ଓ ସନ୍ନ୍ୟାସଭାବ ଜାଗ୍ରତ ହୁଏ। ମଧୁର ଭାବର ତାତ୍ପର୍ଯ୍ୟ ହେଉଛି, ନିଜର ଜୀବନ ଓ ଚରିତ୍ରକୁ ସର୍ବତୋ ଭାବରେ ଗୁରୁଙ୍କର ଉପଭୋଗ୍ୟ କରି ଉଠାଇ ନିଜେ ସୁଖୀ ହେବା। ଆଉ ଏହା ହିଁ ହେଉଛି ଶାନ୍ତ ବା ସମାହିତ ଅବସ୍ଥା।' ପୁନର୍ବାର ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣ ପୁସ୍ତକରେ କହିଲେ 'ଗରୀୟାନ ହୁଅ କିନ୍ତୁ ଗର୍ବିତ ହୁଅନାହିଁ। ଯଦି ମୁଗ୍ଧ କରିବାକୁ ଚାହଁ ତେବେ ନିଜେ ସମ୍ପୂର୍ଣ୍ଣ ଭାବେ ମୁଗ୍ଧ ହୁଅ। ଯଦି ସୁନ୍ଦର ହେବାକୁ ଇଛା ଥାଏ ତେବେ କୁତ୍ସିତରେ ମଧ ସୁନ୍ଦର ଦେଖ। ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତିରେ ହିଁ ଜୀବନର ସୌନ୍ଦର୍ଯ୍ୟ ଓ ସାର୍ଥକତା। ଭଲମନ୍ଦ ବିଚାର କରି ବିଧ୍ୱସ୍ତ ହେବା ଅପେକ୍ଷା ସତ୍‌ରେ ଗୁରୁଙ୍କ ପ୍ରତି ଆକୃଷ୍ଟ ହୁଅ, ନିର୍ବିଘ୍ନରେ ସଫଳ ହେବ ନିଶ୍ଚୟ। ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି? ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଶାନ୍ତି ଓ ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।'


ସହ-ପ୍ରତି ରତ୍ୱିକ, ବିଭାଗୀୟ ମୁଖ୍ୟ ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ, ଦୂରଭାଷ : ୯୪୩୭୦୫୧୯୫୭


# ଆସ ଜୀବନଧନ ମୋର ପଖାଳ କଂସା



ଅଭୟ କୁମାର ଦାସ



ପଖାଳ ସହ ଓଡ଼ିଶା ବା ଓଡ଼ିଆ ଲୋକଙ୍କର ସମ୍ପର୍କ ଖୁବ୍ ପୁରୁଣା। କେହି କହି ପାରିବେ ନାହିଁ କେବେଠାରୁ ଭାତରେ ପାଣି ଭର୍ତ୍ତି କରି ତୋରାଣି ଯୁକ୍ତ ଭାତକୁ ଖାଇବାର ଧାରା ଆମର ଆରମ୍ଭ ହୋଇଛି। ପଖାଳ ହେଉଛି ଗୋଟାପଣେ ଓଡ଼ିଆ ଖାଇବା। ପଖାଳ କହିଲେ ଓଡ଼ିଶାକୁ ବୁଝାଏ, ଆଉ ଓଡ଼ିଆଙ୍କ କଥା ଉଠିଲେ ପଖାଳ କଥା ଉଠିବା ନିଶ୍ଚିତ। ଯଦି କୌଣସି ଓଡ଼ିଆ ପଖାଳ ଖାଇନାହିଁ ବା ପଖାଳକୁ ଭଲ ପାଏ ନାହିଁ ବୋଲି କହେ, ତାହେଲେ ସେ ଜଣେ ସଚ୍ଚା ଓଡ଼ିଆ ବୋଲି ଅନେକେ ବିଚାର କରନ୍ତି ନାହିଁ। ଆଜି ବିକାଶର ଧାରାରେ ଓଡ଼ିଶା ଥିଲା ବେଳେ ପଖାଳର ସହ ସମ୍ପର୍କ କମି ନାହିଁ ବରଂ ବଢ଼ିଛି। ଆଜି ଓଡ଼ିଶା ଓ ଭାରତ ବାହାରେ ଓଡ଼ିଆମାନେ ବଡ଼ ଗର୍ବର ସହ ଏକାଠି ପଖାଳ ଖାଇବାର କରୁଛନ୍ତି ଆୟୋଜନ। ପଖାଳ ଆମକର ଓ ଆମେ ପଖାଳର ଦିୱାନା, ଏହା ବଡ଼ ଗର୍ବର ସହ କୁହନ୍ତି ଓଡ଼ିଆ ଲୋକେ।କାହିଁ କେଉଁ କାଳରୁ ପଖାଳର ପ୍ରଚଳନ ଆମର ହୋଇ ଆସିଛି। ସବୁଠୁ ବଡ଼ କଥା ହେଲା ଜଗତର ନାଥ ଜଗନ୍ନାଥଙ୍କ ପାଖରେ ପଖାଳ ଭୋଗ ଲାଗିବାର ବିଧି ରହିଛି। ତେଣୁ କେବଳ ସାମାଜିକ ଧାରା ନୁହେଁ ଆମ ଧାର୍ମିକ ପରମ୍ପରା ସହ ପଖାଳର ରହିଛି ବଡ଼ ସମ୍ପର୍କ। ତେବେ ପଖାଳ ଦିବସ ପାଳନ ଏବେ ଏବେ ଆରମ୍ଭ ହୋଇଛି। ବିଶେଷକରି ସୋସିଆଲ ମିଡ଼ିଆ ଗୁରୁତ୍ୱ ପାଇବା ପରେ ତାରି ପ୍ରଚାର ଭିତରୁ ଆସିଛି ଏହି ପଖାଳ ଦିବସ। ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ଆୟୋଜିତ ହେଉଛ ପଖାଳ ଦିବସ। ସୋସିଆଲ ମିଡ଼ିଆରେ ଏ ବାବଦରେ ସଚେତନ କରାଯିବାରେ କେବଳ ଓଡ଼ିଶା ନୁହେଁ ବିଶ୍ୱର ଯେକୌଣସି ଭାଗରେ ଥିବା ଓଡ଼ିଆମାନେ ପାଳନ କରୁଛନ୍ତି ଏହି ଦିବସକୁ। ପଖାଳ ଏକ କମ୍ ଖର୍ଚ୍ଚର ଖାଇବା। ଭାତରେ ପାଣି ଭର୍ତ୍ତି କରି ରଖିବା ପରେ ତାହା ବନିଯାଏ ପଖାଳ। ଟିକିଏ ଶାଗ କିମ୍ବା ବଡ଼ିଚୁରା ଟିକିଏ ହେଲେ ପଖାଳ ଆରାମରେ ଖାଇ ହୁଏ। କିଛି ନମଳିଲେ ଲଙ୍କା, ଲୁଣ ଓ ପିଆଜରେ ବି ଉଠିଯାଏ କଂସାଏ ପଖାଳ। କମ୍ ଖର୍ଚ୍ଚରେ ପେଟ ଭର୍ତ୍ତି ଓ ଶକ୍ତି ପ୍ରଦାନକାରୀ ହୋଇଥିବାରୁ ଓଡ଼ିଆ ଘରେ ପଖାଳର ଆଦର ଅନେକ ଦିନରୁ ଅଛି। ଆଜି ବି ଗାଁ ଛାଡ଼ନ୍ତୁ, ସହରମାନଙ୍କରେ ସକାଳୁ ଓଡ଼ିଆ ଘରେ ପଖାଳ ଖାଇବା ଧାରା ରହିଛି। ତେବେ କମ୍ ଖର୍ଚ୍ଚରେ ପଖାଳ ଖାଇହୁଏ ସତ ହେଲେ କାହାକୁ ପଖାଳ ଖାଇବାକୁ ଡାକିଲେ ସେଥିଲାଗି ଯେଉଁ ସରଞ୍ଜାମ କରାଯାଏ ତାହା କିନ୍ତୁ ବେଶ୍ ବ୍ୟୟବହୁଳ। ମାଛ ଭଜା ହେବ, ଶାଗ, ବଡ଼ିଚୁରା, ପୋଟଳରେ ଆଳୁ ଚଟଣି ଭର୍ତ୍ତି କରି ଭଜା, କାକୁଡ଼ି କଟା, ଆମ୍ବ ରସୁଣ ଛେଚା ଏପରି କେତେ କ'ଣ ଆଇଟମ କରାଯାଏ ପଖାଳ କଂସାକୁ ଆହୁରି ସୁଆଦିଆ କରିବା ପାଇଁ। କେବଳ ଘରମାନଙ୍କରେ ନୁହେଁ, ହୋଟେଲରେ ବି ମିଳିଲାଣି ପଖାଳ। କେବଳ ଛୋଟମୋଟ ହୋଟେଲ ନୁହେଁ, ପଞ୍ଚତାରକା ହୋଟେଲରେ ବି ଆଜି ବେଶ ବିକ୍ରି ହେଉଛି ପଖାଳ। ଓଡ଼ିଶାର ବିଭିନ୍ନ ସହର ବିଶେଷକରି ରାଜଧାନୀରେ ପଖାଳ ବିକ୍ରି କରୁଥିବା ହୋଟେଲମାନଙ୍କର ବେଶ୍ ନାଁ ଡାକ ରହିଛି। ପ୍ରାୟତଃ ମାର୍ଚ୍ଚରୁ ଆରମ୍ଭ ହୋଇ ଜୁନ୍ ପର୍ଯ୍ୟନ୍ତ ହୋଟେଲଗୁଡ଼ିକରେ ମିଳିଥାଏ ପଖାଳ। ଯଦି ଆପଣଙ୍କ ଭିତରୁ କେହି ରାଜଧାନୀ ଆସୁଥାନ୍ତି ବା ପାଠକଙ୍କ ଭିତରେ ଯେଉଁମାନେ ରାଜଧାନୀବାସୀ ସେମାନେ ଭଲ ପଖାଳ ହୋଟେଲରୁ ଉଠାଇ ପାରିବେ ମଜା। ସିଆରପି ଛକ ପାଖ ବଲ୍ଲରୀ, ବାପୁଜୀ ନଗରର ଭାଇନା ହୋଟେଲ ଏବଂ ଏକାମ୍ର ହାଟ ଭିତରର କିଛି ହୋଟେଲ ସହ କଳ୍ପନା ଛକରେ ଥିବା ପୁଷ୍ପକ ହୋଟେଲରେ ମିଳୁଥିବା ପଖାଳର ଚର୍ଚ୍ଚା ବେଶ ଶୁଣିବାକୁ ମିଳେ। ପଖାଳ, ଓଡ଼ିଶାର ପାରମ୍ପରିକ ଖାଦ୍ୟମାନଙ୍କ ତାଲିକାରେ ଏହି ଖାଦ୍ୟର ସ୍ଥାନ ସ୍ୱତନ୍ତ୍ର। ଆଗକାଳରେ ଚାଷୀ, ମୂଲିଆ ପରିବାରର ମୁଖ୍ୟ ଖାଦ୍ୟ ଥିଲା ଗୋଟିଏ କଂସା ପଖାଳ। ବିଲରେ ଖଟି ଖଟି ଘରକୁ ଫେରି ଯେତେବେଳେ ଚାଷୀଟି ପଖାଳ ଖାଇ ତୋରାଣି ମୁନ୍ଦିଲ ପିଇ ଦେଉଥିଲା, ପେଟ ସହିତ ମନ ମଧ ଶାନ୍ତି ହୋଇଯାଉଥିଲା। ସମୟ ବଦଳି ଚାଲିଛି। ତା ସହିତ ଲୋକମାନଙ୍କ ଜୀବନଶୈଳୀ ଓ ଖାଦ୍ୟପେୟ ରୁଚିରେ ମଧ ପରିବର୍ତ୍ତନ ଆସିଯାଇଛି। କିନ୍ତୁ ଆଜି ବି କମିନି ପଖାଳର ଚାହିଦା। ଅଧିକନ୍ତୁ ଗାଁ ଗହଳି ସହିତ ଏବେ ସହରୀ ଜୀବନରେ ମଧ ପ୍ରବେଶ କରିସାରିଲାଣି ପଖାଳ। ଖରାଦିନ ଆସିବା କ୍ଷଣି ଖୋଜା ପଡ଼ୁଛି ପଖାଳ କଂସା। ପୁରା ପରିବାର ସହିତ ବସି ପଖାଳ ଖାଇବାର ମଜା ଖୁବ୍ ନିଆରା। ଆଉ ପଖାଳର ଏହି ବର୍ଦ୍ଧିତ ଚାହିଦାକୁ ନଜରରେ ରଖି ରାଜ୍ୟର ଛୋଟ ଛୋଟ ହୋଟେଲମାନଙ୍କ ଠାରୁ ଆରମ୍ଭ କରି ବଡ଼ ବଡ଼ ହୋଟେଲମାନଙ୍କରେ ଖରାଦିନ ମାନଙ୍କରେ ପ୍ରସ୍ତୁତ କରାଯାଉଛି ପଖାଳ। ଭିନ୍ନ ଭିନ୍ନ ଉପାୟରେ ଲୋକମାନଙ୍କୁ ଆକୃଷ୍ଟ କରିବା ଭଳି ପ୍ରସ୍ତୁତ କରାଯାଉଛି ପଖାଳ। ସମୟକ୍ରମେ ପଖାଳର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ମାର୍ଚ୍ଚ ମାସର ୨୦ ତାରିଖ ମନାଯାଉଛି ପଖାଳ ଦିବସ ଭାବେ। ଏହି ଦିବସରେ ପ୍ରତ୍ୟେକ ଓଡ଼ିଆ ପଖାଳ ସହ ସ୍ୱାଗତ କରୁଛନ୍ତି ଗ୍ରୀଷ୍ମକୁ।


+ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭


# ପରୀକ୍ଷା ନଦେଲେ ସବୁ ପାଶ୍, ଦେଲେବି ସବୁ ପାଶ୍



ପ୍ରଦୀପ୍ତ ଆଚାର୍ଯ୍ୟ

ସମୀର ବାବୁ ଆସୁ ଆସୁ ଆରମ୍ଭ କରିଦେଲେ,ଭାଇ ଜାଣିଲେଣି ନା,ନାତିଟା କାଲି ରାତିରୁ ଆଉ ବହିପତ୍ର ଧରୁନାହିଁ । ମୁଁ ପଚାରିଲି,କାହିଁକି, କେଉଁଥିପାଇଁ ସେ ବହି ଧରୁନି। ସେ କହିଲେ, ଦୂରଦର୍ଶନରେ ମନ୍ତ୍ରୀ,ଘୋଷଣା କରିଦେଲେ, ପ୍ରଥମ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ର ପରୀକ୍ଷା ନଦେଇ, ସମସ୍ତେ ପରବର୍ତ୍ତୀ ଶ୍ରେଣୀକୁ ଉତୀର୍ଣ୍ଣ ହେବେ। ଏଇକଥା ଶୁଣିଦେବା ପରେ, ମୁଁ ତାକୁ ଯେତେ ଡାକୁଛି ବହି ଆଣି ପାଖକୁ ଆସିବା ପାଇଁ, ସେ ଆଉ ଧରା ଛୁଆଁ ଦେଉନି। ଆଚ୍ଛା କହିଲେ ଭାଇ, ସରକାରଙ୍କର ଏଇଟା କଣ ଠିକ୍ ନିଷ୍ପତି? ମୁଁ କହିଲି ଅସୁବିଧା କଣ? ଆଗରୁ ପିଲା ପଢୁଥିଲେ, ପରୀକ୍ଷା ଦେଉଥିଲେ, କିନ୍ତୁ ପ୍ରଥମ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ, ଫେଲ୍ ବ୍ୟବସ୍ଥା ନଥିଲା, ସମସ୍ତେ ପାଶ୍ କରୁଥିଲେ। ଏବେ ପଢିନାହାନ୍ତି, ପରୀକ୍ଷା ଦେବେ ନାହିଁ, କିନ୍ତୁ ପାଶ୍ କରିବେ।ଏତିକି ପାର୍ଥକ୍ୟ। ସାଙ୍ଗେ ସାଙ୍ଗେ ସମୀର ବାବୁ ଉତ୍‌କ୍ଷିପ୍ତ ହୋଇ କହିଲେ, ତାହେଲେ ପିଲା ତ ସବୁ କଇଁଥା, ଦରସିଝା ରହିଗଲେ! ମୁଁ କହିଲି ସରକାର ବା କଣ କରି ପାରିବେ? ପାଣିକୁ ଗଲେ କୁମ୍ଭୀର,ଉପରକୁ ଆସିଲେ ବାଘ! ସ୍କୁଲକୁ ଗଲେ କରୋନା ଡର, ଘରେ ରହିଲେ ଶିକ୍ଷା ଦୁର୍ବଳ। ଏବାବଦରେ କିଛି ବିଶିଷ୍ଟ ଶିକ୍ଷାବିତ୍,ସରକାରଙ୍କୁ ଗଣ ମାଧ୍ୟମ ଜରିଆରେ ପ୍ରସ୍ତାବ ରଖିଥିଲେ ଯେ, ଏହି ଶିକ୍ଷାବର୍ଷଟିକୁ ଶୂନ୍ୟ ଶିକ୍ଷାବର୍ଷ ଘୋଷଣା କରାଯାଉ, ଏବଂ ଯେଉଁ ଶ୍ରେଣୀରେ ଯେଉଁ ପିଲା ରହିଛନ୍ତି, ନୂତନ ଶିକ୍ଷାବର୍ଷରେ ସେହି ଶ୍ରେଣୀରେ ପୁନର୍ବାର ଅଧ୍ୟୟନ କରନ୍ତୁ। ଏ ବାବଦରେ ଗୋଟିଏ ବର୍ଷ କ୍ଷତି ସହୁଥିବା ସମୟକୁ, ଚାକିରୀ ପ୍ରବେଶ ସମୟ ସୀମାରୁ ଏକବର୍ଷ କୋହଳ କରାଯାଉ। ସରକାର କଣ ବିଚାର ବିମର୍ଷ କଲେ ବା ନକଲେ, ତାଙ୍କ ପରାମର୍ଶ ଦାତା ଏ ବାବଦରେ କଣ ଅସୁବିଧା ହେବ ଉପଲବ୍ଧି କଲେ, ତାହା କାର୍ଯ୍ୟକାରୀ କରାଇଲେ ନାହିଁ। ତେଣୁ ବିନା ପରୀକ୍ଷାରେ ପାଶ୍ ବ୍ୟତୀତ, ଆଉ କିଛି ବିକଳ୍ପ ବ୍ୟବସ୍ଥା ନାହିଁ ବୋଲି ଅନୁମାନ କରାଯାଉଛି। ସମୀର ବାବୁ କହିଲେ ଆପଣ ଯାହା କହୁଛନ୍ତି, ଠିକ୍ ଯେ, କିନ୍ତୁ ଖୁବ କମରେ ଅନ୍‌ଲାଇନ୍ ପରୀକ୍ଷାଟା ତ ହୋଇ ପାରିଥାନ୍ତା।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


## କବିତା କୋଣାର୍କ

### ଶେଷକଥା ...

ବିନୟ ଭୂଷଣ ପାଣିଗ୍ରାହୀ



ମଥା ଛୁଇଁ କଥା ଦେଇପାରିବିନି
କାଲି ରଜନୀକୁ ପ୍ରାଣ ସଜନୀଗୋ
ଜୋଛନା ପ୍ଲାବିତ ପଲ୍ଲବିତ ଅଙ୍ଗେ
ସ୍ୱପ୍ନ ତରଙ୍ଗ ତୋଳିବି।

ନିଦ୍ରିତ ନିଶାର୍ଦ୍ଧ ନିଶବ୍ଦ ପ୍ରହରେ
ନିଃଶବ୍ଦରେ ଆସି ବସି ଶେଯଧାରେ
ବିକ୍ଷିପ୍ତ ତମର ଚୂର୍ଣ୍ଣ କୁନ୍ତଳକୁ
ସଜାଡ଼ି ଚୁମ୍ବନ ଦେବି।

କହିବିନି ଆଉ ତମ ରାଣଖାଇ
ସରଗରୁ ଚାନ୍ଦ ତାରା ତୋଳିଆଣି
ତମ ଗଭା ଦେଶ ବିମଣ୍ଡିତ କରି
ପ୍ରୀତିପୀୟୂଷ ସିଞ୍ଚିବି।

ଅପରାହ୍ନ ଏବେ ଆସନ୍ନ ଗୋ ସଖୀ
ଅବସନ୍ନ ପାଦ, ଲାଖିଆସେ ଆଖି
ମାଡ଼ିଆସେ ଘନଘୋର ଅନ୍ଧକାର
ଅଞ୍ଚଳେ ତହିଁ ହଜିବି।


+ହରସିଂହପୁର, ପିରହାଟ ବଜାର
ଭଦ୍ରକ-୭୫୬୧୩୧,ଓଡ଼ିଶା
ମୋ: ୯୪୩୮୬୭୦୧୨୦


### ଦୃଶ୍ୟାନ୍ତର ...

ଶରତ କୁମାର ଦାସ

ବଦଳିଗଲାଣି ରାଜରାସ୍ତାର ପରିପାଟୀ
ଗଳିକନ୍ଦି ଛକ ବସ୍ତି ଖେଳପଡିଆ
ଅତି ଚିହ୍ନା ପରିଚିତ ଦୃଶ୍ୟରାଜି
ଅଚିହ୍ନା ଅଜଣା ନୂଆ ନୂଆ ।

ଚତୁର୍ଦ୍ଦିଗ ନଭଶ୍ଚୁମ୍ବୀ ଅଟ୍ଟାଳିକା
ମାଟି କାଦୁଅର କଅଁଳିଆ ସ୍ୱର୍ଶ
ଗୁମୁରୀ ଗୁମୁରୀ ଲୁହଝାରେ,
ଉଗ୍ର ରୂପ ନିଏ ବିସ୍ତାରବାଦୀ
କଂକ୍ରିଟର ସ୍ୱେଚ୍ଛାଚାରବାଦ ।

ଗଛବୃକ୍ଷ ନୀରବ ଉଦାସ
ସକଳ କୋଳାହଳ ଭିତରେ
ରାଜୁତି କରେ ଏକ ଖାଁ ଖାଁ ଭାବ
ନାହିଁ ନାହିଁର ନିରଳସ ରୂପ
ନିଆଁ ଜଳେ ମନରେ ହୁତୁହୁତୁ ।

ଏଠି ଏବେ ଏବେ ସକାଳ ଆସେ
ଘନ କୁହୁଡ଼ିର ଅସ୍ପଷ୍ଟ ଚାଦର ତଳେ,
ଶୁଭେନି କାହିଁ କୁଆ କି କୋଇଲି ଡାକ
ମୁହଁ ଟେକି ଚାହିଁ ପାରେନା ସକାଳର
ନରମ ନରମ ସ୍ନିଗ୍ଧ ସମ୍ମୋହନ ।

ଆକାଶ ବି ସ୍ଥିର ଓ ନିର୍ବାକ
ଝାପ୍ସା ଝାପ୍ସା ନୀଳରଙ୍ଗ ମାଟିକୁ ଛୁଏଁ
ମାତ୍ର ଛୁଇଁ ପାରେନି ଦେହର ଦେହଳି
ଅନେକ ଅବସୋସର ତାଣ୍ଡବରେ
କ୍ଷତାକ୍ତ ମନ ଆଉ ପ୍ରାଣ ।

ଏଠି ସଂଜ ବି ଆସେ
ମ୍ଳାନ ଗୋଧୂଳିରେ
ମାଳ ମାଳ ଆଲୁଅର ତାରକସୀ ତଳେ
ଝଲସି ଉଠେ ସକଳ ଲୋମକୂପ,
ଅନ୍ଧାର ହାଇମାରେ
ରାତିର ଗଭାରେ ।

ହାଲକା ହାଲକା ପବନରେ
ପତ୍ର ଝଡିଯାଏ ଗୋଟି ଗୋଟି କରି
ଫୁଲ ହୋଇ ଫୁଟିବା ପୂର୍ବରୁ
କଢ ସବୁ ମାଟିରେ ଲୋଟିପଡେ
ରକ୍ତାତ ହୁଏ ଶିରାପ୍ରଶିରା ।

ଦୀର୍ଘ ନିଃଶ୍ୱାସ ମାରେ ପ୍ରକୃତିର କମ୍ପନ
ଦୃଶ୍ୟରୁ ଦୃଶ୍ୟାନ୍ତର ହୁଏ
ମାଟିର ମଧୁର ମାଧୁର୍ଯ୍ୟ
ସ୍ୱାର୍ଥପରତାର ନିକିତିରେ
ତଉଲି ହୁଏନା
ମାନବିକତାର ଗଭୀରତା
ବାଟହୁଡେ ପାପ-ପୁଣ୍ୟର
ପ୍ରଲମ୍ବିତ ଇତିହାସ ।


+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧




## କବିତା କୋଣାର୍କ



### ଅଲିଭା ଲୁହ...

ସୁଧାକର ରାଉତ୍

ତୁମକୁ ମୁଁ ଭାବି ଅତି ଆପଣାର
ସବୁ କଥା କହିଦିଏ
ଗୋପନ କଥାକୁ ସାଇତି ରଖିଲେ
ତାକୁ ପ୍ରେମ କହେ କିଏ।
ତୁମ ମୁଖ ଭଙ୍ଗୀ ଜଣାଏ ସଙ୍କେତ
ଶୁଣି ବାର ସେ ଆଗ୍ରହ
କେବେ ହସ ହସ କେବେ ତ ବିରସ
କେବେ କେବେ ଝରେ ଲୁହ।
ସେ ମୁକୁତା ଟୋପା ଅତି ଆଦରରେ
ସଯତ୍ନେ ସାଇତିବାକୁ
ପାପୁଲି ମୁଠାରେ ରହି କିଛି କ୍ଷଣ
ବହି ଯାଏ ତା ତଳକୁ।
ଲୁହେ ଢ଼ଳଢ଼ଳ ସେ ଚକ୍ଷୁ ଯୁଗଳ
ଆବେଗେ ଦିଏ ଇସାରା
ଅତି ମୋହାବେଶେ ଗଭୀର ଆବେଗେ
ଧୀରେ ମୁଁ ଦିଅଇ ଧରା।
ଅଜାଣତ ଭାବେ ଦେଖାଦେଇ ବାରେ
ଅଜସ୍ର ପ୍ରେମ ବାରିରେ
ଜୁଡୁସୁଡୁ ଯାକୁ କଲ ମୁଁ ତାହାକୁ
ନ ରଖି ପାରିଣ ଝୁରେ।
ସମୟର ନଈ ଦୁଇ କୂଳ ଖାଇ
କେତେ ଶୀଘ୍ର ଗଲା ବହି
ତଥାପି ନିଃସଙ୍ଗ ଏକାକୀ ବିହଙ୍ଗ
ଭୋଗେ ଯା ଲେଖିଛି ବିହି।


+ପ୍ରତାପ ନଗରୀ, କଟକ
ମୋ ୮୨୪୯୯୩୨୭୯୨

**କ୍ଷୁଦ୍ର କିଶୋର ଗଳ୍ପ :**

# ।। ଆଜି ମୋ ଜନ୍ମଦିନ ।।



**ବିନୟ କୁମାର ଦାସ**



ଚାକିରୀରୁ ଅବସର ନେବା ପରେ ତାରାପଦ ବାବୁ ପ୍ରାୟ ସବୁବେଳେ ଘର ଭିତରେ ହିଁ ରହୁଛନ୍ତି । ସକାଳେ ସଂଧ୍ୟାରେ କିଛି ସମୟ ବାହାରେ ବୁଲାବୁଲି କରିବା ପାଇଁ ଉପର ମହଲାରୁ ତଳକୁ ଆସନ୍ତି । ଘର ସାମ୍ନାରେ ଥିବା ରାସ୍ତାରେ ଚାଲବୁଲ କରନ୍ତି ଆଉ ଫେରି ଯାଆନ୍ତି ନିଜ କୋଠରୀକୁ । ବିଭିନ୍ନ ପ୍ରକାରର ବହି ପଢିବା ଆଉ ପିଲାଙ୍କ ପାଇଁ ଗପ ଲେଖିବାରେ ତାଙ୍କର ସମୟ ବିତିଯାଏ । ତେବେ ସେ ଅଧିକାଂଶ ସମୟ ବାଲକୋନୀରେ ହିଁ ବସି ରହିବାକୁ ପସନ୍ଦ କରନ୍ତି । ସେଇଠୁ ସେ ବାହାରର ପ୍ରାକୃତିକ ଦୃଶ୍ୟ ଉପଭୋଗ କରନ୍ତି । ତାଙ୍କ ଘର ସାମ୍ନାରେ ସିନା ରାଜରାସ୍ତା, ହେଲେ ଘର ପଛପଟକୁ ତାଙ୍କ ଶୋଇବା ଘରକୁ ଲାଗି ଯେଉଁ ବାଲକୋନୀ ରହିଛି, ସେଇଠୁ ବହୁତ ଦୂର ପର୍ଯ୍ୟନ୍ତ ରହିଛି ଶ୍ୟାମଳ ଶସ୍ୟକ୍ଷେତ୍ର ଆଉ ସବୁଜ ଘାସର ପଡିଆ । ସେତକ ଦେଖି ସେ ବହୁତ ଆନନ୍ଦ ଲାଭ କରିଥାନ୍ତି ।

ସେ ସେଇ ବାଲକୋନୀରେ ବସି ସକାଳର ଜଳଖିଆ କରିଥାନ୍ତି । ମଝିରେ ମଝିରେ ଚା ପିଅନ୍ତି ସେଇ ବାଲକୋନୀରେ ବସି । ଦିନେ ସକାଳେ ସେ ଜଳଖିଆ କରିବା ସମୟରେ ତାଙ୍କ ବାଲକୋନୀ ରେଲିଂ ଉପରେ ଆସି ଗୋଟିଏ ମାଙ୍କଡ ବସିଲା । ତାକୁ ଦେଖି ସେ ଅବଶ୍ୟ ଟିକେ ଡରିଗଲେ । କିନ୍ତୁ ଲକ୍ଷ୍ୟ କଲେ ସେ କିଛି କ୍ଷତି କରୁନି । ଚୁପ୍‌ଚାପ୍ ବସି ରହି ତାଙ୍କୁ ଅନେଇଛି । ସେ ଜଳଖିଆ ଖାଇ ସାରିବା ଯାଏ ମାଙ୍କଡଟି ସେମିତି ସେଇଠି ବସି ରହିଲା ଓ ତାପରେ ଡିଆଁ ମାରି ପଳାଇଗଲା । ତହିଁ ପରଦିନ ସେମିତି ସେହି ସମୟରେ ସେ ଆସି ହାଜର ହୋଇଗଲା । ତାକୁ ଦେଖି କାହିଁକି କେଜାଣି ତାରାପଦ ବାବୁ ଖୁସି ହୋଇଗଲେ । ତାକୁ ଲକ୍ଷ୍ୟ କରି ସ୍ନେହଭରା ସ୍ୱରରେ କହିଲେ, "ଆରେ ବାଃ, ଆସିଗଲ ହିରୋ ? ହଉ, ନିଅ ଏ କଦଳୀ ଖାଅ ।" ଏତକ କହି ତା ଆଡକୁ ନିଜ ଭାଗ ଜଳଖିଆରୁ ଗୋଟିଏ କଦଳୀ ବଢ଼ାଇଦେଲେ । ମାଙ୍କଡଟି ରେଲିଂରୁ ଓହ୍ଲାଇ ଆସି ତାଙ୍କ ହାତରୁ କଦଳୀ ନେଲା ଓ ପୁଣି ସେହି ରେଲିଂକୁ ଯାଇ ସେଇଠି ବସି ନିଜ ହାତରେ କଦଳୀର ଚୋପା ଛଡାଇ ଖାଇବାକୁ ଲାଗିଲା । ବହୁତ ଖୁସି ଲାଗିଲା ତାରାପଦ ବାବୁଙ୍କୁ ଏହି ଦୃଶ୍ୟ ଦେଖି । ତାକୁ କହିଲେ, "ହିରୋ..ତୁମେ ତ ବଢିଆ । କାଲି ବି ଆସିବ, ତୁମକୁ କଦଳୀ ଦେବି । " ତହିଁ ପରଦିନ ସତକୁ ସତ ସେ ଯଥା ସମୟରେ ହାଜିର ହୋଇଗଲା । ତାକୁ ସେ କଦଳୀ ଦେଲେ ଓ ସେ ଖାଇନେଲା । ବାସ୍... ତାପରେ ଏହି ପ୍ରକାର ଚାଲିଲା କିଛିଦିନ ।

ଦିନେ ସେ କଦଳୀ ଦେଲେ ଯେ ହେଲେ ହିରୋ ନେଲା ନାହିଁ । "କଣ ହୋଇଛି ହିରୋ ? ଦେହ ଭଲ ନାହିଁ କି ? ପେଟ ଖରାପ କି ? ଖାଉନ ଯେ ..? କଥା କଣ ? " ହିରୋ କିଛି ସଙ୍କେତ ଦେଲା ନାହିଁ । କିନ୍ତୁ ଯେମିତି ସବୁଦିନ ଫେରି ଯାଏ, ସେମିତି ସେଦିନ ଗଲା ନାହିଁ । ରେଲିଂ ଉପରେ ସେମିତି ଚୁପଚାପ ବସି ରହିଲା । ତାରାପଦ ବାବୁ କଣ ଭାବିଲେ କେଜାଣି, ଘର ଭିତରକୁ ଯାଇ ଆଉ ଏକ କଦଳୀ ଆଣି ତାକୁ ଦେଲେ । ଏଥର ହିରୋ କଦଳୀ ନେଲା ଓ ପୂର୍ବବତ୍ ଚୋପା ଛଡାଇ ଖାଇଲା । ତାରାପଦ ବାବୁ କହିଲେ , "ଓ..ମୋ ଭାଗରୁ ତୁମକୁ ଗୋଟିଏ ଦେଇ ଦେଉଥିଲି ବୋଲି ତୁମେ ନେଲ ନାହିଁ । ତା ମାନେ ମୋର ଦୁଇଟି କଦଳୀ ଖାଇବା କଥା..ଅଥଚ ତୁମକୁ ଗୋଟିଏ ଦେଉଥିବାରୁ ତୁମକୁ ଭଲ ଲାଗିଲା ନାହିଁ । ଠିକ୍ ଅଛି, କାଲିଠାରୁ ମୁଁ ଦୁଇଟି ଖାଇବି ଆଉ ତୁମକୁ ଗୋଟିଏ ବି ଦେବି । ଖୁସ୍ ତ ?"

ମାଙ୍କଡ ଚାଲିଗଲା । ତାରାପଦ ବାବୁ ଭାବୁଥିଲେ ଏମାନେ ପଶୁ ହେଲେ ବି କେତେ ବିଚାରବନ୍ତ ! ତାଙ୍କୁ ଖୁସି ଲାଗିଲା ସେ ଜଣେ ଭଲ ଦୋସ୍ତ ପାଇଯାଇଛନ୍ତି । ତା ପର ଦିନ ସେ କଦଳୀ ଖାଇ ସାରିବା ପରେ ତାରାପଦବାବୁ କହିଲେ , "ଆରେ ହିରୋ.. ଜାଣିଛ , ଆସନ୍ତାକାଲି ମୋ ଜନ୍ମଦିନ । କାଲି ଆସିଲେ କେକ୍ କାଟିବା । କାଲି ତୁମେ ମୋ ଗେଷ୍ଟ । ଆସିବ ନିଶ୍ଚୟ । ତୁମେ ଆସିଲେ ମୁଁ ବହୁତ ଖୁସି ହେବି ।" ଏତକ ଶୁଣିବା ପରେ ହିରୋ ଚାଲିଗଲା ।

ତହିଁ ପରଦିନ ଯଥା ସମୟରେ ତାରାପଦବାବୁ ଜନ୍ମଦିନ କେକ୍ ଧରି ସେଇ ବାଲକୋନୀରେ ହିରୋକୁ ଅପେକ୍ଷା କରି ରହିଲେ । କିନ୍ତୁ ବହୁତ ସମୟ ବିତିଗଲେ ସୁଦ୍ଧା ହିରୋ ଆସିଲା ନାହିଁ । ତାଙ୍କୁ ଭାରି ଖରାପ ଲାଗିଲା । ମନେମନେ ସେ କେତେ କଣ ଭାବିଗଲେ । ହିରୋର ଦେହ ଖରାପ ହେଲା କି ? ତାକୁ ନିମନ୍ତ୍ରଣ କଲେ ବୋଲି ସେ ରାଗିକଲା କି ଆଉ ? ନା ସେ ତାରାପଦ ବାବୁଙ୍କ କଥା ବୁଝି ପାରିଲା ନାହିଁ ? ମନ ଖରାପ ହୋଇଯିବାରୁ ସେ କେକ୍ ସହ ଘର ଭିତରକୁ ପଳାଇ ଆସିଲେ । ତେବେ କିଛି ସମୟ ପରେ ସେ ଅନୁଭବ କଲେ ତାଙ୍କ କବାଟ କେହି ଜଣେ ଠକଠକ କରୁଛି । ସେ ବାଲକୋନୀ ପାଖ କବାଟ ଖୋଲି ଦେଲେ । ଦେଖିଲା ବେଳକୁ ରେଲିଂରେ ବସିଛି ହିରୋ । ଆଉ ସାରା ରେଲିଂରେ ବସିଛନ୍ତି ଆଠ କି ଦଶ ମାଙ୍କଡ । ଚମକି ପଡିଲେ ତାରାପଦବାବୁ । ଜନ୍ମଦିନ ପାଳିବାକୁ ହିରୋ ତା ସାଂଗସାଥୀଙ୍କୁ ନେଇ ଚାଲି ଆସିଛି । ଏତକ ଭାବିଦେଲା କ୍ଷଣି ତାଙ୍କ ମନ ଖୁସି ହୋଇଗଲା । ସେ ତୁରନ୍ତ ଘର ଭିତରକୁ ଯାଇ କେକ୍ ନେଇ ଆସିଲେ । ସେ ଆସି ଦେଖିଲେ ସବୁ ମାଙ୍କଡ ନିଜ ନିଜ ହାତରେ ଗୋଟିଏ ଲେଖାଏଁ କଂଚା ଆମ୍ବ ଧରି ତାଙ୍କ ଆଡକୁ ବଢାଉଛନ୍ତି । ତା ମାନେ ସେମାନେ କଣ ତାଙ୍କୁ ତାଙ୍କ ଜନ୍ମଦିନର ଉପହାର ଦେଉଛନ୍ତି କି ? ସେ ସମସ୍ତଙ୍କ ଠାରୁ ଉପହାର ଗ୍ରହଣ କଲେ । ସେମାନେ ତାଙ୍କ ପାଦତଳେ ମୁଣ୍ଡ ଲଗାଇ ପ୍ରଣାମ କଲେ । ଭାବ ଗଦଗଦ ହୋଇଗଲେ ତାରାପଦ ବାବୁ । ସେ କେକ୍ କାଟିଲେ । ତାଙ୍କ ସ୍ତ୍ରୀ ବି ସେତେବେଳକୁ ସେଠାରେ ପହଂଚି ସାରିଥିଲେ । ସମସ୍ତେ ତାଳି ମାରିଲେ । ସମସ୍ତଙ୍କୁ କେକ୍ ଦିଆଗଲା କେକ୍ ଖାଇ ସାରିବା ପରେ ସେମାନେ ପୁଣି ଥରେ ତାଙ୍କୁ ପ୍ରଣାମ ଜଣାଇ ସେଠାରୁ ଚାଲିଗଲେ ।

ଏ ବର୍ଷ ତାଙ୍କ ଜନ୍ମଦିନ ଏତେ ସୁନ୍ଦର ଆଉ ନିଆରା ଢଂଗରେ ପାଳିତ ହେବ ବୋଲି ସେ କେବେ ବି ଭାବି ନଥିଲେ । ଏହା ତାଙ୍କର ଚିର ସ୍ମୃତି ହୋଇ ରହିଗଲା ।

+ଅନାମିକା ନୀଡ଼, ଅଂଗାର ଗଡିଆ,
ବାଲେଶ୍ୱର-୧



**କାର୍ତ୍ତିକ ସାଇଁ**

**ବିଜ୍ଞାନ ଟୁଙ୍ଗି - ୩୬**

# ଅପୋଲୋ -୧୧ ପରେ....



ଆଦିମକାଳରୁ ମଣିଷର ଜିଜ୍ଞାସା ତାକୁ କେବେ ନେଇ ଯାଇଛି ପାହାଡ଼ର ଶିଖର ଦେଶକୁ ଓ କେବେ ନେଇ ଯାଇଛି ସମୁଦ୍ରର ଅତଳ ଗର୍ଭକୁ । ଆଫ୍ରିକାର ଘଂଚ ଜଂଗଲ ସୃଷ୍ଟି କରିନି ବାଧା, ମହା ସମୁଦ୍ରର ବିଶାଳତା ସୃଷ୍ଟି କରିନି ଭୟ, ମରୁଭୂମି ଓ ମାଳଭୂମିର ରୁକ୍ଷତା ସୃଷ୍ଟି କରିନି ହତୋତ୍ସାହତା । ପ୍ରକୃତିର ରହସ୍ୟ ଉଦ୍‌ଘାଟନ ଥିଲା ଲକ୍ଷ୍ୟ ।

ସ୍ପୁଟିନିକ୍ ଆରମ୍ଭ କରିଥିଲା ମହାକାଶ ଯୁଗ । ତାପରେ ପରେ ସୋଭିଏଟ୍ ରୁଷିଆ ଓ ଯୁକ୍ତରାଷ୍ଟ ଆମେରିକାଙ୍କ ଭିତରେ ଆରମ୍ଭ ହୋଇଥିଲା ମହାକାଶରେ ପ୍ରତିଯୋଗିତା । କେବେ ରୁଷିଆ ଦି'ପାଦ ଆଗେଇ ଯାଉଥିଲା ତ କେବେ ଯୁକ୍ତରାଷ୍ଟ୍ର ଆମେରିକା ।

ଆପୋଲୋ-୧୧ କେବଳ ଆମେରିକାର ନୁହଁ - ସାରା ବିଶ୍ୱରେ ସୃଷ୍ଟି କରିଥିଲା ଏକ ଅଭୂତପୂର୍ବ ଆଗ୍ରହ ଓ ଉଦ୍ଦୀପନା । ନିଲ୍ ଆର୍ମଷ୍ଟ୍ରଙ୍ଗଙ୍କ କଥା- ଏହା ମଣିଷ ଜାତି ପାଇଁ ଏକ ବିରାଟ ପଦକ୍ଷେପ ବିଶ୍ୱବାସୀଙ୍କୁ ଏ ବାର୍ତ୍ତା ଦେଇଥିଲା- ସାରା ବିଶ୍ୱ ଏକା ବିପଦ ଓ ଉନ୍ନତି ସାରା ବିଶ୍ୱର ।

ଆପୋଲୋ-୧୧ର ଅଭୂତପୂର୍ବ ସଫଳତା ପରେ ପରେ ଆମେରିକାର ମହାକାଶ ବିଜ୍ଞାନ ସଂସ୍ଥା ନାସା ଆପୋଲୋ-୧୨କୁ ପ୍ରସ୍ତୁତ କରିଦେଇଥିଲା । ଏହି ଯାନ ନଭେମ୍ବର ମାସ ୧୪ ତାରିଖ, ୧୯୬୯ରେ ମହାକାଶକୁ ଲମ୍ଫ ପ୍ରଦାନ କଲା । ଏଥିରେ ତିନିଜଣ ମହାକାଶ ଯାତ୍ରୀ ଥିଲେ । ସେମାନେ-ଚାର୍ଲ୍ସ କୋନ୍‌ରାଡ୍, ରିଚାର୍ଡ଼ ଗର୍ଡ଼ନ ଓ ଆଲାନ ବିନ୍ । ଏହି ଯାନକୁ ଆମେରିକାର ରକେଟ୍ ସଟର୍ନ-୫ ମହାକାଶକୁ ନେଇଥିଲେ । କମାଣ୍ଡ ମଡ୍ୟୁଲର ନାମ ଥିଲା- 'ୟାଙ୍କି କ୍ଲିପର' ଓ ଲୁନାର ମଡ୍ୟୁଲାର ନାମ ଥିଲା- ଇଣ୍ଟ୍ରେପିଡ଼ । ଏହି ମିସନର ଅବଧି ଦଶଦିନ ୪ ଘଂଟା, ୩୬ ମିନିଟର ଥିଲା ।

ଏହି ମିସନରେ ମହାକାଶ ଯାତ୍ରୀମାନେ ଦୁଇଥର ଲୁନାର ମଡ୍ୟୁଲ ବାହାରକୁ ଯାଇ ବିଭିନ୍ନ ପରୀକ୍ଷଣ କରିଥିଲେ । ଆପୋଲୋ-୧୧ ଓ ୧୨ର ସଫଳତା ପରେ ଲୋକଙ୍କର ଆଗ୍ରହ ଏହି ପ୍ରୋଗ୍ରାମରେ କମି ଆସୁଥିଲା । ଏହା ଏକ ବ୍ୟୟସାପେକ୍ଷ ଅଭିଯାନ ଥିଲା । ମାତ୍ର ଆପୋଲୋ-୧୩ର ଘଟଣା ପୁଣିଥରେ ଲୋକଙ୍କ ମନରେ ଚନ୍ଦ୍ର ଅଭିଯାନ ଲାଗି ଆଗ୍ରହ ସୃଷ୍ଟି କରିଥିଲା ।

ପିଲାମାନେ ମହାକାଶକୁ କୌଣସି ଯାନକୁ ପଠାଇବା ପୂର୍ବରୁ ସଂପୂର୍ଣ୍ଣ ବିଶ୍ୱସନୀୟତା ପ୍ରାପ୍ତି କରିବାକୁ ପଡ଼େ । ସାମାନ୍ୟତମ ତ୍ରୁଟି ଆଣେ ବିଫଳତା ଓ କୋଟି କୋଟି ଟଙ୍କାର କ୍ଷୟକ୍ଷତି ।

ଆପୋଲୋ-୧୨ ସହିତ ଆପୋଲୋ -୧୩ର ପ୍ରସ୍ତୁତି ଆରମ୍ଭ ହୋଇଥିଲା । ୧୯୬୯ରେ ଆମେରିକା ଦୁଇ ଦୁଇଥର ଚନ୍ଦ୍ର ପୃଷ୍ଠକୁ ମଣିଷକୁ ପଠାଇ ସାରିଥିଲା । ସମସ୍ତେ ଦୃଢ଼ ହୋଇ ଯାଇଥିଲେ- ଚନ୍ଦ୍ରକୁ ମାନବକୁ ପଠାଇ ସେମାନଙ୍କୁ ସୁରକ୍ଷିତ ଭାବରେ ପୃଥିବୀକୁ ଫେରାଇ ଆଣିହେବ ଓ ଚନ୍ଦ୍ର ସଂପର୍କରେ ଅଧିକ ଜ୍ଞାନ ହାସଲ କରିହେବ । ମାତ୍ର ଆପୋଲୋ-୧୩ ଏହି ଧାରଣାକୁ ଭୁଲ୍ ପ୍ରମାଣ କଲା ।

ଏପ୍ରିଲ ମାସ ୧୧ ତାରିଖ, ୧୯୭୦ ମସିହା । ତିନିଜଣ ମହାକାଶଯାତ୍ରୀ- ଜେମସ୍ ଲୋଭେଲା, ଜ୍ୟାକ୍ ସ୍ୱିଗର୍ଟ ଓ ଫ୍ରେଡ ହରସିଙ୍କ ନେଇ ଆମେରିକାର ସଟର୍ନ-୫ ରକେଟ୍ ଚନ୍ଦ୍ର ଅଭିମୁଖେ ଯାତ୍ରା କରିଥିଲେ । ଆଗ ଆପୋଲୋ ଯାନ ପରି ଏଥିରେ ସର୍ଭିସ ମଡ୍ୟୁଲ କମାଣ୍ଡ ମଡ୍ୟୁଲ ଓ ଲୁନାର ମଡ୍ୟୁଲ ଥିଲା । ରକେଟ ତା କାମ କରିଥିଲା । ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ଆଗରୁ ସର୍ଭିସ ମଡ୍ୟୁଲ ଅମ୍ଳଜାନ ଟ୍ୟାଙ୍କରେ ଏକ ବିସ୍ଫୋରଣ ହେଲା । ଯାହାକି କେବଳ ମହାକାଶ ଯାନ ନୁହଁ... ମହାକାଶ ଯାତ୍ରୀଙ୍କ ଜୀବନକୁ ବିପଦ ସଙ୍କୁଳ କରିଦେଲା । ସାରା ପୃଥିବୀର ଲୋକ ଏ କଥା ଜାଣିଲେ ଓ ସବୁଠାରେ ଆରମ୍ଭ ହୋଇଗଲା ପ୍ରାର୍ଥନା- ହେ ଈଶ୍ୱର ମହାକାଶ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ପୃଥିବୀକୁ ଫେରାଇ ଆଣ ।

କେନେଡ଼ି ମହାକାଶ କେନ୍ଦ୍ରରେ ବୈଜ୍ଞାନିକମାନେ ପ୍ରାର୍ଥନା ତ କରୁଥିଲେ- ମାତ୍ର ତାଙ୍କ ପ୍ରଚେଷ୍ଟା ଜାରି ରହିଥିଲା । ବୈଜ୍ଞାନିକମାନେ ଦିନ ରାତି ଲାଗି ପଡ଼ିଲେ- ତିନି ମହାକାଶ ଯାତ୍ରୀଙ୍କୁ ପୃଥିବୀକୁ ଫେରାଇ ଆଣିବାକୁ । ମୃତ୍ୟୁମୁଖରେ ଥିବା ଯାତ୍ରୀଙ୍କୁ ଫେରାଇ ଆଣିବା ସହଜ ଥିଲା କି ?

(କ୍ରମଶଃ)

(ମୋ): ୯୯୮୦୩୦୦୭୫୧

**କବିତା ତୁମ ପାଇଁ**

## କୁନା ବୋଲି ପିଲାଟିଏ

**ଧୀରେନ୍ଦ୍ର ମଲ୍ଲିକ**



ଥିଲା ବଡ଼ ଜିଦିଆ,
ଶୁଣେ ନାହିଁ କାହା କଥା
ପାଠରେ ବି ଗଧିଆ ।
ବିଦ୍ୟାଳୟ ଯାଏ ନାହିଁ
କେବେ ହେଲେ ଦିନେବି,
ଟିଉସନ କଥା ତା'ର
ପଡେ ନାହିଁ ମନେ ବି ।
ପିତା ମାତା ଗୁରୁଜନେ
ଭକ୍ତି ନାହିଁ ତାହାର,
କଳି କରି ଘରେ ନିତି
ଖାଏ ବେତ ପାହାର ।
ସାନଭାଇ ଭଉଣୀକୁ
ବହୁତ ସେ ଚିଡାଏ,
ଦରକାର ଚିଜ ଯାହା
ମାଗେ ନାହିଁ ଛଡାଏ ।
ଦୁଷ୍ଟ ବୋଲି ସାଙ୍ଗ ତା'ର
ଜଣେ ହେଲେ ନାହାନ୍ତି,
ମିଶନ୍ତିନି ସାଥେ କେହି
ଦୂରେଇକି ରୁହନ୍ତି ।
ବନ୍ଧୁଘର ମେଳା ଯାତ
ସବୁ ତାକୁ ବାରଣ,
ଅତ୍ୟଧିକ ଚଗଲାମୀ
ଥିଲା ତାର କାରଣ ।
ମନ ଦୁଃଖ କରି ସିଏ
କାନ୍ଦେ ଜେଜେ ଆଗରେ,
ମତେ ତମ ସାଥେ ନେବ
କହେ କେତେ ବାଗରେ ।
କଥା ଦେଉଅଛି ଜେଜେ
ଦୁଷ୍ଟ ଆଉ ହେବିନି,
ଭଲପିଲା ହେଇ କାହା
ମନେ ଦୁଃଖ ଦେବିନି ।
ସଭିଏଁ କହିବେ କୁନା
ସୁନା ପିଲା ହୋଇଲା,
ଦୁଷ୍ଟ ଥିଲା ବୋଲି ସିନା
କେତେ ଅପବାଦ ପାଇଲା !

+ ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬

## ଭାବ ଭକତିର ପରବ...

**ମନୋରମା ସେଠୀ**



ଜାଗର ଜାଳିଲା ଅଘିରେ ପୋଡ଼ିଲା
ଥିରି ଥିରି ଶୀତ ମାଉସୀ ତ ଗଲା ।

ଫଗୁଣ ଆସିଲା ମଳୟ ବହିଲା
ଚୂତ ଡାଳେ ବସି କୋଇଲି ରାବିଲା ।

ପାଚିଲା ପତର ଗଛରୁ ଖସିଲା
ଥୁଣ୍ଟା ଗଛେ ପତ୍ର କଅଁଳି ଉଠିଲା ।

ଗିରିବନ ତୋଟା ସବୁଜ ଦିଶିଲା
ଆମ୍ବ ବଉଳର ମହକ ଛୁଟିଲା ।

ମୁରୁକି ମୁରୁକି ଧରା ବି ହସିଲା
ଆନନ୍ଦରେ ଆମ ମନଟା ନାଚିଲା ।

ଧୋବ ଫରଫର ମଲ୍ଲୀ ଫୁଟିଲା
ସୁନ୍ଦରୀ ପଳାଶ ଚହଟି ଉଠିଲା ।

ରଙ୍ଗର ପରବ ଦୋଳ ଆସିଲା
ଆନନ୍ଦେ ଉଲ୍ଲାସେ ମନ ମୋହିଲା ।

ପୀରତିର ଭାବ ଘେନି ଆସିଲା
ଅହଂକାର ଭାବ ଦୂରେଇ ଦେଲା ।

ଜାତି ଭେଦଭାବ ମନୁ ଭୁଲିଲା
ଏକତା ସୂତ୍ରରେ ବାନ୍ଧିଣ ଦେଲା ।
ଅଭିର ରଙ୍ଗରେ ମନ ରଙ୍ଗିଲା ।

+ଈଶାଣୀ, ସାହାଦା, ସୁନହଟ
ବାଲେଶ୍ୱର-୭୫୬୦୦୨
ମୋ: ୯୧୭୮୬୨୫୦୩୩

## ମଣିଷ ମଧ୍ୟରେ ମଣିଷ ସିଏ...

**ପୂର୍ଣ୍ଣଚନ୍ଦ୍ର ସେଠୀ**



ମଣିଷ ମଧ୍ୟରେ ମଣିଷ ସିଏ
ହାତେ ମାପି ଚାଲେ ଚାଖଣ୍ଡେ ସିଏ ।

କରଜ କରିଣ ଘିଅ ଖାଏନା,
ପର ସୁଖ ଦେଖି ଦୁଃଖ କରେନା ।

ନିଜ କୁଡ଼ିଆକୁ ଭାବେ ପ୍ରାସାଦ,
ଅଭାବରେ ପଡ଼ି କରେନି ଖେଦ ।

ଶାଗ ପଖାଳରେ ଚଳାଇ ନିଏ ।
ମଣିଷ ମଧ୍ୟରେ ମଣିଷ ସିଏ..

ଯିଏ ଗରିବର କଥା ବୁଝଇ,
ଦାନାକନା ନେଇ ଦିଏ ଯୋଗାଇ ।

ସେବା ବଦଳରେ ନେବା ଜାଣେନା,
କାହାରି ଅନିଷ୍ଟ କେବେ କରେନା ।

ତାହା ପରି ଆଉ ହୋଇବ କିଏ ?
ମଣିଷ ମଧ୍ୟରେ ମଣିଷ ସିଏ...

+ କବିନିବାସ, ଈଶାଣୀ, ସାହାଦ,
ବାଲେଶ୍ୱର-୨
ମୋ: ୯୭୭୮୧୮୪୪୯୪

## ନାଆଁଟି ମୋର ଗୁଡି...

**ସୁଦର୍ଶନ ମହାପାତ୍ର**



ଡେଣା ନଥାଇ ଆକାଶ ଛୁଏଁ
ନାଆଁଟି ମୋର ଗୁଡି
ବନ୍ଧା ଥାଇ ମୁଁ ଲଟେଇ ସାଥେ
ଯାଏ ଆନନ୍ଦେ ଉଡି ।
ରଙ୍ଗ ବେରଙ୍ଗୀ ଦେହଟି ମୋର
କେଡେ ସୁନ୍ଦର ସତେ
ହଲି ଦୋହଲି ଖେଳୁଥାଏ ମୁଁ
ପବନ ଗତି ସାଥେ ।
ଘର ଦୁଆର ମଠ ମନ୍ଦିର
ବଣ ପାହାଡ ନଈ
ସବୁଜ କ୍ଷେତ ସଡ଼କ ପ୍ରାନ୍ତ
ଦେଖେ ଆକାଶେ ଥାଇ ।
ଭାବେ ମୁଁ କେବେ ଜହ୍ନମାମୁଁଙ୍କୁ
ଦିଅନ୍ତି ଟିକେ ଛୁଇଁ
ଦେଖି ଆସନ୍ତି ଘର ତାଙ୍କର
ପାଖକୁ ଥରେ ଯାଇ ।
ସପନ ତୁଟେ ବୁଝଇ ତେବେ
ସୂତାରେ ମୁହିଁ ଗୁନ୍ଥା
ଛିଡିଗଲେ ଯେ ପଡିବି କାହିଁ
ନଥିବ ମୋର ସତ୍ତା ।
ମକର ପର୍ବ ଆସଇ ଯେବେ
ମନ ମୋ ଖୁସି କେତେ
ପରମ୍ପରାର ଆଧାର ମୁହିଁ
କି ଭାଗ୍ୟ ମୋର ସତେ !

+କୁଞ୍ଜବିହାରୀ ଲେନ, କଟକ

# ମଣିଷ ସମ୍ପଦ

**ଦେବଚନ୍ଦ୍ର ମହାପାତ୍ର**

(ପୂର୍ବ ପ୍ରକାଶିତ ଉତ୍ତାରୁ)



ସେ ବାପକୁ ପିଠିରେ ଲଦି ଘରକୁ ଫେରିଲା । ନିଜ ବାଡ଼ିପଟ ବଗିଚା କଣରେ ଛୋଟ ଚାଳି ଘରଟିରେ ଲୁଚାଇ ରଖିଲା । ପ୍ରତିଦିନ ଗୋପନରେ ଖାଇବା ଜିନିଷ ଦେଇ ଦେଖାଶୁଣା କରୁଥାଏ । ଦିନେ ରାଜା ଘୋଷଣା କଲେ ଯେ, ରାଜ୍ୟର ପ୍ରତ୍ୟେକ ଲୋକ ତାଙ୍କ ଭେଟିଦେବେ । ଜଣ ଜଣ କରି ପ୍ରଜାଙ୍କୁ ଡକାଗଲା । ନାନା କିସମର ଜିନିଷ ଭେଟି ସକାଶେ ବରାଦ କରାଗଲା । ଶେଷରେ ପୁଅର ପଡ଼ିଲା ପାଳି । ରାଜା ବରାଦ କଲେ ସେ ପାଉଁଶରେ ଗୋଟିଏ ଦଉଡ଼ି ତିଆରି କରି ରାଜାଙ୍କୁ ଆଣି ଭେଟି ଦେବେ । ପୁଅ ଏକଥା ଶୁଣି କ'ଣ କରିବ ? ସିଏ ତ ଜାଣେନା ପାଉଁଶ ଦଉଡ଼ି କିପରି ତିଆରି ହେବ ? ରାଜ୍ୟର ଅନ୍ୟ ଲୋକମାନେ ମଧ୍ୟ ଜାଣନ୍ତି କି ନା ସନ୍ଦେହ ।

ପୁଅ ଆସି ବାପକୁ ସବୁ କଥା କହିଲା । ବାପ କହିଲା "ଇଏତ ଅତି ସହଜ କାମ । ଗୋଟିଏ ମଜଭୁତ ଦଉଡ଼ିକୁ ଟିଣ ପଟା ଉପରେ ରଖି ଜଳେଇ ଦେ । ପାଉଁଶର ଦଉଡ଼ି ତିଆରି ହେବ" । ପୁଅ ଠିକ୍ ସେହିପରି କରି, ରାଜାଙ୍କୁ ପାଖକୁ ନେଇଗଲା । ରାଜା ତା ବୁଦ୍ଧି ଦେଖି ବହୁତ ପ୍ରଶଂସା କଲେ । ଆଉ ଦିନେ ରାଜା ତାକୁ ଡକାଇ ଖଣ୍ଡିଏ ବାଡ଼ିଦେଲେ । ବାଡ଼ିଟି ଚିକ୍‌ଣ ଓ ରଂଗ ରଂଗିଆ ଥିଲା । କହିଲେ- "ବାଡ଼ିଟି କଂଚା ଥିଲାବେଳେ, ଏହାର ଅଗ ଓ ମୂଳ କେଉଁପଟେ ଥିଲା ? ଏହାର ଉତ୍ତର ତୁମକୁ ଦୁଇଦିନ ଭିତରେ ଦେବାକୁ ପଡ଼ିବ" ।

ପୁଅ କାଠ ବାଡ଼ି ଖଣ୍ଡିକ ନେଇ ବାପ ପାଖକୁ ଗଲା । ଉପାୟ ପଚାରିଲା । ବାପ କହିଲା- ବାଡ଼ିକୁ ସାବଧାନରେ ପାଣିରେ ପକାଇ ଭଲ କରି ଦେଖିବୁ । ବାଡ଼ିର ଯେଉଁ ପାଖ ଆଗ ପାଣିରେ ବୁଡ଼ିବ, ତାହା ମୂଳ । ଯେଉଁ ପାଖ ଉପରକୁ ରହିବ ତାହା ଅଗ ବୋଲି ଜାଣିବୁ' । ପୁଅ ସେହିପରି ପରୀକ୍ଷା କଲା । ରାଜାଙ୍କୁ ଠିକ୍ ଉତ୍ତର ଦେବାରୁ ତା ଉପରେ ଖୁସି ହୋଇ ଆଉ ଏକ କାମ ଦେଲେ । କାମଟି ହେଉଛି, ଏପରି ଢ଼ୋଲଟିଏ ତିଆରି ହେବ, ଯାହାକୁ ହାତରେ ନ ବଜାଇଲେ ବି ବାଜିବ ।

ପୁଅ ପୁଣି ବାପର ପରାମର୍ଶ ଲୋଡ଼ିଲା । ବାପ କହିଲା- 'ଏହା ସେମିତି କିଛି ବଡ଼ କଥା ନୁହେଁ । ଢ଼ୋଲ ତିଆରି ପାଇଁ ଚମଡ଼ା ଓ କାଠ କିଣି ଆଣ । ପାହାଡ଼ ବା ଜଙ୍ଗଲରୁ ମହୁ ଫେଣାଏ ନେଇଆସ । ମହୁ ଫେଣାଟି ଢ଼ୋଲ ଭିତରେ ରଖି ଢ଼ୋଲର ଦୁଇ ମୁହଁ ବନ୍ଦ କରି ଦେ' । ବାପ କଥା ଅନୁଯାୟୀ ପୁଅ ଢ଼ୋଲଟା ସେହିପରି ତିଆରି କଲା । ଢ଼ୋଲଟି ନେଇ ପୁଅ ରାଜାଙ୍କ ପାଖେ ପହଂଚିଲା । ଢ଼ୋଲକୁ ହାତରେ ଧରି ଏପଟ ସେପଟ କରିବାରୁ ତା ଭିତରେ ଥିବା ମହୁମାଛି ଫେଣାରୁ ବାହାରିଲେ । ଢ଼ୋଲ ଦୁଇପାଖ ଚମଡ଼ାରେ ପିଟି ହେବାରୁ ହାତରେ ନ ବଜାଇ ବି ଢ଼ୋଲ ଆପେ ଆପେ ବାଜିଲା ।

ତିନୋଟି ଯାକ ବିଷୟ ସହଜରେ ସମାଧାନ କରିଥିବାର, ରାଜା ତାକୁ ପୁରସ୍କାର ଦେଲେ । ଦିନେ ତାକୁ ଦରବାରକୁ ଡକାଇ ପଚାରିଲେ- 'ତୁମେ କିପରି ଭାବେ ମୋର ଅଦ୍‌ଭୁତ୍ ଖିଆଲର ଉତ୍ତର ଦେଲ କୁହତ !' ଯୁବକ ସବୁ ଘଟଣା ରାଜାଙ୍କୁ କହିଲାରୁ ରାଜା ଖୁସି ହୋଇ କହିଲେ- ' ମୁଁ ଜାଣି ନଥିଲି ଯେ ବୁଢ଼ାମାନେ ଏତେ ବୁଦ୍ଧିମାନ ବୋଲି' । ଆଜିଠାରୁ ଆଉ କେହି ବୃଦ୍ଧମାନଙ୍କୁ ଘରୁ କାଢ଼ି ପାହାଡ଼ ଜଙ୍ଗଲରେ ଛାଡ଼ି ଆସିବେ ନାହିଁ । ମରିବା ଯାଏଁ ସେମାନେ ନିଜ ଘରେ ରହିବେ । ସେମାନେ ମୋ ଦେଶର ସମ୍ବଳ । ସେହିଦିନଠାରୁ ରାଜ୍ୟର ବୃଦ୍ଧମାନେ ଆନନ୍ଦରେ ନିଜ ନିଜର ପରିବାରଙ୍କ ପାଖରେ ମରିବାଯାଏ ରହିଲେ ।

(ସମାପ୍ତ)

+ଜେନାରୀ ଗଛ ଛକ, ପୁରୀ ଟାଉନ, ପୁରୀ

## କ୍ଷେତରୁ ଚିନାବାଦାମ ଚୋରୀ ନେଇ ଫାଣ୍ଡିରେ ଅଭିଯୋଗ

ଧର୍ମଶାଳା,୧୯।୩ (ନି.ପ୍ର): କ୍ଷେତରୁ ଚିନାବାଦାମ ଚୋରୀ ନେଇ ବ୍ରହ୍ମବରଦା ଫାଣ୍ଡିରେ ଚାଷୀମାନେ ଅଭିଯୋଗ ହୋଇଛି । ଏବଂ ଏହି ଘଟଣାରେ ପୋଲିସ ଏକ ବାଦାମ ଗଛ ବୋଝେଇ ଟାଟା ଏସି (ଓଆର୦୫ଏଏନ ୩୮୬୨) ସହ ଟାଟା ଏସି ଚାଳକକୁ ଅଟକ ରଖି ପଚରାଉଚୁରା କରୁଛି । ଅଭିଯୋଗ ମୁତାବକ ଗତ କାଲି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଓ ଇସ୍ତମା ପଡିଆ ପାଟରେ ସ୍ଥାନୀୟ ଅଂଚଳର ଚାଷୀ ନିଜ ନିଜ ଜମିରେ ଚିନା ବାଦାମ ଚାଷ କରିଥାନ୍ତି । କ୍ଷେତରେ ଗତ କାଲି ଚାଷୀ ଚିନାବାଦାମ ଗଛ ଓପାଡିଥିଲେ । ଏବଂ ଗଛ ଶୁଖିବା ପରେ ସେମାନେ ଏହି ଗଛକୁ ଘରକୁ ଆଣିଥାନ୍ତି । ବିଲରେ ପଡିଥିବା ଚିନାବାଦାମ ଗଛକୁ କେହି ଦୃବୃତ ଏକ ଟାଟା ଏସି ଦ୍ୱାରା ନେଇ ଯାଉଥିବା ନେଇ ଗତ କାଲି ରାତିରେ ସ୍ଥାନୀୟ ଅଂଚଳର କିଛି ଚାଷୀଙ୍କ ନଜରକୁ ଆସିଥିଲା । ଏହାକୁ ସନ୍ଦେହ କରି ଚାଷୀମାନେ ଗାଡିକୁ ଧରିବାକୁ ଉଦ୍ୟମ କରିଥିଲେ । ଏବଂ ଘଟଣାସ୍ଥଳରେ ଏକ ଟାଟା ଏସିକୁ ଜବତ କରିଥିଲେ । ଏବଂ ଏହି ଘଟଣାକୁ ନେଇ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଥିଲେ । ପୋଲିସ ଗାଡି ସହ ଚାଳକକୁ ଅଟକ ରଖି ପଚରାଉଚୁରା କରୁଥିବା ଅନ୍ୟ ୨ଜଣ ଯୁବକ ଫେରାର ହୋଇଯାଇଥିବା ଜଣାପଡିଛି ।

# ସୁନ୍ଦରଗଡରେ ମେଡିକାଲ କଲେଜ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ବିଧାୟକଙ୍କ ଚିଠି

## କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦି ନିଜ ଦାୟିତ୍ୱରୁ ପଳାୟନ କରୁଛନ୍ତି ରାଜ୍ୟ ସରକାର: ବିଜେପି

ସୁନ୍ଦରଗଡ/ଭୁବନେଶ୍ୱର ,୧୯।୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦି ଦେଇ ରାଜ୍ୟ ସରକାର ନିଜ ଦାୟିତ୍ୱରୁ ପଳାୟନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଅଭିଯୋଗ କରିଛନ୍ତି ସୁନ୍ଦରଗଡର ତିନି ବିଜେପି ବିଧାୟକ । ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ବୀରମିତ୍ରପୁର ବିଧାୟକ ଶଙ୍କର ଓରମା ଏବଂ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଗତ ୧୬ ତାରିଖରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ପ୍ରଫୁଲ କୁମାର ମଲ୍ଲିକ ରାଉରକେଲା ସ୍ଥିତ ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରିବା ସମ୍ପର୍କିତ ପତ୍ର କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଠାଇଛନ୍ତି । ତେବେ ଏହି ପତ୍ରରୁ ମନ୍ତ୍ରୀ ପ୍ରଫୁଲ କୁମାର ମଲ୍ଲିକଙ୍କ ପାଖରେ ସବିଶେଷ ତଥ୍ୟ ନଥିବା ଭଳି ଲାଗୁଛି । ବାସ୍ତବରେ ରାଉରକେଲା ଇସ୍ପାତ୍ କାରଖାନା ନିଜର ମୁଖ୍ୟ କାର୍ଯ୍ୟ ଇସ୍ପାତ୍ ଉତ୍ପାଦନ ସହ ଅନ୍ୟାନ୍ୟ ସାମାଜିକ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରି ନିଜର ଏକ ସ୍ୱତନ୍ତ୍ର ସ୍ଥାନ କେବଳ ସୁନ୍ଦରଗଡରେ ନୁହେଁ ବରଂ ଓଡିଶା ଓ ସାରା ଦେଶରେ ମଧ୍ୟ ବଜାୟ ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିଥିବା ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ୱାବଧାନରେ ଆଜିର ଦିନରେ ସୁପର ସ୍ପେଶାଲିଟି ହସ୍ପିଟାଲ୍ ଉଦ୍‌ଘାଟନ ହେବାକୁ ଯାଉଛି । ଅପରପକ୍ଷରେ ୨୦୨୦ ମାର୍ଚ୍ଚ ମାସରେ ମୁଖ୍ୟମନ୍ତ୍ରୀ ରାଉରକେଲା ସରକାରୀ ହସ୍ପିଟାଲ (ଆରଜିଏଚ୍) ରେ ୧୨୦ ବେଡରୁ ୪୦୦ ବେଡ୍ କରିବା ସହିତ ଏହାକୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଭଳି କରିବା ପାଇଁ ଘୋଷଣା କରିଥିଲେ । ସେହିପରି ଡିସେମ୍ବର ୨୦୧୩ରେ କେନ୍ଦ୍ରୀୟ ରଷ୍ଟ୍ରାୟତ ଉଦ୍ୟୋଗ (ଏନଟିପିସି) ଏବଂ ଓଡିଶା ସରକାରଙ୍କ ମଧ୍ୟରେ ମେଡିକାଲ କଲେଜ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ରାଜ୍ୟ ସରକାର ଏହାର ପରିଚାଳନା ଦାୟିତ୍ୱ ନେବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହି ପରିପ୍ରେକ୍ଷୀରେ ଜାନୁଆରୀ ୨୦୧୪ରେ ମୁଖ୍ୟମନ୍ତ୍ରୀ ଏହି ମେଡିକାଲ କଲେଜ୍ ସ୍ଥାପନା ପାଇଁ ମଧ୍ୟ ଭିତିପ୍ରସ୍ତର ସ୍ଥାପନା କରିଥିଲେ । ଏହାବ୍ୟତିତ ୨୦୧୬-୧୭ ଶିକ୍ଷାବର୍ଷରେ ମେଡିକାଲ କଲେଜରେ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ଯୋଜନା କରାଯାଇଥିଲା । ଶିଳାନ୍ୟାସର ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ନହେବା ଦୁଃଖର ବିଷୟ । ରାଜ୍ୟରେ ଅନ୍ୟ ଏକ ରାଷ୍ଟ୍ରାୟତ ଉଦ୍ୟୋଗ (ଏନଟିପିସି) ୩୫୦ କୋଟି ଟଙ୍କା ଖର୍ଚ୍ଚ କରି ସୁନ୍ଦରଗଡରେ ମେଡିକାଲ କଲେଜ ନିର୍ମାଣ ପାଇଁ ମଧ୍ୟ ଭିତିଭୂମି ପ୍ରସ୍ତୁତ କରିସାରିଛି । ତେଣୁ ସୁନ୍ଦରଗଡ ଜିଲ୍ଲାର ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡିକ ସଦାସର୍ବଦା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଅବଦାନ ଜାରୀ ରଖିଛନ୍ତି । ରାଜ୍ୟ ସରକାର ଚାହିଁଲେ ଏହି ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରାଯାଇପାରିବ । ଏଥିନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଯଦି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ମିଳେ ତେବେ ଏହାକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରାଯିବ ବୋଲି ବିଜେପି ବିଧାୟକମାନେ ପତ୍ରରେ ଉଲ୍ଲେଖ ରହିଛି । ସୁନ୍ଦରଗଡବାସୀଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ସୁନ୍ଦରଗଡର ବିଜେପି ବିଧାୟକ ଓ ବିଧାୟିକା ଆଶାବ୍ୟକ୍ତ କରିଛନ୍ତି ।

## ରାସ୍ତାରୁ ହଟିବ ଟୋଲ ବୁଥ୍ , ଜିପିଏସ୍‌ରେ ଆଦାୟ ହେବ ଟୋଲ୍

ନୂଆଦିଲ୍ଲୀ ,୧୯।୩ (ନି.ପ୍ର): ହଟିବ ସମସ୍ତ ଟୋଲ ବୁଥ ଏବଂ ଜିପିଏସ ଇମେଜିଙ୍ଗ ମାଧମରେ ହେବ ଟୋଲ୍ ସଂଗ୍ରହ । ଆଉ ମାତ୍ର ବର୍ଷକ ପରେ ଏହି ସୁବିଧା ସାଧାରଣ ଜନତାଙ୍କ ପାଇଁ ଉପଲବ୍ଧ ହେବ ବୋଲି ଆଜି ସଂସଦରେ ଘୋଷଣା କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ । ଟୋଲ ବୁଥରେ ଶହ ଶହ ଗାଡ଼ି ଠିଆ ହୋଇ ଟୋଲ ଦେଉଥିବାରୁ ରାସ୍ତା ଜାମ ହେବାର ସମସ୍ୟା ଦେଖାଦେଉଛି । ଅନେକ ସ୍ଥାନରେ ଘଂଟା ଘଂଟା ଧରି ଗାଡ଼ି ଠିଆ ହୋଇ ରହୁଛି । ଫାସଟ୍ୟାଗ୍ ବ୍ୟବସ୍ଥା ଦ୍ୱାରା ଭିଡ଼ କମିଥିଲେ ମଧ ଏହି ସମସ୍ୟାର ସମାଧାନ ସମ୍ପୂର୍ଣ୍ଣ ରୂପେ ହୋଇପାରି ନାହିଁ । ଏହାକୁ ଦୃଷ୍ଟିରେ ରଖି ବର୍ଷକ ମଧରେ ସମସ୍ତ ଟୋଲ ବୁଥ ହଟାଇଦିଆଯିବ । ଆସନ୍ତା ଏକ ବର୍ଷ ମଧରେ ଭାରତ ସମ୍ପୂର୍ଣ୍ଣ ଜିପିଏସ୍ ଆଧାରିତ ଟୋଲ୍ ସଂଗ୍ରହ ପ୍ରଣାଳୀ କାର୍ଯ୍ୟକାରୀ କରିବ ବୋଲି କହିଛନ୍ତି ନିତିନ ଗଡ଼କରୀ । ରାସ୍ତାରେ ଜିପିଏସ୍ ଆଧାରିତ ସିଷ୍ଟମ୍ ରହିବ ଯାହା କାରଗୁଡ଼ିକୁ ଟ୍ରାକ୍ କରିବ ଏବଂ ସେହି ଅନୁଯାୟୀ ଟୋଲ ଆଦାୟ କରିବ । ଥରେ ଏହି ସିଷ୍ଟମ କାର୍ଯ୍ୟକ୍ଷମ ହେବା ପରେ ଲୋକଙ୍କୁ ଆଉ ଠିଆ ହୋଇ ଟୋଲ ଦେବାକୁ ପଡ଼ିବ ନାହିଁ ।

## ପୂର୍ବତଟ ରେଳବାଇର ମହାପ୍ରବନ୍ଧକଙ୍କ ଜରପଡ଼ା-ସମ୍ବଲପୁର ସେକସନ୍‌ର ନିରୀକ୍ଷଣ

ସମ୍ବଲପୁର,୧୯।୩ (ନି.ପ୍ର): ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ବିଦ୍ୟାଭୂଷଣ ୧୭ ମାର୍ଚ୍ଚ-୨୦୨୧ରେ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀଙ୍କ ସହିତ ସମ୍ବଲପୁର ମଣ୍ଡଳର ଜରପଡ଼ା-ସମ୍ବଲପୁର ସେକସନର ବାର୍ଷିକ ନିରୀକ୍ଷଣ କରିଥିଲେ । ଏହି ନିରୀକ୍ଷଣ ସମୟରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ରେଳବାଇ କଲୋନୀ, ପୋଲ, ରେଳବାଇ ଫାଟକ ଏବଂ ବିଭିନ୍ନ ଷ୍ଟେସନରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ଉପରେ ନିରୀକ୍ଷଣ କରିଥିଲେ । ମହା ପ୍ରବନ୍ଧକଙ୍କ ବାର୍ଷିକ ନିରୀକ୍ଷଣ ସମୟରେ ଏହି ସେକ୍‌ସନର ସମ୍ପୂର୍ଣ୍ଣ ରେଳବାଇ ଭିତିଭୂମିକୁ ତନତନ କରି ଯାଂଚ କରାଯାଇଥାଏ ଏବଂ ଜନସାଧାରଣଙ୍କୁ ପ୍ରଦାନ କରାଯାଉଥିବା ସେବାର ଗୁଣବତାର ଉନ୍ନତି ପାଇଁ ଆବଶ୍ୟକ ଉନ୍ନତିର ମୂଲ୍ୟାଙ୍କନ କରାଯାଇଥାଏ । ଜଇଣ୍ଡା, ହଣ୍ଡପା, ରେଢ଼ାଖୋଲ ଏବଂ ସମ୍ବଲପୁର ସହିତ ବିଭିନ୍ନ ଷ୍ଟେସନରେ ଯାଞ୍ଚ କରାଯାଇଥିଲା । ରେଳ ଧାରଣା, ରେଳବାଇ ଗେଟ୍, କପାଲ, ପଏଂଟ ଏବଂ କ୍ରସିଂ ପରି ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ସମ୍ପତିକୁ ତନ୍ନ ତନ୍ନ କରି ଯାଂଚ କରାଯାଇଥିଲା । ପ୍ଲାଟଫର୍ମ, ଟିକେଟ ବୁକିଂ ଅଫିସ, କ୍ୟାଟରିଂ, ଡ୍ରେସିଂ ହଲ, ଡରମେଟରୀ, ରିଟାରିଂଗ ରୁମ୍, ଭିଆଇପି ଲଂଚ ଇତ୍ୟାଦି ସହିତ ଯାତ୍ରୀ ମାନଙ୍କ ସୁବିଧା ଉପରେ ବିଦ୍ୟାଭୂଷଣ ସମୀକ୍ଷା କରିଥିଲେ ଏବଂ ଏହାକୁ ନିରନ୍ତର ନଜର ରଖିବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସେ ଏହି ସେକସନରେ ଦୋହରୀକରଣ ଓ ବିଦ୍ୟୁତିକରଣ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ ।

## ପୁରୀ ଓ ଇନ୍ଦୋର ଏବଂ କନ୍ୟାକୁମାରୀ ଓ ହାଓଡ଼ା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୯।୩ (ନି.ପ୍ର): ପୁରୀ ଠାରୁ ଇନ୍ଦୋର ମଧ୍ୟରେ ଏବଂ ପୂର୍ବତଟ ରେଳପଥ ମଧ୍ୟଦେଇ ହାଓଡ଼ା ଓ କନ୍ୟାକୁମାରୀ ମଧ୍ୟରେ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯିବାକୁ ରେଳବାଇ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଅଛି ।

ପୁରୀ - ଇନ୍ଦୋର ବିଶେଷ ଟ୍ରେନ: ୨୩ ମାର୍ଚ୍ଚ ଠାରୁ ଇନ୍ଦୋରରୁ ୦୯୩୭୧ ଇନ୍ଦୋର-ପୁରୀ ସ୍ପେଶାଲ୍ ପ୍ରତ୍ୟେକ ମଙ୍ଗଳବାର ଦିନ ଅପରାହ୍ନ ୩ ଘଟିକାରେ ଛାଡି ତା'ପରଦିନ ସନ୍ଧ୍ୟା ୬ଘ.୪୫ମି.ରେ ପୁରୀରେ ପହଂଚିବ । ଫେରିବା ସମୟରେ ୨୫ ମାର୍ଚ୍ଚ, ୨୦୨୧ ଠାରୁ ପୁରୀରୁ ୦୯୩୭୨ ପୁରୀ-ଇନ୍ଦୋର ସ୍ପେଶାଲ୍ ପ୍ରତ୍ୟେକ ଗୁରୁବାର (ବୁଧବାର ମଧରାତ୍ରି) ୦୦୩୦ ଘଂଟାରେ ଛାଡି ତା'ପରଦିନ ଭୋର ୫ଘ.୪୦ମି.ରେ ଇନ୍ଦୋରରେ ପହଂଚିବ । ଏହି ଟ୍ରେନ ରେ ୧୦ ଏସି ୩ ଟାୟାର୍ କୋଚ୍, ୦୬ ସ୍ଲିପର୍ କ୍ଲାସ୍ କୋଚ୍, ୦୨ ଗାର୍ଡ କମ ଲଗେଜ୍ ଭ୍ୟାନ୍ ଏବଂ ଗୋଟିଏ ପ୍ୟାଂଟ୍ରିକାର୍ ଉପଲବ୍ଧ ଥିବାବେଳେ ଏହା ପୁରୀ ଓ ଇନ୍ଦୋର ମଧ୍ୟରେ ପୂର୍ବତଟ ରେଳପଥ ପରିସୀମାରେ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର ସିଟି, ଝାରସୁଗୁଡା ରୋଡ୍ ଠାରେ ରହଣି କରିବାକୁ ଥିବାବେଳେ ନିର୍ଦ୍ଧାରିତ ମାର୍ଗରେ ବିଳାସପୁର, ରାୟପୁର, ଦୁର୍ଗ, ରାଜନନ୍ଦଗାଓଁ, ଗୋଣ୍ଡିଆ, ନାଗପୁର, ଇଟାର୍ସି, ଭୋପାଳ ଏବଂ ଦେଓ୍ୱାସ ଇତ୍ୟାଦି ଷ୍ଟେସନ ମାନଙ୍କରେ ଉଭୟ ପାର୍ଶ୍ୱରୁ ରହଣି କରିବ ।

ହାଓଡ଼ା-କନ୍ୟାକୁମାରୀ ବିଶେଷ ଟ୍ରେନ : ଏପ୍ରିଲ ମାସ ୩ ତାରିଖରୁ କନ୍ୟାକୁମାରୀ ଠାରୁ ୦୨୬୬୬ କନ୍ୟାକୁମାରୀ-ହାଓଡ଼ା ବିଶେଷ ଟ୍ରେନ ପ୍ରତ୍ୟେକ ଶନିବାର ଦିନ ସକାଳ ୫ଘ.୩୦ମି.ରେ ଛାଡି ହାଓଡ଼ା ଠାରେ ତା'ପରଦିନ ରାତ୍ର ୧୧ଘ.୫୫ମି.ରେ ପହଂଚିବ । ଫେରିବା ଦିଗରେ, ୫ ଏପ୍ରିଲ୍, ୨୦୨୧ ରୁ ହାଓଡ଼ା ଠାରୁ ୦୨୬୬୫ ହାଓଡ଼ା-କନ୍ୟାକୁମାରୀ ସ୍ପେଶାଲ୍ ପ୍ରତ୍ୟେକ ସୋମବାର ଅପରାହ୍ନ ୪ଘ.୨୫ମି.ରେ ଛାଡି ବୁଧବାର ଦିନମାନଙ୍କରେ ପୂର୍ବାହ୍ନ ୧୦ଘ.୫୦ମି. ସମୟରେ କନ୍ୟାକୁମାରୀରେ ପହଂଚିବ । ଏହି ଟ୍ରେନ ପୂର୍ବତଟ ରେଳପଥ ମଧ୍ୟରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବିଶାଖାପାଟନମ୍ ଠାରେ ରହଣି କରିବାକୁ ଥିବାବେଳେ ଏହା ଉଭୟ ପାର୍ଶ୍ୱରୁ ହାଡ ଓ କନ୍ୟାକୁମାରୀ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ରହଣି କରିବ । ଏହି ଟ୍ରେନ ରେ ୧୦ ଟି ସ୍ଲିପର୍ କ୍ଲାସ୍ କୋଚ୍, ୦୪ ଏସି ୩ ଟାୟାର୍ କୋଚ୍, ଗୋଟିଏ ଏସି ୨ ଟାୟାର୍ କୋଚ୍, ଦୁଇଟି ସେକେଣ୍ଡ୍ କ୍ଲାସ୍ ସିଟିଂ ଏବଂ ଦୁଇଟି ଗାର୍ଡ କମ ଲଗେଜ୍ ଭ୍ୟାନ୍ ଉପଲବ୍ଧ ଅଛି ।

# ବର୍ଦ୍ଧିତ ହୋଲଡିଂ ଟିକସ ଆଦାୟକୁ ନେଇ ରାଉରକେଲା ବିଧାୟକଙ୍କ ନିରବତା ଉପରେ ବିଜେପି ଉଠାଇଲା ପ୍ରଶ୍ନ: ଆନ୍ଦୋଳନର ଚେତାବନୀ

ରାଉରକେଲା,୧୯।୩ (ନି.ପ୍ର): ରାଉକେଲା ମହାନଗର ତରଫରୁ ରାଉରକେଲା ବାସିଙ୍କୁ ଏଯାଏ ସେଭଳି ସୁବିଧା ସୁଯୋଗ ଦିଆନଯାଇ ୨୦ରୁ ୩୦ ପ୍ରତିଶତ ଟିକସ ବଢାଇ ଡାକବାଜି ଯନ୍ତ୍ର ଯୋଗେ ସହରରେ ପ୍ରଚାର କରାଯାଇ ଏହି ହୋଲଡିଂ ଟିକସ ଆଦାୟ ଲାଗି ଉଦ୍ୟମ ହେବା ସତ୍ୱେ ରାଉରକେଲା ବିଧାୟକଙ୍କ ନୀରବତା ଉପରେ ରାଉରକେଲା ବିଜେପି ନେତା ନିହାର ରାୟ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଏଭଳି ଜିଜିଆ ଟିକସକୁ ରାଉରକେଲା ବିଧାୟକ ଏକ ପ୍ରକାର ସମର୍ଥନ କରି ସହରବାସୀଙ୍କୁ ଏଭଳି ଜୁଲୁମର ଶିକାର ହେବାଲାଗି ଛାଡି ଦେଇଛନ୍ତି, ଯଦି ଏଭଳି କାରବାରକୁ ତୁରନ୍ତ ବନ୍ଦ କରାନଯାଏ ତେବେ ବିଜେପି ପକ୍ଷରୁ ଆନ୍ଦୋଳନ ଆରମ୍ଭ କରାଜିବ ବୋଲି ସେ ଚେତାବନୀ ଦେଇଛନ୍ତି । ରାଉରକେଲା ସହର ନାମକୁ ମାତ୍ର ସ୍ମାର୍ଟସିଟି ଓ ମହାନଗର ନିଗମ ଘୋଷଣା ହେଲା, ହେଲେ ଆଜି ବି ସହରର ବିଭିନ୍ନ କୋଣାନୁକୋଣରେ ଲୋକେ ମୌଳିକ ସୁବିଧା ଟିକକ ପାଇବା ପାଇଁ ହିନସ୍ତା ଭୋଗୁଛନ୍ତି । ନାଳି ଗୁଡିକ ପୋତି ହୋଇ ପାଣି ଯାଇ ନପାରି ଦୁର୍ଗନ୍ଧ ମୟ ପରିସ୍ଥିତି ସୃଷ୍ଟି ହେଉଛି, ସହରର ରାସ୍ତା ଗୁଡିକ ମରଣ ଯନ୍ତା ପାଲଟିଛି, ସାମାନ୍ୟ ରୋଗଟିଏ ହେଲେ ଲୋକେ ଭୁବନେଶ୍ୱର ଦଉଡି ଦଉଡି ନୟାନ୍ତ ହେଉଛନ୍ତି, ଏଭଳି ସମସ୍ୟା ଗୁଡିକର ସମାଧାନ କରାନଯାଇ ହୋଲଡିଂ ଟିକସ କେଉଁ ଆଧାରରେ ବୃଦ୍ଧି କରାଯାଇଛି ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି । ଖାଲି ସେତିକି ନୁହେଁ କରୋନା ଭଳି ମହାମାରୀ ରେ ଲୋକେ ଦିର୍ଘ ମାସ ଧରି ରୋଜଗାର ହରାଇ, ଆର୍ଥିକ ପରିସ୍ଥିତିରେ ଜୁଝି ହେଉଥିବା ବେଳେ ସେମାନଙ୍କୁ ଡାକ ବାଜି ଯନ୍ତ୍ରରେ ୨୫ ତାରିଖ ଭିତରେ ଏହି ଟିକସ ପଇଠ ନକଲେ ଆଇନ ଅନୁସାରେ ପଦକ୍ଷେପ ନିଆଜିବ ବୋଲି ଧମକ ଦିଆଜିବା କେତେଦୂର ଯଥାର୍ଥ ବୋଲି ସେ ପ୍ରଶ୍ନ କରିଛନ୍ତି । ଏତେ ସବୁ ଜୁଲମ ଚାଲିଥିବା ବେଳେ ରାଉରକେଲା ବିଧାୟକ ନୀରବ ରହି ଲୋକଙ୍କ ଦୁଃଖରେ ସାମିଲ ନହୋଇ ଯେଉଁ ସ୍ୱାର୍ଥପରତା ଦେଖାଇଛନ୍ତି ତାଙ୍କୁ ଉଚିତ୍ ଜବାବ ଦେବା ଲାଗି ସାଧାରଣ ଜନତା ପ୍ରସ୍ତୁତ ହେଉଥିବା ବେଳେ ବିଜେପି ମଧ ସେଥିରେ ସାମିଲ୍ ହେବ ବୋଲି ଶ୍ରୀ ରାୟ ପ୍ରକାଶ କରିଛନ୍ତି । ଏଭଳି ସମୟରେ ଭୁବନେଶ୍ୱରରେ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ପରେ ସରକାର ଏହାକୁ ସ୍ଥଗିତ ରଖିଲେ । କିନ୍ତୁ, ସେହି ନିୟମକୁ କାହା ସମର୍ଥନରେ ରାଉରକେଲାରେ ଲାଗୁ ହୋଇଛି ବୋଲି ଶ୍ରୀ ରାୟ ପଶ୍ନ କରିଛନ୍ତି । ଏଭଳି ଜନବିରୋଧୀ କାରବାର ବିରୋଧରେ ବିଧାୟକ ମୁହଁ ଖୋଲିବା ଉଚିତ ନୁହେଁକି ? ଏହି ସହର ବାସୀ ବାବୁଙ୍କୁ ୩ ଥର ବିଧାୟକ କଲେ, ୨ ଥର ମନ୍ତ୍ରୀ ହେଲେ, କିନ୍ତୁ ଆଜିଯାଏ ଏହି ସହରବାସୀଙ୍କ ଦୁଃଖରେ ଏହି ବିଧାୟକ କେବେ ହେଲେ ଠିଆ ନହୋଇ ନିଜ ସୁବିଧାରେ ଚାଲିଛନ୍ତି ବୋଲି ଶ୍ରୀ ରାୟ ମତ ଦେଇଛନ୍ତି । ତେବେ ବର୍ଦ୍ଧିତ ହୋଲଡିଂ ଟିକସକୁ ନେଇ ସହରରେ ବ୍ୟାପକ ଅସନ୍ତୋଷ ବଢି ଚାଲିଥିବା ବେଳେ ଯେଉଁମାନେ ଟିକସ ଦେଉଛନ୍ତି ସେମାନଙ୍କୁ ତାଲିକାଭୁକ୍ତ କରି ସରକାର ଓ ବ୍ୟବସ୍ଥା କେବଳ ଅର୍ଥ ଆଦାୟ କରିବାରେ ଲାଗିଛି । ସହରରେ ବେକାରୀ ସମସ୍ୟା ଉକଟ ହେବା ସାଙ୍ଗକୁ ଲୋକଙ୍କ ରୋଜଗାର କମି ଚାଲିଛି । କିଛି ଲୋକ ଟିକସ ଦେଉଛନ୍ତି ଅନ୍ୟକିଛି କେବଳ ନାମକୁ ମାତ୍ର ବସ୍ତି ବାସୀଙ୍କ ନାମରେ ସବୁ କିଛି ସୁବିଧା ପାଇବା ସହ ନାନା ପ୍ରକାର ଟିକସରୁ ଛାଡ ପାଉଛନ୍ତି,ଏଭଳି କାରବାରକୁ ଲୋକେ ଠିକ ଭାବେ ବୁଝିବା ସହ କେବଳ ମଧବିତ ମାନଙ୍କ ଉପରେ ଏହା ଏକ ପ୍ରକାର ଚାବୁକ ପ୍ରହାର ସଦୃଶ ବୋଲି ସାଧାରଣରେ ଆଲୋଚନା ହେଉଛି । ସହରର ଛେଣ୍ଡ କଲୋନୀର ସେଂଟ୍ରାଲ ପାର୍କ, ଏଥିରେ କୋଟି କୋଟି ଟଙ୍କା ବିଧାୟକ ଯେତେବେଳେ ଆରଡିଏ ଦାୟିତ୍ୱରେ ଥିଲେ ଖର୍ଚ୍ଚ କରାଗଲା, କୁହାଗଲା ପୋଖରୀରେ ଡ଼ଙ୍ଗା ଚାଲିବ, ଲୋକେ ନଉକାବିହାର କରିବେ, ହେଲେ ନଉକା ନାଁ ଆଉ କିଛି, କିଛି ମିଳିଲାନି ଜଙ୍ଗଲ ହୋଇ ସେ ପାର୍କ ପଡିଛି, ସଞ୍ଜ ନଇଁଲେ ସେଠାରେ ମଦୁଆଙ୍କ ଭିଡ଼ ଜମୁଛି । ଲୋକଙ୍କର କୋଟି କୋଟି ଟଙ୍କାର ଟିକସ ପଇସା ଏହି ଭଳି ପାଣିରେ ପଡିଲା, ହରିଲୁଟ୍ ହେଲା, କିନ୍ତୁ ସେମାନଙ୍କୁ ସୁବିଧା ମିଳିଲାନି । ଏହା ମାତ୍ର ଏକ ଉଦାହରଣ, କିନ୍ତୁ ମହାନଗର ନିଗମ କୌଣସି ସୁବିଧା ନଦେଇ ମାଇକରେ ପ୍ରଚାର କରି ଦାଦାଗିରୀ ଦେଖାଉଥଲେବି ବିଧାୟଙ୍କ ନିରବତା ବାସ୍ତବରେ ବିଚାର ଯୋଗ୍ୟ ବୋଲି ମତ ପ୍ରକାଶ ପାଇଛି ।

## ନକ୍ସଲଙ୍କ ଦ୍ୱାରା ହତ୍ୟା କରାଯାଇଥିବା ଦୁଇଜଣଙ୍କ ପରିବାରକୁ ସହାୟତା ମିଳିନାହିଁ

### ୧୦ ଲକ୍ଷ ଲେଖାଏଁ ସହାୟତା ଦାବି କଲା ଏଏନପିପିଏଫ

କନ୍ଧମାଳ,୧୮ ମାର୍ଚ୍ଚ(ହି.ସ.)- କନ୍ଧମାଳ ଜିଲ୍ଲା ବେଲଘର ଥାନା ଅଂଚଳରେ ଥିବା ଭଣ୍ଡରଗଂହି ପଂଚାୟତର ଦୁଇଜଣ ନୀରିହ ଆଦିବାସୀ ପୋଲିସ ଇନଫର୍ମର ସନ୍ଦେହରେ ନକ୍ସଲଙ୍କ ଆକ୍ରୋଶର ଶିକାର ହୋଇ ଜୀବନ ହାରିଥିବା ଘଟଣାକୁ ପ୍ରାୟ ଦେଢମାସ ହେଲାଣି । ହେଲେ ସେମାନଙ୍କ ପରିବାରକୁ ସରକାରଙ୍କ ତରଫରୁ କୌଣସି ଆର୍ଥିକ ସହାୟତା ପ୍ରଦାନ କରାଯାଇନାହିଁ । ରାଜ୍ୟ ସରକାରଙ୍କ ତରଫରୁ ଏଥିପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ଏ ଯାବତ ସେମାନଙ୍କର ପରିବାରକୁ କୌଣସି ପ୍ରକାରର ସହାୟତା ପ୍ରଦାନ କରାଯାଇନାହିଁ । ନକ୍ସଲ ମୁକ୍ତ ଓଡିଶା,ବିକଶିତ ଓଡିଶା ରାଜ୍ୟ ଶାଖା (ଏଏନପିପିଏଫ) ଆଣ୍ଟିନକ୍ସଲ ପିପୁଲ୍ସ ପିସ ଫୋର୍ସ ପକ୍ଷରୁ ଏହାର ମୁଖ୍ୟ ଭାରତ ଭୁଷଣ ଏକ ପ୍ରେସ ବିଜ୍ଞପ୍ତି ଜାରୀ କରି କହଛନ୍ତି ତାଙ୍କ ସଂଗଠନ ପକ୍ଷରୁ ସରକାରଙ୍କ ନିକଟରେ ଏହି ଦୁଇଜଣଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଯୋଗାଇଦେବାକୁ ଦାବୀ କରାଯାଇଥିଲା । ଏଯାବତ ସେମାନଙ୍କୁ କୌଣସି ସହାୟତା ମିଳିନାହିଁ । ତେଣୁ ସରକାର ସେମାନଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ ଏହା ସହିତ ଭଣ୍ଡରଗଁ ପଂଚୟାତର ସରପଂଚଙ୍କ ପରିବାରକୁ ମଧ୍ୟ ସୁରକ୍ଷା ପ୍ରଦାନ କରିବାକୁ ଦାବୀ କରାଯାଇଛି । କନ୍ଧମାଳ ଜିଲ୍ଲା ପୋଲିସ ଜନତାଙ୍କୁ ଜନତାଙ୍କୁ ସୁରକ୍ଷା ଦେବାରେ ସମ୍ପୁର୍ଣ୍ଣ ବିଫଳ ହୋଇଛି ବୋଲି ସେ ଜାରୀ କରିଥିବା ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି । ଜିଲ୍ଲାରେ ୧୫୦ ରୁ ୨୦୦ ନକ୍ସଲ ଥିବାବେଳେ ସେମାନଙ୍କର ଦମନ ପାଇଁ କେନ୍ଦ୍ରୀୟ ସୁରକ୍ଷା ବାହୀନି ନିୟୋଜିତ ଥାଇ ମଧ୍ୟ ୪ ହଜାର ଜନତାଙ୍କ ଦ୍ୱାରା ଜଣେ ନିର୍ବାଚିତ ଜଣେ ଲୋକ ପ୍ରତିନିଧି ପରିବାର ସହିତ ଜୀବନ ଭୟରେ ଜିଲ୍ଲା ବାହାରେ ରହୁଥିବା ଘଟଣାକୁ ସେ ନିନ୍ଦା କରିଛନ୍ତି । ଏହି ଭଳି ନିରୀହ ଜନତାଙ୍କ ହତ୍ୟା ପରେ ତାଙ୍କ ଶୋକ ସନ୍ତପ୍ତ ପରିବାରର କେବଳ ସରକାର ହିଁ ଭରସା ହୋଇଥିବା ବେଳେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ଏକ ଚିନ୍ତାର ବିଷୟ । ତେଣୁ ସରକାର ଏଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକ ବୋଲି କହିଛନ୍ତି ଭାରତ ଭୁଷଣ । ଜିଲ୍ଲାରେ ନକ୍ସଲ ମାନଙ୍କ ଉଦେଶ୍ୟରେ ଜିଲ୍ଲାରେ ଜାଲ ବିଛା ଯାଇଛି ନକ୍ସଲ ମାନଙ୍କ ବିରୋଧରେ ଦୃଢ ପଦକ୍ଷେପ ନିଆଯିବ ନକ୍ସଲ ମାନଙ୍କୁ ଶାନ୍ତିରେ ଶୋଇବାକୁ କିମ୍ବା ବିଶ୍ରାମ ନେବାକୁ ଦିଆଯିବ ନାହିଁ ନକ୍ସଲ ମାନ ମଧ୍ୟରେ ଏଏନପିପିଏଫର ସଦସ୍ୟ ରହିଛନ୍ତି ସେମାନଙ୍କୁ ସମାପ୍ତ କରାଯିବ ବୋଲି ନକ୍ସଲ ସଂଗଠନକୁ ଚେତାବନୀ ଦେଇଛନ୍ତି ଭାରତ ଭୁଷଣ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକଲବ୍ୟ ମଡ଼େଲ ଆବାସିକ ବିଦ୍ୟାଳୟରେ ଆଇନ ସଚେତନତା ଶିବିର

ମାଲକାନଗିରି,୧୯।୩ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଜି ଏକଲବ୍ୟ ମଡ଼େଲ ଆବାସିକ ବିଦ୍ୟାଳୟ, ମାଲକାନଗିରି ଠାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଅତ୍ୟାଚାର ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷ ରୋହିତ ଲାଲ ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିଶ୍ୱରଞ୍ଜନ ବେହେରା, ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ତଥା ବିଚାରପତି ଅମରେଶ ନାୟକ, ସିନିୟର୍ ସିଭିଲ୍ ଜଜ୍ ସୁଚେତା କୃପାଳିନୀ, ମାଲକାନଗିରି ଏସଡ଼ିପିଓ ଅଂଶୁମାନ ଦ୍ୱିବେଦୀ, ଶ୍ରମ ବିଭାଗୀୟ କମିଶନର ମଦନ ମୋହନ ପାଇକ, ସହକାରୀ ବନ ସଂରକ୍ଷକ ଅଧିକାରୀ କୁମାରୀ ଲିଲି ଅମନାତ୍ୟ, ମାଲକାନଗିରି ଥାନା ଆଇଆଇସି ରାମା ପ୍ରସାଦ ନାୟକ, ମାଲକାନଗିରି କଲେଜର ଅଧାପକ ଡଃ. ରଞ୍ଜନ କୁମାର ସ୍ୱାଇଁ, ଏଏମଆରଏସର ଅଧକ୍ଷ ବି. ତାରକେଶ ଓ ସହ ଅଧକ୍ଷ ରାଜେଶ ପଣ୍ଡା, ଉପସ୍ଥିତ ବିଦ୍ୟାଳୟ କର୍ମଚାରୀ ଓ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ମାନେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ନିୟମ ଗୁଡିକ ଏବଂ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢି ସତ୍ ମାର୍ଗର ଅନୁସରଣ କରିବାକୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶେଷରେ ଶ୍ରୀ ପଣ୍ଡା ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଙ୍କଟମୋଚନଙ୍କ ୧୦ ବାର୍ଷିକ ଜନ୍ମୋତ୍ସବ ଉଦ୍‌ଯାପିତ

କୋରେଇ,୧୯।୩ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହିଠାରେ ସଙ୍କଟମୋଚନଙ୍କ ପ୍ରତିଷ୍ଠା ଉତ୍ସବ ବା ୧୦ ବାର୍ଷିକ ଜନ୍ମୋତ୍ସବ ଆଜି ଉଦଯାପିତ ହୋଇଛି । ୩ଦିନ ବ୍ୟାପି ଯଜ୍ଞ ଓ ନାମ ଯଜ୍ଞ କରାଯିବା ସହ ଆଜି ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଛ । ମଙ୍ଗଳବାର ପ୍ରତ୍ୟୁଷରୁ ଶତାଧିକ ଭକ୍ତ ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ବୁଡାଇ ନାମ ଯଜ୍ଞ କରି ମହାବୀର ପୀଠରେ ପହଂଚିଥିଲେ । ପୂଜକ ପରମାନନ୍ଦ ସତପଥି, ରବି ପଣ୍ଡା, ରଘୁନାଥ ପାଢୀ, ରାଧକାନ୍ତ ସତପଥି ଓ ପ୍ରଶନ୍ନ ପଣ୍ଡାଙ୍କ ତତ୍ୱାବଧାନରେ କର୍ତାଭାବେ ଦେବଦତ ସେନାପତି, ଗୌରାଙ୍ଗ ସାହୁ, ରଂଜନ ଗିରି ପ୍ରମୁଖ ସସ୍ତ୍ରୀକଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଚାଲୁରହିଛି । ଏହା ସହିତ ନାମ ଯଜ୍ଞ, ଭଜନ ସନ୍ଧ୍ୟା ଓ ସଂସ୍କୃତିକ କାର୍ଯ୍ୟକ୍ରମ ମାନ କୋଭିଡ ନିୟମ ଅନୁଯାୟୀ ପାଳନ କରାଯାଉଛି । ପ୍ରକାଶ ସାହୁ, ମାୟାଧର ସାହୁ, କୈଳାସ ସେନାପତି, ଅଶୋକ ସେନାପତି, ମାନ ଗୋବିନ୍ଦ ପରିଡା, ସଦାନନ୍ଦ ସାହୁ, ବାବୁଲି ମହାରଣା, ଭୀମସେନ ଗିରି, କୃପାସିନ୍ଧୁ ସେନାପତି, ପ୍ରମୋଦ ପହୀ, ଲକ୍ଷ୍ମୀଧର ମାଝୀ, ବିଶ୍ୱନାଥ ମାଝୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତା ଓ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି । ଯଜ୍ଞର ପୂର୍ଣ୍ଣାହୂତି ସହ ସମୂହ ପ୍ରସାଦ ସେବନ କରାଯାଇଛି । ଚଳିତ ବର୍ଷ କୋଭିଡ କଟକଣା ଯୋଗୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯିବା ସହ କେବଳ ବିଧି ରକ୍ଷା ପାଇଁ ପାଳନ କରାଯାଉଛି । ଭକ୍ତ ଓ ଦର୍ଶକ ମାନେ ପୁଣି ଆସନ୍ତା ବର୍ଷକୁ ଅପେକ୍ଷା କରିଛନ୍ତି ।

## ସଙ୍କୁଚିତ ହେବାରେ ଲାଗିଛି ବ୍ରହ୍ମବରଦା ମୁଖ୍ୟ ରାସ୍ତା

ଧର୍ମଶାଳା,୧୯।୩ (ନି.ପ୍ର): ସରକାରୀ ଜମି ଓ ରାସ୍ତା କଡର ଜମି ଏବେ ମୁଷ୍ଟିମେୟ ବ୍ୟକ୍ତିଙ୍କ କବଜାରେ । ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି ରାସ୍ତା । ଫଳରେ ଯାତାୟତରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଫଳରେ ପ୍ରଶାସନ ପକ୍ଷରୁ ସେପରି କିଛି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତରେ । ଯାଜପୁର ଜିଲାର କେନ୍ଦ୍ର ସ୍ଥଳଭାବେ ବ୍ରହ୍ମବରଦା ରହିଛି । ଏହି ବ୍ରହ୍ମବରଦା ସ୍ଥାନୀୟ ୨୦ରୁ ଉର୍ଦ୍ଧ ପଂଚାୟତର ଏକ ମୁଖ୍ୟ ବ୍ୟବସାୟସ୍ଥଳ । ଏଠାକୁ ଦୈନନ୍ଦିନ ଶହଶହ ଲୋକେ ନିଜ ନିଜର ବେପାର ପାଇଁ ଆସିଥାନ୍ତି । ଅନ୍ୟପଟେ ନିଜସ୍ୱ ଜମିରେ ଗଢି ଉଠିଛି ହଜାରେରୁ ଉର୍ଦ୍ଧ ଛୋଟ ବଡ ବ୍ୟବସ୍ଥାୟ ପ୍ରତିଷ୍ଠାନ । ଏବଂ ଏହି ବ୍ରହ୍ମବରଦା କାଏମା- ବ୍ରହ୍ମବରଦା ଓ ବରୁଆ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ବ୍ରହ୍ମବରଦା ଅଂଚଳଟି ବେଶ ପରିଚିତ । ଏଠାକୁ ଅସ୍ଥାୟୀ ବ୍ୟବସାୟୀମାନେ ସକାଳୁ ଆସି ରାତି ପର୍ଯ୍ୟନ୍ତ ବେପାର କରିଥାନ୍ତି । ହେଲେ କେତେକ ଅସ୍ଥାୟୀ ବ୍ୟବସାୟୀ ରାସ୍ତା କଡରେ ଖୋଲାମେଲାରେ ପରିବା ପତ୍ର ଶହ ଫଳ ବେପାର କରିଥାନ୍ତି । ବ୍ୟାଙ୍କଚକ,ପୁରୁଣା ଫାଣ୍ଡିଛକ ଓ ତାରିଣୀଛକମାନଙ୍କରେ ଏବେ ସେମାନଙ୍କ ବେପାର ବଢିବା ଫଳରେ ସ୍ଥାନୀୟ ଅଂଚଳର କିଛି ମୃଷ୍ଟିମେୟ ବ୍ୟକ୍ତିଙ୍କୁ ହାତବାରିସ କରି ଏହି ରାସ୍ତା କଡରେ ସ୍ଥାୟୀ ପ୍ରତିଷ୍ଠାନ କରିବାରେ ଲାଗିଛନ୍ତି । ଫଳରେ ସକାଳ ଓ ସନ୍ଧ୍ୟାରେ ଶହଶହ ଗ୍ରାହକମାନଙ୍କ ଭିଡ ଜମିଥାଏ । ଏବଂ ଜନକ-ବ୍ରହ୍ମବରଦା ଭାୟା କୁଆଖିଆ ଦେଇ ୮ଗୋଟିରୁ ଉର୍ଦ୍ଧ ବସ୍ କଳିକତା,କଟକ,ରାଂଚି ଓ ରାଉରକେଲା ଆଦି ଅଂଚଳକୁ ଯାଇଥାଏ । ଏହି ଗାଡି ଯାତାୟତ ସମୟରେ ଅନେକ ସମୟରେ ରାସ୍ତା ଜାମ ରହିବା ଫଳରେ ଲୋକେ ଘଂଟା ଘଂଟା ଖରା ବର୍ଷାରେ ଛିଡା ହେବାକୁ ପଡିଥାଏ । ଏବଂ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟିଥିବା ନଜିର ମଧ୍ୟ ରହିଛି । ଏହି ଅଂଚଳ ପ୍ରତି ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧିମାନଙ୍କର ନଜର ପଡିଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଜିଲାରେ ଜବର ଉଚ୍ଛେଦ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହି ବ୍ରହ୍ମବରଦା ପ୍ରତି ସେମାନଙ୍କ ନଜର ନ ପଡିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## ୩୫୦ ଜଣ ବରିଷ୍ଠ ନାଗରିକ ନେଲେ କୋଭିଡ ଟୀକା

କୋରେଇ,୧୮ ମାର୍ଚ୍ଚ(ହି.ସ.)- ଆଜି ପାଣିକୋଇଲି କଲ୍ୟାଣ ମଣ୍ଡପରେ ବରିଷ୍ଠ ନାଗରିକ ମାନଙ୍କୁ କୋଭିଡ ଟୀକା କରଣ କରାଯାଇଛି । କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତତ୍ୱାବଧାନରେ ଏହି ଟୀକାଦାନ କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ସୁଧାଂଶୁ ଖେଖର ବଳ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଅନ୍ୟତମ ଅତଥିଭାବେ ପାଣିକୋଇଲି ସରପଂଚ କାର୍ତିକ ଚନ୍ଦ୍ର ପଣ୍ଡା, କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରାପ୍ରାପ୍ତ ଅଧିକାରୀ ଡା. ତାପସ କୁମାର ବେହେରା, ଡା, ଦିବ୍ୟଜ୍ୟୋତି ନାୟକ, ଡା. ସାଗରିକା ଦାସ ପ୍ରମୁଖ ଯୋଗଦେଇଥିଲେ । ସୁପରଭାଇଜର ରଂଜନ କୁମାର ବେହେରା, ସ୍ୱାସ୍ଥ୍ୟ କର୍ମି ମମତା ଦାଶ, ରଶ୍ମୀରଂଜନ ପରିଡା, ଜିତେନ୍ଦ୍ର କୁମାର ଖଣ୍ଡାଇ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପରୀକ୍ଷା ନଦେଲେ ସବୁ ....

**(ପୃଷ୍ଠା ୪ର ଅବଶିଷ୍ଟାଂଶ)**

ଯଦି ଅନ୍‌ଲାଇନ ପାଠପଢା ହୋଇ ପାରିଲା, ତେବେ ପରୀକ୍ଷା କରାଇବାରେ କଣ ଅସୁବିଧା ହୋଇଥାଆନ୍ତା? ନିହାତି ପିଲା ମାନଙ୍କ ମନରେ ପାଠପ୍ରତି ଟିକିଏ ଭୟତ ରହି ପାରିଥାନ୍ତା। ଏନିଷ୍ଠିତି ସେମାନଙ୍କୁ କଇଁଆ କରିବ ନାହିଁକି? ମୁଁ କହିଲି ଆପଣ କହୁଛନ୍ତି, ପିଲା କଇଁଥା, ଦରସିଝା ରହିଯିବେ। କିନ୍ତୁ ମୁଁ ଭାବୁଛି ଏବଂ ଦେଖୁଛି ମଧ୍ୟ, ସମାଜରେ କଇଁଥା, ଦରସିଝା ମାନେ ସରକାରଙ୍କର ଉଚ୍ଚ ପଦପଦବୀରେ ଅଧିଷ୍ଠିତ ଥିବା ବେଳେ, ଆପଣ ଯାହାଙ୍କୁ ଦକ୍ଷ ବା ସିଝା ବୋଲି ଭାବୁଛନ୍ତି, ସେମାନେ ଭିକ୍ଷାଂଦେହୀ ଅବସ୍ଥାରେ ଅଛନ୍ତି। ଶିକ୍ଷା କ୍ଷେତ୍ରରେ ଦକ୍ଷତା ଏବଂ ସୁଯୋଗ ହାତେଇବା କ୍ଷେତ୍ରରେ ଦକ୍ଷତା ଦୁଇଟି ଭିନ୍ନ କଥା। ସୁଯୋଗ ହାତେଇବା କ୍ଷେତ୍ରରେ ଦକ୍ଷତା ମଧ୍ୟ ଦୁଇ ପ୍ରକାର। ଗୋଟିଏ ହେଲା ଈଶ୍ୱର ଦତ ବା ସଂରକ୍ଷଣ ବର୍ଗ ଜାତିରେ ଜନ୍ମ ଗ୍ରହଣ କରିବା ଏବଂ ଦ୍ୱିତୀୟଟି ସ୍ୱଅର୍ଜିତ ବା ଚତୁରତାରେ ଦକ୍ଷତା ଅର୍ଜନ କରି କଳେ ବଳେ କୌଶଳେ ସୁଯୋଗ କରାୟତ କରିବା। ତେଣୁ ଶିକ୍ଷା କ୍ଷେତ୍ରରେ ଦକ୍ଷତା ଅର୍ଜନ ସାଙ୍ଗକୁ, ଆପଣ ପିଲାଙ୍କୁ ଚତୁରତା କ୍ଷେତ୍ରରେ ଦକ୍ଷତା ଅର୍ଜନ ନିମନ୍ତେ ପ୍ରୋତ୍ସାହିତ କରିବା ବୋଧହୁଏ ଅଧିକ ଲାଭବାନ ସାବ୍ୟସ୍ତ ହେବ। ଶିକ୍ଷାର ତ ଆବଶ୍ୟକତା ଅଛି, ନିଜସ୍ୱ ପ୍ରଚେଷ୍ଟା ଜାରି ରଖିବା ଦରକାର। ପ୍ରଚଳିତ ବ୍ୟବସ୍ଥା ଆଡକୁ ଅଙ୍ଗୁଳି ନଉଠାଇ, ନିଜ ଭିତରେ ହିନମନ୍ୟତା ନଆଣି, କଇଁଥା ବା ଦରସିଝାକୁ ସିଝାରେ ପରିଣତ କରିବା ଆମର ଦାୟିତ୍ୱ ଓ କର୍ତବ୍ୟ।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦

## ବଂଶଧାରା ନଦୀ ବ୍ରିଜ୍‌ରେ ଲାଗିଲା ମାଓ ପୋଷ୍ଟର

ରାୟଗଡ଼ା,୧୯/୦୩ (ନି.ପ୍ର): ଗୁଡ଼ାରି ନିକଟ ବଂଶଧାରା ନଦୀ ବ୍ରିଜ୍ ରେ ଲଗାଯାଇଛି ମାଓ ପୋଷ୍ଟର। ଏଥିରେ ସ୍ଥାନୀୟ ରାଜନେତା ଓ ପୋଲିସ ସମେତ ୨୭ ଜଣଙ୍କୁ ପ୍ରଜାକୋର୍ଟରେ ହାଜର ହେବା ପାଇଁ ଧମକ ଦିଆଯାଇଛି। ଯାହାକୁ ନେଇ ସାଧାରଣରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

## ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା,୧୯/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ବିଶୋଇ ବଜାରରେ ଥିବା ଏକ ଗଛରୁ ଜଣେ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି।

## ଯୁବକଙ୍କ ଆତ୍ମହତ୍ୟା



ଖଇରା,୧୯।୦୩ :(ନିପ୍ର) ଖଇରା ଥାନା ରଫେୟାତପୁର ଗ୍ରାମର ଖଜେନ୍ଦ୍ର ଦାସଙ୍କ ବଡପୁଅ ମୁକୁନ୍ଦ ଦାସଙ୍କ ମୃତଦେହ ମୁମ୍ବାଇର ପୁନେ ଜିଲ୍ଲା ସିରୋର ଥାନା ରଞ୍ଜନ ଗାଁ ରାଜମୁଦ୍ରାର ଚୌକ ଛକରୁ ଉଦ୍ଧାର କରାଯାଇଛି। ଗତକାଲି ମୁକୁନ୍ଦଙ୍କ ମୃତଦେହ ତାଙ୍କ ଘରେ ଝୁଲୁଥିବା ଅବସ୍ଥାରେ ସ୍ଥାନୀୟ ଲୋକ ଦେଖିଥିଲେ। ଏଥି ନେଇ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପରେ ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସ୍ୱାମୀ ସ୍ତ୍ରୀର ଝଗଡା ନେଇ ମୁକୁନ୍ଦ ମାନସିକ ଭାରସ୍ୟାମ ହରାଇ ଆତ୍ମହତ୍ୟା କରିଥିବାର ଜଣାପଡିଛି। ସ୍ତ୍ରୀ ଶାନ୍ତିଲତା ଆଠ ଦିନ ପୂର୍ବରୁ ଝଗଡା ପରେ ସେଠାରେ ରହୁଥିବା ଭିଣେଇ ଘରକୁ ପଳାଇଯାଇଥିଲେ। ମୁକୁନ୍ଦ ବାରମ୍ବାର ବାରମ୍ବାର ଫୋନରେ ଡାକିଥିଲେ ମଧ ସେ ଆସିନଥିଲେ ଯାହା ଫଳରେ କି ଶେଷରେ ମୁକୁନ୍ଦ ନିଜ ଘରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କର ସ୍ତ୍ରୀ ସମେତ ଗୋଟିଏ ଝିଅ ଗୋଟିଏ ପୁଅ ଅଛନ୍ତି। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଯୋଗାଣ ମନ୍ତ୍ରୀଙ୍କ ବିବୃତିରେ ....

ବରଂ କଂଗ୍ରେସ ଶାସକ ଦଳର ଗୋଡାଣିଆ ହୋଇଛି ବୋଲି ସେ କହିଛନ୍ତି। ଅପରପକ୍ଷରେ କଂଗ୍ରେସ ଦଳର ସଦସ୍ୟମାନେ ମନ୍ତ୍ରୀଙ୍କ ବିବୃତିକୁ ବିରୋଧ କରି ଗୃହର ମଧ୍ୟଭାଗରେ ଧାରଣା ଦେଇ ବସିଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ଯେଉଁ ମୂଳ ସମସ୍ୟାକୁ ନେଇ ୬ ଦିନ ଗୃହ ଅଚଳ ହୋଇଥିଲା ତାହା ମନ୍ତ୍ରୀଙ୍କ ବିବୃତିରେ ପ୍ରତିଫଳିତ ହୋଇନାହିଁ। ପୂର୍ବରୁ ଯାହା କହିଥିଲେ ତାହା ଦୋହରାଇଛନ୍ତି। ଏହି ପବିତ୍ର ଗୃହକୁ ଧୋକା ଦିଆଯାଇଛି। ବିଜେପି ସଦସ୍ୟମାନଙ୍କ ସହିତ ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ ଧାନ କିଣିବା ସେମାନଙ୍କୁ ପ୍ରତିଶୃତି ଦେଇଥିଲେ। ସର୍ବଦଳୀୟ କମିଟି ବୈଠକକୁ ଆସିବେ ବୋଲି କହିଥିଲେ କିନ୍ତୁ ଆସିଲେ ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଖୋଜିବା ଆଳରେ ବିଜେପି ସଦସ୍ୟମାନେ ତାଙ୍କ ଘରକୁ ଶୋଭାଯାତ୍ରା କରିଯାଇଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସ୍ୱାଗତ କରିଥିଲେ। କନ୍ୟାପିତା ଯେଉଁଭଳି ବିବାହରେ ବରଯାତ୍ରୀଙ୍କୁ ସ୍ୱାଗତ କରନ୍ତି ସେମାନଙ୍କୁ ସେହିଭଳି ଫୁଲ ,ଅତର ଦେଇ ସ୍ୱାଗତ କରାଯାଇଥିଲା। ଏତେ ସବୁ କାର୍ଯ୍ୟ ହେଲା। କିନ୍ତୁ ଫଳ ଶୂନ। ମୁଖ୍ୟମନ୍ତ୍ରୀଙ୍କ ଘରୁ ଫେରିବା ପରେ ବିଜେପି ସଦସ୍ୟମାନେ ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟରେ ପାର୍ଥକ୍ୟ ରହିଥିଲା। କାଲି ଯାହା ସେମାନେ କଲେ ତାହା ନାଟକ ଥିଲା । ପ୍ରହସନ ଥିଲା। ବର୍ତମାନ ମୋ ଜିଲ୍ଲାରେ ଥିବା ପ୍ୟାକ୍ସକୁ ଫୋନ୍ କରିଥିଲେ କିନ୍ତୁ ସେମାନଙ୍କ ପାଖକୁ ଟୋକନ ଆସିନଥିବା କହିଛନ୍ତି। ନକଲି ଚାଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇନାହିଁ। ଏଥିରେ ହସ୍ତକ୍ଷେପ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ଗତକାଲି ମୁଖ୍ୟମନ୍ତ୍ରୀ ଓ ବିଜେପି ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ସୌହାଦ୍ୟପୂର୍ଣ୍ଣ ଥିଲା। ଧାନ କିଣିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଥିବେ ବୋଲି ମୋର ମନେ ହେଉନାହିଁ। ସେ କହିଥିଲେ ଯେ ସେ ବାଚସ୍ପତିଙ୍କ ସହ ଆଲୋଚନା କରି ସର୍ବ ଦଳୀୟ କମିଟି ବୈଠକ ଡାକିବି। ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ କଂଗ୍ରେସ ଦଳ ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ ଆରମ୍ଭ କରିଥିଲେ। ଏଥିରୁ ନିବୃତ ରହିବା ପାଇଁ ବାଚସ୍ପତି ସେମାନଙ୍କୁ ଅନୁରୋଧ କରିଥିଲେ ହେଁ ସେମାନେ ଶୁଣି ନଥିଲେ । ଫଳରେ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ। ଗୃହରେ ଦେଖାଦେଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ସର୍ବଦଳୀୟ ଡାକିଥିଲେ ବାଚସ୍ପତି। ମାତ୍ର କଂଗ୍ରେସ ସଭ୍ୟମାନେ ବୈଠକକୁ ଯାଇନଥିଲେ। ପୁନର୍ବାର ଗୃହକୁ ଆସି ବାଚସ୍ପତି ସେମାନଙ୍କୁ ଯୋଗ ଦେବାକୁ ଅନୁରୋଧ କରିଥିଲେ। ସେମାନେ ଜିଦ୍ ରେ ଅଟଳ ରହିଥିଲେ । ଫଳରେ ବାଚସ୍ପତି ଗୃହକୁ ୧୨ ଟା ୪୫ ରେ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଅପରାହ୍ନ ୪ଟା ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହେବା ପରେ ପୂର୍ବାହ୍ନରେ ଯୋଗାଣ ମନ୍ତ୍ରୀଙ୍କ ଦେଇଥିବା ବିବୃତିକୁ ନେଇ କଂଗ୍ରେସ ଦଳ ସଭ୍ୟମାନେ ହୋ ହାଲ୍ଲା କରିଥିଲେ। ନରସିଂହ ମିଶ୍ର କହିଥିଲେ ଯେ ଗୃହ ଠିକ୍ ଭାବେ ଚାଲୁ ବୋଲି ଆମେ ଚାହୁଁ। କିନ୍ତୁ ଆମେ ଯେଉଁ ସବୁ ପ୍ରଶ୍ନ ଉଠାଇଥିଲୁ ତାର ଉତର ମିଳିଲା ନାହିଁ। କାଲିର ଘଟଣାକୁ ନେଇ ଶ୍ରୀ ପୁଣି ଥରେ ମନ୍ତବ୍ୟ ଦେଇଥିଲେ । ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ ଯେ କଂଗ୍ରେସ ଯେଉଁଭଳି ଭାବେ ସମାଲୋଚନା କରାଯାଉଛି ତାହା ଠିକ୍ ନୁହେଁ। ତାହା ଉପରେ ଅଧିକ ମନ୍ତବ୍ୟ ରଖିବାକୁ ଚାହୁଁଥିବା ବେଳେ ବାଚସ୍ପତି ତାଙ୍କୁ ସୁଯୋଗ ଦେଇନଥିଲେ।

### ୧୧୨ ଡାଏଲ କଲେ ମିଳିବ ....

କେନ୍ଦ୍ର ସହିତ ଡିଜିଟାଲ୍ ମାଧ୍ୟମରେ ସଂଯୁକ୍ତ ହୋଇଛି ଏବଂ ଠିକଣା ଭାବରେ ଆପଦକାଳୀନ ସେବା ପ୍ରଦାୟକ ଯାନଗୁଡ଼ିକ ପ୍ରସ୍ତୁତ ରହିଛି । ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ୧୧୨ ଇଣ୍ଡିଆ ମୋବାଇଲ୍ ଆପ୍? ଡାଉନ୍‌ଲୋଡ୍ କରିବା ଏବଂ ବିପଦ ସମୟରେ ନିଜ ନିଜ ଅଞ୍ଚଳର ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ୧୧୨ ସ୍ୱେଚ୍ଛାସେବୀ ଭାବରେ ପଂଜୀକୃତ ହେବାକୁ ଅନୁରୋଧ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କ ମିଶନର, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ, ଗୃହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

### ଯାଆଁଳା କଙ୍କାଳ ମିଳିବା....

ଜବତ ହୋଇଥିବା ଏକ ଏକ୍ସୟୁଭି ଗାଡ଼ି । ଆଉ ଜବତ ଗାଡ଼ିକୁ ମୁକୁଳାଇବା ପାଇଁ ଯେତେବେଳେ ଗାଡ଼ି ମାଲିକ ଆସିଥିଲେ, ଗାଡ଼ି ଭିତରୁ ମିଳିଥିଲା କଙ୍କାଳ । ଫେବୃୟାରୀ ମାସରୁ କଙ୍କାଳ ମିଳିଥିଲେ ସୁଦ୍ଧା, ଘଟଣା ସେତେବେଳେ ସାମ୍ନାକୁ ଆସଥିଲା, ଯେତେବେଳେ ଫାଣ୍ଡି ଅଧିକାରୀ ନିଲମ୍ବିତ ହୋଇଥିଲେ । ଏତିକି ଜଣାପଡିଥିଲା, କଙ୍କାଳ ଜଣେ ମହିଳାଙ୍କର ଏବଂ ତାଙ୍କ ବୟସ ପ୍ରାୟ ୪୫ ବର୍ଷ । ଅନ୍ୟପଟେ ଏମ୍ସକୁ ଯାଇଥିବା କଙ୍କାଳର ଖପୁରୀର ବିଭିନ୍ନ ଦିଗର ମାପଚୁପ କରାଯାଇଛି । ଏହାର ଫଟୋକୁ ନେଇ ବେଙ୍ଗାଲୁରର ଏକ୍ସପର୍ଟ ମାନେ ଏହି ସ୍କେଚ ଜାରି କରିଛନ୍ତି । ଯେହେତୁ କଙ୍କାଳରେ କୌଣସି ମାଂସ ନ ଥିଲା, ତେଣୁ ଶରୀରର ରଙ୍ଗ କିପରି ହୋଇଥିବା ତାହା ଅନୁମାନ କରିବା ମୁସକିଲ ହୋଇପଡିଛି । ତେଣୁ ଭିନ୍ନ ଭିନ୍ନ ପ୍ରକାରର କରାଯାଇ ଆହୁରି ୪ରୁ ୫ଟି ସ୍କେଚ୍ ଜାରି ହେବ ବୋଲି ସୂଚନା ମିଳିଛି ।

### ହୋଲିରେ ଲାଗିଲା .....

ସବୁଠାରୁ ଅଧିକ ୨୦ ଜଣ, ଖୋର୍ଦ୍ଧାରୁ ୧୫, ନୂଆପଡାରୁ ୯, ସୁନ୍ଦରଗଡରୁ ୭, ଅନୁଗୁଳ ଏବଂ ଗଂଜାମ ଜିଲ୍ଲାରୁ ୬ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କଟକର ସରସ୍ୱତୀ ବିଜ୍ଞାନ ମହାବିଦ୍ୟାଳୟରୁ ଗତକାଲି ୧୨ ଆକ୍ରାନ୍ତ ଚିହ୍ନଟ ହେବା ପରେ ଆଉ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କଲେଜ ହଷ୍ଟେଲରୁ ଦୁଇ ଦିନରେ ପ୍ରାୟ ୨୫ ପଜିଟିଭ୍ ଚିହ୍ନଟ ହେବା ପରେ ସଂକ୍ରମଣକୁ ନେଇ କଟକ ମହାନଗର ନିଗମର ଚିନ୍ତା ବଢ଼ିଯାଇଛି । କଟକରେ ଏହି ଘରୋଇ କଲେଜକୁ ୧୦ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି କଲେଜ କର୍ତ୍ତୃପକ୍ଷ । ସମସ୍ତ ପଜିଟିଭଙ୍କୁ ଏବେ କରୋନା ଗାଇଡଲାଇନ ଅନୁସାରେ ହଷ୍ଟେଲରେ ସଂଗରୋଧରେ ରଖାଯାଇଛି । ସେହିପରି ଦେଶରେ ମଧ ଭୟ ବଢ଼ାଉଛି କରୋନା । ଆଜି ଦିନକରେ ଦେଶରୁ ୩୯,୭୨୬ ନୂଆ ମାମଲା ଆସିଛି । ଗତ ୨୪ ଘଂଟାରେ ମହାରାଷ୍ଟ୍ରର ନୂଆ ସଂକ୍ରମଣ ସବୁ ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛି । ଫଳରେ ମହାରାଷ୍ଟ୍ର ସରକାର ପୁଣି ଥରେ ସାରା ରାଜ୍ୟରେ କଟକଣା ଲଗାଇଛନ୍ତି । ମହାରାଷ୍ଟ୍ରରେ ମାର୍ଚ୍ଚ ୩୧ ଯାଏଁ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ ଘରୋଇ ସଂସ୍ଥା । ଏଥିସହ ଅଡିଟୋରିୟମ, ଥିଏଟର ଓ ସିନେମା ହଲରେ ୫୦ ପ୍ରତିଶତ ଲୋକଙ୍କୁ ଅନୁମତି ମିଳିଛି ।

### କରୋନା ସ୍ଥିତିକୁ ନେଇ ସରକାରୀ....

ସେହିପରି କାର୍ଯ୍ୟାଳୟ ଭିତରେ କର୍ମଚାରୀଙ୍କ ମଧରେ ୨ ମିଟର ଦୂରତା ରହିବ ବୋଲି କୁହାଯାଇଛି । ଦେଶର ବିଭିନ୍ନ ରାଜ୍ୟରେ କରୋନା ସ୍ଥିତି ସାଂଘାତିକ ହେବାରେ ଲାଗିଛି । ମହାରାଷ୍ଟ୍ର, ଗୁଜୁରାଟ, ଛତିଶଗଡ, ପଞ୍ଜାବ ଓ ମଧ୍ୟପ୍ରଦେଶ ଭଳି ସ୍ଥାନରେ ସଂକ୍ରମଣ ପୁଣି ବଢିବାରେ ଲାଗିଛି । କିଛି ସ୍ଥାନରେ ଲକଡାଉନ ମଧ ଆରମ୍ଭ ହୋଇ ସାରିଲାଣି । ଓଡିଶାରେ ସଂକ୍ରମଣ ଅଧିକ ନଥିଲେ ମଧ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ନେଇଛନ୍ତି । ସେପଟେ ଆଜି ରାଜ୍ୟରେ ବହୁଦିନ ପରେ ଶହେ ଉପରେ ଚିହ୍ନଟ ହୋଇଛନ୍ତି କରୋନା ଆକ୍ରାନ୍ତ । ଆଜି ୧୧୦ ଜଣ ଚିହ୍ନଟ ହୋଇଛନ୍ତି । ଦୀର୍ଘଦିନ ହେବ ଶହେ ତଳେ ରହୁଥିଲା ସଂକ୍ରମଣ ହେଲେ ଆଜି ଶହେ ଉପରେ ରହିଥିବାରୁ ଏହା ରାଜ୍ୟ ସରକାରଙ୍କୁ ଚିନ୍ତା ବଢାଇ ଦେଇଛି ।

### ଆସାମରେ ବିଜେପି ବିରୋଧରେ ....

ରାହୁଲ ଜନସଭାକୁ ସମ୍ବୋଧିତ କରି କହିଛନ୍ତି, ବିଜେପି ଚା ବଗିଚାରେ କାମ କରୁଥିବା ଲୋକଙ୍କୁ ୩୫୧ ଟଙ୍କା ଦେବାକୁ ଭରସା ଦେଇଥିଲା । ହେଲେ ଦେଲା ମାତ୍ର ୧୬୭ । ଏବେ କଂଗ୍ରେସ ଆସାମରେ ସରକାର ଗଠନ କଲେ ଚା ବଗିଚାରେ କାମ କରୁଥିବା ଲୋକଙ୍କୁ ୩୬୫ ଟଙ୍କା ଦିଆଯିବ । ଏଥିସହ ପ୍ରତି ଗୃହିଣୀଙ୍କୁ ୨ ହଜାର ଲେଖାଏଁ ଟଙ୍କା ଦିଆଯିବ ବୋଲି ରାହୁଲ କହିଛନ୍ତି । ବିଜେପି ଉପରେ ଟାର୍ଗେଟ କରି ରାହୁଲ ଆହୁରି ମଧ କହିଛନ୍ତି ଯେ, ମୋଦି ମେଡ୍ ଇନ୍ ଇଣ୍ଡିଆ କଥା କହିଥିଲେ, ହେଲେ ଆଜି ବି ମୋବାଇଲ୍ ଫୋନ ପଛରେ ମେଡ୍ ଇନ୍ ଚାଇନା ଲେଖା ଥିବା ଦେଖିବାକୁ ମିଳୁଛି । ବିଜେପି ଯୁବକମାନଙ୍କୁ ରୋଜଗାର ଦେବାରେ ସଫଳ ହୋଇନି । କେବଳ ସମାଜକୁ ବାଣ୍ଟିବାକୁ ବିଜେପି ଚେଷ୍ଟା କରୁଛି ବୋଲି ରାହୁଲ କହିଥିଲେ ।

### ଆଜି ଓଡିଶା ଆସିବେ....

ଉଦଘାଟନ କରିବେ। ସେହିଦିନ ସନ୍ଧ୍ୟା ୬.୧୦ରେ ରାଷ୍ଟ୍ରପତି ଭୁବନେଶ୍ୱର ଆସି ରାଜଭବନରେ ରହିବେ। ୨୨ ତାରିଖ ସକାଳ ୧୧ଟାରେ ରାଷ୍ଟ୍ରପତି ପୁରୀରେ ପହଂଚିବେ ଓ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବେ। ତା'ପରେ କୋଣାର୍କ ଯିବେ। ସେଠାରେ ବିଶ୍ରାମ ନେବେ। ଅପରାହ୍ଣ ୪.୧୫ରେ ରାଷ୍ଟ୍ରପତି କୋଣାର୍କ ସୂର୍ଯ୍ୟ ମନ୍ଦିର ଦର୍ଶନ କରିବେ। ଏହା ପରେ ଅପରାହ୍ଣ ୫ଟା ବେଳେ ରାଷ୍ଟ୍ରପତି କୋଣାର୍କରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଆସିବେ ବୋଲି ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତକୁ ନେଇ ରାଜ୍ୟ ପୋଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିଶେଷ କରି କୋଭିଡ୍ ଗାଇଡ୍ ଲାଇନ୍ ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି।

## ଭଡ଼ା ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବଲାଙ୍ଗିର,୧୯/୦୩(ନି.ପ୍ର): ପ୍ୟାଲେସ୍ ଲାଇନପଡ଼ାର ଏକ ଭଡ଼ା ଘର ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ମୃତକ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ଭାଲୁ ଆକ୍ରମଣରେ ଶାଶୂ ବୋହୂ ଗୁରୁତର

ସମ୍ବଲପୁର,୧୯/୦୩(ନି.ପ୍ର): ସମ୍ବଲପୁର ଜିଲ୍ଲା ବଡ଼ବାହାଲ ରେଞ୍ଜ୍ ଅନ୍ତର୍ଗତ ଝିଙ୍କି ବାହାଲ ଗାଁର ଏକ ପରିବାରର ୫ ଜଣ ଜଙ୍ଗଲକୁ ମହୁଲ ଗୋଟାଇବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଶାଶୂ ବୋହୂ ଗୁରୁତର ହୋଇଛନ୍ତି । ଉଭୟଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଡ଼ାକ୍ତରଖାନାରେ ଭର୍ତି କରାଯାଇଛି ।

## ହାତୀ ଆକ୍ରମଣରେ ମହିଳା ମୃତ

ଢ଼େଙ୍କାନାଳ,୧୯/୦୩ (ନି.ପ୍ର): ଢ଼େଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଅନ୍ତର୍ଗତ ଦର୍ଣ୍ଡିରି ଠାରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଯାହାକୁ ନେଇ ସେଠାରେ ଚାପା ଉତେଜନା ପ୍ରକାଶ ପାଇଛି ।

## ରାସ୍ତାରେ ଛିନ୍ତାଇ ଥାନାରେ ଅଭିଯୋଗ

ବାଲିଆପାଳ,୧୯/୦୩ (ନି.ପ୍ର): ପଶ୍ଚିମବଙ୍ଗ ବନ୍ଧୁ ଘରକୁ ଯାଉଥିବାବେଳେ ରାସ୍ତାରେ ବାଲିଆପାଳ ଅଂଚଳର ଜୈନିକ ଦମ୍ପତିଙ୍କ ଠାରୁ ଛିନ୍ତାଇ ହୋଇଛି । ମିଳିଥିବା ସୂଚନା ମୁତାବକ ଗୁରୁବାର ସଂନ୍ଧ୍ୟା ପ୍ରାୟ ୬ ଟା ସମୟରେ ବାଲିଆପାଳ ଥାନା ବାସୁଦେବପୁର ଗ୍ରାମର ସୁମିତ୍ରା ଦାସ, ସ୍ୱାମୀ ମୋତିଲାଲ ଦାସ ଓ ୧୪ ବର୍ଷର ପୁଅ ସହିତ ଏକ ବାଇକରେ ଭୋଗରାଇ ଥାନା ଅଂଚଳ ଦେଇ ପଶ୍ଚିମବଙ୍ଗର ପାନ ପାରୁଳିସ୍ଥିତ ନିଜ ବନ୍ଧୁ ଘରକୁ ଯାଉଥିଲେ । ରାସ୍ତାରେ ବାଇକଟି ଖରାପ ହୋଇଯାଇଥିଲା । ବାଇକକୁ ଠେଲି ଠେଲି ଆଣି ବାଟଗ୍ରାମ ଛକରେ ସଜାଡିଥିଲେ । ପେର ବାଟଗ୍ରାମ ଛକରୁ ମିରଗୁଣ୍ଡା ରାସ୍ତାରେ କେନାଲ କଡେ କଡେ ବନ୍ଧୁ ଘରକୁ ଯାଉଥିଲେ । ସଂନ୍ଧ୍ୟା ପ୍ରାୟ ୭ ଟା ସମୟରେ ଏକ ନମ୍ବର ବିହିନ ପଲସର ଗାଡିରେ ତିନି ଜଣ ଯୁବକ ସେମାନଙ୍କ ପଛେ ପଛେ ଆସି ନିଛାଟିଆ ସ୍ଥାନରେ ବାଇକଟିକୁ ଅଟକାଇ ଥିଲେ । ରାତିରେ ମହିଳାଙ୍କୁ ନେଇ କୁଆଡେ ଯାଉଛ କହି ସୁମିତ୍ରାଙ୍କ ସ୍ୱାମୀଙ୍କୁ ଧମକ ଚମକ ଦେଇଥିଲେ । ପରେ ଛୁରୀ ଓ ଲୁହା ରଡ ଦେଖାଇ ଛିନ୍ତାଇ ଆରମ୍ଭ କରିଥିଲେ । ସୁମିତ୍ରାଙ୍କ ବେକେର ସୁନା ଲକେଟ ସହ ଥିବା ଏକ ମଙ୍ଗଳସୂତ୍ର, କାନରେ ଥିବା ସୁନା ରିଙ୍ଗ, ହାତରେ ଥିବା ସୁନା ବାହୁଟି ଓ ସୁନା ଶଙ୍ଖା, ଗୁଡରେ ଥିବା ରୂପା ପଉଁଜି ପ୍ରଭୃତି ଲୁଟ କରି ନେଇଥିଲେ । ତାଙ୍କ ସ୍ୱାମୀଙ୍କ ପକେଟରେ ଥିବା ନଗଦ ୮ହଜାର ୫୦୦ ଟଙ୍କା ଏବଂ ଏକ ସାମସଙ୍ଗ ସ୍ମାଟ୍‌ଫୋନ ମଧ୍ୟ ନେଇଯାଇଥିଲେ । ସୁମିତ୍ରାଙ୍କ କହିବା ଅନୁସାରେ ବାଇକ ମିସ୍ତ୍ରୀ ସେମାନଙ୍କୁ କଣେଇ କଣେଇ ଅନୁଧ୍ୟାନ କରୁଥିଲା ଏବଂ ଫୋନରେ କାହାକୁ କିଛି କହୁଥିଲା । ଏହି ଛିନ୍ତାଇ ଘଟଣାରେ ସେ ବାଇକ ମରାମତି କରିଥିବା ମିସ୍ତ୍ରୀର ହାତ ଥିବା ସନ୍ଦେହ କରିଛନ୍ତି । ଏ ନେଇ ସେ ଭୋଗରାଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ଛାନବିନ ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ ବାଟଗ୍ରାମ କେନାଲ ରାସ୍ତାଟି ଏକ ନିଛାଟିଆ ସ୍ଥାନ ହୋଇଥିବାରୁ ସେହି ରାସ୍ତାରେ ବାରମ୍ବାର ଛିନ୍ତାଇ ଘଟଣା ଘଟୁଛି । ରାତିରେ ସେହି ରାସ୍ତାରେ ପୁଲିସ ପେଟ୍ରୋଲିଙ୍ଗ ବ୍ୟବସ୍ଥା କଡା କଡି କରିବାକୁ ଦାବି ହୋଇଛି ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ୩ ମୃତ, ୨ ଗୁରୁତର

ନୟାଗଡ଼,୧୯/୦୩ (ନି.ପ୍ର): ନୟାଗଡ଼ ଜିଲ୍ଲା ଶରଣକୂଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଠାରେ ଗତକାଲି ବିଳମ୍ବିତ ରାତିରେ ଦୁଇ ବାଇକ୍ ପରସ୍ପର ମୁହାଁମୁହିଁ ଧକ୍କା ହେବା ଫଳରେ ଦୁର୍ଘଟଣାରେ ତିନି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ମୃତକ ମାନେ ହେଲେ ଜଗନ୍ନାଥପୁରର କୃଷ୍ଣଚନ୍ଦ୍ର ନାୟକ ଓ ମାନୁ ନାୟକ ଏବଂ ପଥରକାଟ ଅଂଚଳର ଶ୍ୟାମସୁନ୍ଦର ସେଠୀ । ଗୁରୁତର ମାନଙ୍କୁ ପ୍ରଥମେ ନିକଟସ୍ଥ ଡ଼ାକ୍ତରଖାନାରେ ଭର୍ତି କରାଯାଇଥିଲା । ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

## ଶ୍ୟାମସୁନ୍ଦର ହାଇସ୍କୁଲ ଉନ୍ନତି ପାଇଁ ଲକ୍ଷେ ଦେଲେ ତୁଳସୀ ମିଶ୍ର




ବାଲେଶ୍ୱର,୧୯/୦୩ (ନି.ପ୍ର): ବାଲେଶ୍ୱର ସହରର ପୁରାତନ ବିଦ୍ୟାଳୟ 'ଶ୍ୟାମସୁନ୍ଦର ହାଇସ୍କୁଲ'ରେ 'ମୋ ସ୍କୁଲ ଅଭିଯାନ' ଯୋଜନା ଭିତ୍ତିକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତୁଳସୀ ରଂଜନ ମିଶ୍ର ଯୋଗଦେଇ ଶ୍ୟାମସୁନ୍ଦର ହାଇସ୍କୁଲର ଉନ୍ନତି ପାଇଁ ଏକ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ଏଥିରେ ଯୋଗଦେଇ ବାଲେଶ୍ୱର ଜିଲ୍ଲାରେ ମୋ ସ୍କୁଲ ଅଭିଯାନର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀ ମିଶ୍ରଙ୍କ ମହାନତାକୁ ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ଏହି ସହାୟତା ଅନ୍ୟ ପୁରାତନ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବ ବୋଲି ଶ୍ରୀ ଗିରି କହିଥିଲେ। ଶ୍ୟାମସୁନ୍ଦର ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ନନ୍ଦ ଏଥିରେ ପୌରହିତ୍ୱ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରାତନ ଛାତ୍ର ଶ୍ରୀ ମିଶ୍ରଙ୍କର ଏହି ସହାୟତାରେ ବିଦ୍ୟାଳୟର ବିଭିନ୍ନ ଆବଶ୍ୟକତା ପୂରଣରେ ସହାୟକ ହୋଇ ପାରିବ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଶ୍ରୀ ମିଶ୍ର ଓ ଜିଲା ଶିକ୍ଷାଧିକାରୀ ଶ୍ରୀ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସସ୍ମିତା ଦାସ ଏଥିରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ପରିଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରୀତିଶ କୁମାର ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟ ପରିଚାଳନା ସମିତର ସଦସ୍ୟ ସଦସ୍ୟା ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ନହରାପୋଲ ନିର୍ମାଣର ଅବଧି ଶେଷ : ରାସ୍ତାକାର୍ଯ୍ୟ ଆରମ୍ଭ କେବେ

ଜଳେଶ୍ୱର, ୧୯/୩ (ନିପ୍ର) : ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତାକୁ ୫୭ ରାଜ୍ୟ ରାଜ୍ୟପଥଭାବେ ଘୋଷଣା କରାଯାଇଥିବା ବେଳେ ବିଭିନ୍ନ କାରଣରୁ ଏହାକୁ ଜାତୀୟ ରାଜପଥ ମାନ୍ୟତା ମିଳିନାହିଁ । ତେଣୁ ଏହାର ପ୍ରସ୍ତୁତି ଚାଲିଥିବା ବେଳେ ଅତି ସଂକୀର୍ଣ୍ଣ ରହିଥିବା ଡେମୁରିଆନିକଟସ୍ଥ ନହରା ପୋଲର ପ୍ରସସ୍ତିକରଣ ଲାଗି ଟେଣ୍ଡର ହୋଇଥିଲେ ମଧ୍ୟ ୪ ମାସ ଧରି ଅବଧି ଶେଷ ହେଲାଣି । କିନ୍ତୁ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ଫଳରେ ଘଟଣାସ୍ଥଳରେ ଛୋଟମୋଟ ଦୁର୍ଘଟଣା ଘଟୁଛି । କିନ୍ତୁ ବଡଧରଣ ଦୁର୍ଘଟଣାକୁ ଏଡାଇ ଦିଆଯାଇନପାରେ । ନହରା ଖାଳ ଉପରେ ଏହି ପୋଲଟି ବ୍ରିଟିସ୍ ଅମଳରେ ତିଆରି ହୋଇଥିବା ବେଳେ ଏହି ରାସ୍ତାର ବିଭିନ୍ନ ପୋଲର ପ୍ରସସ୍ତିକରଣ ହୋଇଥିଲେ ମଧ୍ୟ ଏହାର କୌଣସି ପ୍ରସନ୍ତିକରଣ ହୋଇ ନାହିଁ । ଏହି ପୋଲଟି ୪୬ ମିଟର ଲମ୍ବ ଥିବା ବେଳେ ୧୨ ମିଟର ଓସାର ଲାଗି ୫.୫ କୋଟି ଟଙ୍କା ମଂଜୁର ହୋଇଛି । ଏହାର ଡାଇଭର୍ସନ ରୋଡ ହେବାପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଯନ୍ତ୍ରୀ ଗୌରୀ ଶଂକର ଗିରି କହିଛନ୍ତି ।

## ଅବସର ପ୍ରାପ୍ତ ପୋଷ୍ଟମାଷ୍ଟରଙ୍କ ପରଲୋକ

ଖଇରା,୧୯।୦୩ :(ନିପ୍ର) ଖଇରା ବ୍ଲକ ମାଖନପୁର ଗାଁରେ ଅବସର ପ୍ରାପ୍ତ ପୋଷ୍ଟମାଷ୍ଟର ନୃସିଂହ ଚରଣ ଦାସଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କର ୯୦ ବର୍ଷ ବୟସ ହୋଇଥିଲା । ତାଙ୍କର ବଡପୁତ୍ର ସୋର କୋଟର ଓକିଲ ଧିରେନ୍ଦ୍ର କୁମାର ଦାସଙ୍କ ଇଟୁଆ ସ୍ଥିତ ତାଙ୍କ ବାସଭବନରେ ରହୁଥିଲେ ।ଆଜି ଦିନରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ଜଣେ ପରୋପକାରୀ ,ସଚ୍ଚୋଟ ,ନିଷ୍ପାପର ,ଜ୍ଞାନୀ,ସମାଜସେବୀ ଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳୀଯାଇଛି। ତାଙ୍କ ଅନ୍ତିମ ଦର୍ଶନ କରିବା ପାଇଁ ପଞ୍ଚାୟତର ବହୁମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ ।

## ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ

### ବିଜୟଭାନୁ ଗ୍ରୀନ ରେଲୱ୍ୱେ ସ୍ପୋର୍ଟ୍ସ ଏକାଡେମୀ ବିଜୟୀ




ଭଦ୍ରକ,୧୯/୦୩ (ନି.ପ୍ର): ଚରମ୍ପା ରେଲୱ୍ୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ମ୍ୟାଚରେ ବିଜୟଭାନୁ ଗ୍ରୀନ ଦଳ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱ୍ୱେ ସ୍ପୋର୍ଟ୍ସ ଏକାଡେମୀ ବିଜୟୀ ହୋଇଛି। ଚରମ୍ପା ରେଲୱ୍ୱେ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ (ଗ୍ରୀନ) ଓ ୟୁନାଇଟେଡ ଏକାଡେମୀ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚକୁ ଗ୍ରୀନ ଦଳ ୧୯୧ ରନରେ ଜିତିଛି। ଗ୍ରୀନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୪୭.୧ ଓଭରରେ ୩୪୧ ରନ କରି ଅଲ୍ ଆଉଟ ହୋଇଥିବା ବେଳେ ରୁଦ୍ର ରଂଜନ ବେହେରା ୯୦, ସାହିଲ ଖାନ ୬୫ ଓ ସି. କୁମାର ସ୍ୱାମୀ ୪୬ ରନ କରିଥିଲେ। ୟୁନାଇଟେଡ ଏକାଡେମୀ ପକ୍ଷରୁ ସାହାନଓ୍ୱାଜ କାଦ୍ରୀ ୫ ଉଇକେଟ, ସେକ୍ ଆଲାଉଦ୍ଦିନ ଓ ବିମଳ ଦାସ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ୟୁନାଇଟେଡ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୩.୨ ଓଭରରେ ମାତ୍ର ୧୫୦ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଯାଇଥିଲେ। ତେବେ ଦଳ ପକ୍ଷରୁ ପ୍ରୀତି ରଂଜନ ନାୟକ ୫୨, କମଳାକାନ୍ତ ବେହେରା ୨୦ ଓ ଚିତ୍ତ ରଂଜନ ବେହେରା ୨୭ ରନ କରିଥିଲେ। ଗ୍ରୀନ ପକ୍ଷରୁ ସୌମ୍ୟ ରଂଜନ ବାରିକ ୩ଟି, ସୂର୍ଯ୍ୟ ମହାପାତ୍ର ୨ଟି ଓ ସି. କୁମାର ସ୍ୱାମୀ ଗୋଟିଏ ଉଇକେଟ ନେଇଥିଲେ। ଗ୍ରୀନ ଦଳର ସି. କୁମାର ସ୍ୱାମୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚକୁ ଲଲାଟ କେଶରୀ ନନ୍ଦ ଓ ପ୍ରଦିପ୍ତ କୁମାର ନାୟକ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ଦେବବ୍ରତ ଦାସ ଓ ସସ୍ମିତା ଜୀଉ ସ୍କୋରର ଥିଲେ। ଅନ୍ୟପକ୍ଷରେ ଭଦ୍ରକ କଲେଜ ପଡ଼ିଆରେ ଖେଳା ଯାଇଥିବା ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱ୍ୱେ ସ୍ପୋର୍ଟ୍ସ ଏକାଡେମୀ ସୂର୍ଯ୍ୟଶିଖା କ୍ରିକେଟ କ୍ଲବକୁ ୧୬୭ ରନରେ ପରାଜିତ କରି ବିଜୟୀ ହୋଇଛି। ରେଲୱ୍ୱେ ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୪ ଉଇକେଟ ହରାଇ ୨୮୫ ରନ କରିଥିଲା। ଦଳ ପକ୍ଷରୁ ମାନସ କୁମାର ସାହୁ ୧୦୨, ଜ୍ୟୋତିରଂଜନ ମହାରଣା ୮୮, ଓମ୍‌ଶ୍ରୀ ଯାଦବ ୩୧, ନୀହାର ଭୂୟାଁ ୨୫ ରନ କରିଥିଲେ। ସୂର୍ଯ୍ୟଶିଖା ପକ୍ଷରୁ ଚନ୍ଦନ ରାଉତ ଗୋଟିଏ ଉଇକେଟ ନେଇଥିଲେ। ଦ୍ୱିତୀୟ ପାଳିରେ ବ୍ୟାଟିଂ କରିଥିବା ସୂର୍ଯ୍ୟଶିଖା ଦଳ ୩୦ ଓଭରରେ ୧୧୮ ରନ କରି ସବୁ ଖେଳାଳୀ ଆଉଟ ହୋଇଥିଲେ। ତେବେ ଦଳ ପକ୍ଷରୁ ଆଲୋକ ବାରିକ ୨୩୩, ଇମ୍‌ରାନ ଖାନ୍ ୧୯ ଓ ସରୋଜ ଧଳ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ରେଲୱ୍ୱେ ଏକାଡେମୀ ପକ୍ଷରୁ ମୃଣ୍ମୟ ତ୍ରିପାଠୀ ୪ଟି ଓ ହରେକୃଷ୍ଣ ବାରିକ ୨ଟି ଉଇକେଟ ନେଇଥିଲେ। ମାନସ କୁମାର ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା।

**OFFICE OF THE EXECUTIVE ENGINEER**
**SORO CANAL DIVISION, SORO**

**QUOTATION CALL NOTICE NO. SCD- 06/2020-21**

Sealed quotations are invited in the prescribed format from Travel Agencies tour operators/ individual vehicle owners having valid up to date PAN/ GST Registration Number for providing 2 nos. of vehicles for engagement in the office of the Executive Engineer, Soro Canal Division, Soro, Asst. Executive Engineer, Soro canal Sub-Division No. II,Balasore on monthly rent basis. The details of terms& conditions for the above service along with the application form of quotation containing General Bid Information and other documents will be available in the office of the Executive Engineer, Soro Canal Division, Soro or can be downloaded from the State Government website www.odisha.gov.in / www.dowrodisha.gov.in from 22.03.2021 to 30.03.2021up to 2.00 PM. The authority reserves the right to cancel the quotation without assigning any reason thereof.

OIPR : 32265/11/0001/2021

Executive Engineer
Soro Canal Division
Soro

ବାଲେଶ୍ୱର, ଶନିବାର, ୨୦ ମାର୍ଚ୍ଚ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଆନ୍ତର୍ଜାତିକ ସମ୍ମିଳନୀରେ ସମ୍ମାନିତ ହେବେ ଓଡ଼ିଶାର ପୂର୍ବତନ ବିଧାୟକ

ଭୁବନେଶ୍ୱର,୧୯/୦୩ (ନି.ପ୍ର): ଗୋଆ ମୁକ୍ତି ସଂଗ୍ରାମର ପ୍ରମୁଖ ବିଦ୍ଧାଣୀ ଡ. ରାମ ମନୋହର ଲୋହିଆଙ୍କ ସ୍ମୃତିରେ ଗଠିତ ହୋଇଥିବା ସର୍ବଭାରତୀୟ ସଂଗଠନ ଲୋହିଆ ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ଗୋଆ ମୁକ୍ତି ସଂଗ୍ରାମର ୭୫ତମ ବାର୍ଷିକୀ ଉପଲକ୍ଷେ ଏକ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜିତ ହେଉଛି। ଗୋଆର ମାଡ଼ଗାଓଁଠାରେ ଆସନ୍ତା ଜୁନ୍ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଆନ୍ତର୍ଜାତିକ ସମ୍ମିଳନୀରେ ଭାରତ ସମେତ ନେପାଳ ଓ ବାଲାଂଦେଶର ବହୁ ବରିଷ୍ଠ ସମାଜବାଦୀ ନେତା ଯୋଗଦେବେ ଏବଂ ଗୋଆ ମୁକ୍ତି ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଯେଉଁ ସଂଗ୍ରାମୀମାନେ ପରଲୋକ ଗମନ କରିଛନ୍ତି ସେମାନଙ୍କ ଉତରାଧିକାରୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏହି ମହାସମାରୋହରେ ଓଡ଼ିଶାର ପୂର୍ବତନ ସମାଜବାଦୀ ନେତା ଓ ବିଧାୟକ ସ୍ୱର୍ଗତ ନାରଣ ସାହୁଙ୍କୁ ମରଣୋତର ସମ୍ମାନ ପ୍ରଦାନ କରାଯିବ ବୋଲି ନୂଆଦିଲ୍ଲୀସ୍ଥିତ ଲୋହିଆ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ଅଭିଷେକ ରଞ୍ଜନ ସିଂ ଆଜି ଲୋହିଆ ଏକାଡ଼େମୀରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ସ୍ୱର୍ଗତ ସାହୁ ଲୋହିଆଙ୍କ ଘନିଷ୍ଠ ସହଯୋଗୀ ଭାବେ ଗୋଆ ମୁକ୍ତି ସଂଗ୍ରାମରେ ଅଂଶଗ୍ରହଣ କରି ପୋଲିସ ଦ୍ୱାରା ନିର୍ଯ୍ୟାତିତ ହୋଇଥିଲେ ଏବଂ ଗିରଫ ହୋଇଥିଲେ। ଏହି ସମାରୋହରେ ଇଂରାଜୀ ଓ ଓଡ଼ିଆ ଭାଷାରେ ତିନୋଟି ପୁସ୍ତକ ମଧ୍ୟ ଉନ୍ମୋଚିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଲୋହିଆ ଏକାଡ଼େମୀର ସମ୍ପାଦକ ଦେବ ପ୍ରସାଦ ରାୟ ମହାପାତ୍ର ପ୍ରକାଶ କରିଥିବା ବେଳେ ଓଡ଼ିଶାରୁ ୫୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଏହି ସମାରୋହରେ ସାମିଲ ହେବେ ବୋଲି ବରିଷ୍ଠ କର୍ମକର୍ତା ପ୍ରଭାସ ସାମନ୍ତରାୟ ପ୍ରକାଶ କରିଥିଲେ।

## ପିଲା ଚୋର ସନ୍ଦେହରେ ନିର୍ଦ୍ଧୁମ ଛେଚା ଖାଇଲେ ଦୁଇ ଯୁବକ

ବାଲିଆପାଳ,୧୯/୦୩ (ନି.ପ୍ର): ପିଲା ଚୋର ସନ୍ଦେହରେ ନିର୍ଦ୍ଧୁମ ଛେଂଚା ଖାଇଛନ୍ତି ଦୁଇ ଯୁବକ । ଏ ଭଳି ଅଭାବନୀୟ ଘଟଣା ଘଟିଛି ବାଲିଆପାଳ ବ୍ଲକ ବିଷ୍ଣୁପୁର ପଂଚାୟତ ରାମନଗର-ରସଲପୁର ଗ୍ରାମରେ । ମିଳିଥିବା ସୂଚନା ମୁତାବକ ଗତ କାଲି ବିଳମ୍ବିତ ରାତିରେ ଦୁଇ ଜଣ ଯୁବକ ଏକ ଇଣ୍ଡିଗୋ କାରରେ ଗ୍ରାମକୁ ପ୍ରବେଶ କରିଥିଲେ । ସେମାନେ ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ କିଛି ଖୋଜା ଖୋଜି କରୁଥିବା ବେଳେ ଗ୍ରାମବାସୀଙ୍କର ସନ୍ଦେହ ହୋଇଥିଲା । ଗ୍ରାମବାସୀ ସେମାନଙ୍କର ପରିଚୟ ମାଗିବା ସହିତ ରାତିରେ ଗ୍ରାମକୁ ଆସିବାର କାରଣ ମଧ୍ୟ ପଚାରିଥିଲେ । ତେବେ ସେମାନଙ୍କ ଠାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇନଥିଲେ । ଫଳରେ ଗ୍ରାମବାସୀ ସେମାନଙ୍କୁ ପିଲା ଚୋର ବୋଲି ସନ୍ଦେହ କରିଥିଲ । ଅଧିକ ପଚରା ଉଚୁରା କରିବାରୁ ସେମାନେ ଛେଳି ଚୋରି କରିବାକୁ ଅସିଥିଲେ ମାନିଥିଲେ । ଏଥରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ଦୁଇ ଜଣକୁ ଗଛରେ ବାନ୍ଧି ନିସ୍ତୁକ ପିଟିଥିଲେ । ଗ୍ରାମଟି କମର୍ଦ୍ଦା ଥାନା ଅଂଚଳ ପରିସରରେ ଥିବାରୁ କମର୍ଦ୍ଦା ଥାନାକୁ ଏ ସମ୍ପର୍କରେ ଖବର ଦିଆଯାଇଥିଲା । କିନ୍ତୁ ଦୀର୍ଘ ସମୟ ପରେ ମଧ୍ୟ ପୋଲିସ ନ ଆସିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ଇଣ୍ଡିଗୋ କାରଟିକୁ ରାସ୍ତା ତଳକୁ ଗଡାଇ ଦେଇଥିଲେ । ପେର କମର୍ଦ୍ଦା ପୋଲିସ ଆସି ଅଟକ ଦୁଇ ଯୁବକକୁ ଥାନା ନେଇଯାଇଥିବା ଜଣା ଯାଇଛି ।

## ବାଲେଶ୍ୱରରେ ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ

# ୧୦ ମାମଲା ଫଇସଲା ଓ ୨୪ଟିରେ ପୁନଃ ନୋଟିସ ଜାରି

ବାଲେଶ୍ୱର,୧୯/୦୩ (ନି.ପ୍ର): ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଏକ ଶିବିର ଅଦାଲତ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ 'ସଦଭାବନା ସଭାଗୃହ'ରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମୀନତି ବେହେରା ଏହାକୁ ଉଦଘାଟନ କରିବା ସହ ଶିବିର ଅଦାଲତ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ମାମଲାର ଶୁଣାଣି ପାଇଁ ବାରମ୍ବାର ଭୁବନେଶ୍ୱର ନ ଡକାଇ ଆୟୋଗ ଜିଲାସ୍ତରରେ ଏହିଭଳି ଶିବିର ଆୟୋଜନ କରୁଛି। ଏହା ଦ୍ୱାରା ପୀଡ଼ିତାଙ୍କୁ ତତ୍କାଳ ନ୍ୟାୟ ମିଳି ପାରୁଛି ବୋଲି ଡ. ବେହେରା ମତ ପ୍ରକାଶ କରିଥିଲେ। ସମାଜ ଓ




ପରିବାରରେ ନାରୀମାନେ ସମ୍ମାନର ସହ ବଞ୍ଚିବା ପାଇଁ ଉଭୟ ପକ୍ଷଙ୍କ ସହମତିରେ ବିବାଦ ସମାଧାନ କରିବା ଏହାର ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋରଂଜନ ସାମଲ, ରାଜ୍ୟ ମହିଳା ଆୟୋଗର ସଦସ୍ୟା ସ୍ୱର୍ଣ୍ଣଲତା ସାମଲ, ଆରତୀ ସିଂ, ଜଲିନା ପ୍ରିୟଦର୍ଶିନୀ ପ୍ରମୁଖ ଏଥିରେ ଯୋଗଦେଇ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନରେକ୍ୟାମ୍ପ କୋର୍ଟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର ଏହି ଦିନିକିଆ କ୍ୟାମ୍ପ କୋର୍ଟରେ ଶୁଣାଣି ପାଇଁ ମୋଟ ୭୧ ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ବିଭିନ୍ନ କାରଣ ଯୋଗୁଁ ୩୭ଟି ମାମଲାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ୯ ଗୋଟି ମାମଲାରେ ଉଭୟ ପକ୍ଷ, ୧୯ ଗୋଟି ମାମଲାରେ କେବଳ ଅଭିଯୋଗକାରିଣୀ ଓ ୯ଗୋଟି ମାମଲାରେ ପ୍ରତିପକ୍ଷ ହାଜର ହୋଇ ଯୁକ୍ତି ଉପସ୍ଥାପନ କରିଥିଲେ। ଆପୋସ ବୁଝାମଣା ମଧ୍ୟରେ ୧୦ ଗୋଟି ମାମଲା ଫଇସଲା ହୋଇଥିବା ବେଳେ ତଦନ୍ତ ପାଇଁ ଗୋଟିଏ କେସ ଆରକ୍ଷୀ ଅଧୀକ୍ଷକ ଏବଂ ୨ଟି କେସ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଅନ୍ୟପକ୍ଷରେ ୨୪ ଗୋଟି ମାମଲାରେ ପୁନଃ ନୋଟିସ ଜାରି କରାଯାଇଛି । ଏହି ଶିବିର ଅଦାଲତରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମମାଳା ମିଶ୍ର ସଂଯୋଜନା କରିଥିବା ବେଳେ ବିଭାଗୀୟ କର୍ମଚାରୀମାନେ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

## ୧୮ ଗ୍ରାମ୍ ବ୍ରାଉନସୁଗାର ଓ ୨୦ ପେଟି ଦେଶୀ ଓ ବିଦେଶୀ ମଦ ଜବତ : ଦୁଇ ଗିରଫ

ଜଗତସିଂହପୁର,୧୯/୦୩ (ନି.ପ୍ର): ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଡେରିକି ଓ ବାଲିକୁଦା ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ ଭାବେ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଇଚ୍ଛାପୁରରୁ ୧୮ ଗ୍ରାମ୍ ବ୍ରାଉନସୁଗାର ଓ ଡେରିକି ଗ୍ରାମରୁ ୨୦ ପେଟି ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୨ ଲକ୍ଷ ହେବ। ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ବିଭାଗ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି।

## ସାମ୍ବାଦିକଙ୍କୁ କରୋନା ଟିକା ପ୍ରଦାନ ପାଇଁ ସୁପାରିଶ ଘଟଣା

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ମୟୂରଭଞ୍ଜ କାର୍ଯ୍ୟରତ ସାମ୍ବାଦିକ ସଂଘ

ବାରିପଦା,୧୯/୦୩ (ନି.ପ୍ର): କରୋନା କାଳରେ ସମ୍ମୁଖ ଭାଗରେ ରହି କାର୍ଯ୍ୟକରୁଥିବା କୋଭିଡ ଯୋଦ୍ଧା ମାନଙ୍କ ମଧ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ଅବଦାନକୁ ହୃଦୟଙ୍ଗମ କରି ଓଡିଶା ସରକାର ପ୍ରଥମରୁ ସ୍ୱୀକୃତି ପ୍ରଦାନ କରଥିଲେ । ତେବେ ସାମ୍ବାଦିକ ମାନେ ନିଜର ଏବଂ ନିଜ ପରିବାର ବର୍ଗଙ୍କ ଜୀବନକୁ ବିପର୍ଣ୍ଣ କରି କୋଭିଡ ସମୟରେ ତ୍ୟାଗପୂତ ଭାବରେ ନିଜର କର୍ମ ସମ୍ପାଦନ କରିଥିଲେ ମଧ ବର୍ତ୍ତମାନ କରୋନା ଟୀକା ପ୍ରଦାନ କ୍ଷେତ୍ରରେ ସାମ୍ବାଦିକ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଦ୍ୟାବଧି ଟୀକା ଦିଆ ଯାଇ ନଥିବାରୁ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ମାନେ ଚିନ୍ତା



ପ୍ରକଟ କରି ଗତ ତା ୮/୩/୨୧ ରିଖ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ ତରଫରୁ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ମଧ୍ୟ ତୁରନ୍ତ ଦାବୀପତ୍ରକୁ ସୁପାରିଶ କରି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ପଠାଇଥିଲେ । ସଂଘର ଦାବୀ ମୁତାବକ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗୀୟ ଅତିରିକ୍ତ ମୁଖ୍ୟସଚିବ ଚିଠିନଂ- ୮୨୩୮ୟର ତା ୧୭/୩/୨୦୨୧ ମୂଳେ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗୀୟ ସଚିବଙ୍କୁ ପତ୍ରଲେଖି ସୁପାରିଶ କରିଥିବାରୁ ଆଜି ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡିଶା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଧନ୍ୟବାଦ ପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି । ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘର ସଭାପତି ଡଃ ବିଜୟ କୁମାର ଅଗ୍ରୱାଲାଙ୍କ ପରାମର୍ଶକ୍ରମେ କାର୍ଯ୍ୟକାରୀ ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଦୀପକ କୁମାର ନାୟକ, ଶୃଙ୍ଖଳା କମିଟି ସଦସ୍ୟ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ପ୍ରମୁଖ ବହୁ ସାମ୍ବାଦିକ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଧନ୍ୟବାଦ ପତ୍ର ପ୍ରଦାନ କରିଥିବାର ଜଣାଯାଇଛି ।

## ବିଦ୍ୟୁତ ତାର ସଂଯୋଗ ବେଳେ ଜଣକର ମୃତ୍ୟୁ

ଅନୁଗୋଳ,୧୯/୦୩ (ନି.ପ୍ର): ଅନୁଗୋଳ ସଦର ଥାନା ଅନ୍ତର୍ଗତ ମୂଷାପାପୁଲି ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ଟ୍ରାନ୍ସଫର୍ମରକୁ ଚଢ଼ିଥିବା ବେଳେ ଗ୍ରାମର ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଧୀର ସାହୁ । ସୂଚନା ଅନୁଯାୟୀ, ବିଦ୍ୟୁତ ତାର ସଂଯୋଗ ପାଇଁ ସେ ଟ୍ରାନ୍ସଫର୍ମର ଉପରେ ଚଢ଼ି ମରାମତି କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

## ରାଇବଣିଆ ଦୁର୍ଗ ଜମି ଉଦ୍ଧାର ଓ ଫାଟକ ନିର୍ମାଣ ପ୍ରସଙ୍ଗ : ଗଡ ସୁରକ୍ଷା କମିଟିର କୃତଜ୍ଞତା

ଜଳେଶ୍ୱର, ୧୯/୩ (ନିପ୍ର) : ରାଇବଣିଆ ଦୁର୍ଗ ଧ୍ୱଂସସ୍ତୁପରେ ପରିଣତ ହୋଇଥିବା ବେଳେ ବହୁ ଦାବି ଓ ଆଲୋଚନା ପରେ ରାଜ୍ୟ ସରକାର ଜବରଦଖଲ ଥିବା ଜମି ଉଦ୍ଧାର ଓ ସ୍ମୃତି ସ୍ୱରୂପ ୨ଟି ସ୍ୱାଗତ ଫାଟକ ନିର୍ମାଣ ଲାଗି ଅର୍ଥ ମଂଜୁର ହୋଇଥିବାରୁ ରାଇବଣିଆ ଦୁର୍ଗ ସୁରକ୍ଷା ଓ ଆଂଚଳିକ ଉନ୍ନୟନ ସଂଗଠନର କର୍ମକର୍ତ୍ତା କୃତଜ୍ଞତା ଜଣାଇଛନ୍ତି । ଏକଦା ସମଗ୍ର ପୂର୍ବ ଭାରତରେ ରାଇବଣିଆ ଦୁର୍ଗ ସର୍ବବୃହତ ଥିବା ବେଳେ ଏବେ ଭାଂଗିରୁଜି ଧ୍ୱଂସ ପାଉଛି । ବିଭିନ୍ନ ସ୍ଥାନରେ କାରୁକାର୍ଯ୍ୟପୂର୍ଣ୍ଣ ପଥର ପଡିରହିଥିବା ବେଳେ ପୋଖରୀ ଗୁଡିକ ପୋତି ହୋଇ ପଡୁଛି ଓ ମାଟି ପ୍ରାଚୀର ଗୁଡିକ ନଷ୍ଟ ହୋଇ ଆସୁଛି । ଖନନ ହେବାର କୌଣସି ସଂକେତ ମିଳୁନଥିବା ବେଳେ ଅତୀତରେ ୫୪ କୋଟି ଟଂକା ବ୍ୟୟରେ ନିର୍ମିତ ଜଗନ୍ନାଥ ମନ୍ଦିରଟି ଅଧାପନ୍ତରିଆ ହୋଇ ପଡିରହିଛି । ଏହି ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଡସୁରକ୍ଷା ସଂଗଠନର ସଭାପତି ପ୍ରଫୁଲ୍ଲ କୁମାର ସୁର ଓ ପ୍ରତିଷ୍ଠାତା ସଂପାଦକ ଡ. ଶ୍ରୀକାନ୍ତ ଚରଣ ପାତ୍ର ୨ଟି ଫାଟକ ନିର୍ମାଣ ଲାଗି ଦାବି କରି ଆସୁଥିଲେ । ନିକଟରେ ରାଜସ୍ୱ ବିଭାଗ ୨ଏକର୮୦ଡିସିମିଲ ସ୍ଥାନ ଜବରଦଖଲକାରୀଙ୍କ ଠାରୁ ଉଦ୍ଧାର ପ୍ରତିଶୃତି ଦେଇଥିବା ବେଳେ ସ୍ୱାଗତ ଫାଟକ ଲାଗି ୫୦ଲକ୍ଷ ଟଙ୍କା ମଂଜୁର ହୋଇଥିବାରୁ ଡ. ପାତ୍ର ଭାଷା ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେଠାରେ ଏକ ସଂଗ୍ରାହାଳୟ ନିର୍ମାଣ କରି କିର୍ତ୍ତିରାଜିକୁ ପୁନଃର୍ଜୀବୀତ କରି ରଖିବାକୁ ସେ ଦାବି କରିବା ସହିତ ଜଗନ୍ନାଥ ମନ୍ଦିରର ପୁର୍ଣ୍ଣାଙ୍ଗିକରଣ ଲାଗି ଦାବି କରିଛନ୍ତି ।

## ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲ୍ଲାର ସଫଳତା

ବାରିପଦା,୧୯/୦୩ (ନି.ପ୍ର): ଚଳିତ ମାସ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ରାଜ୍ୟ ଶକ୍ତିଉତ୍ତେଳନ ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲାକୁ ସଫଳତା ମିଳିଅଛି । ମୟୁରଭଞ୍ଜ ଜିଲାର ମୟୁରଭଞ୍ଜ ଜିମ୍ନାସିୟମ ଏବଂ ଶକ୍ତିମାନ ଜିମ୍ନାସିୟମ ରୁ ମୋଟ ୧୭ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହିତ ସମସ୍ତେ ପଦକ ହାସଲ କରିଛନ୍ତି । ୬୬ କେଜି କାଟାଗରିରେ ଅବିଶେକ ମହାନ୍ତ ଜୁନିଅର ଏବଂ ସିନିଅର ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିବାସହ ଷ୍ଟ୍ରଙ୍ଗ ମ୍ୟାନର ଆଖ୍ୟା ଅର୍ଜନ କରିଛନ୍ତି । ସେହିପରି ଅନ୍ୟ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ୬୬ କେଜି କାଟାଗରିରେ ଜଗନ୍ନାଥ ବେଶ୍ରା ଜୁନିଅର ଏବଂ ସିନିଅର ବିଭାଗ ଉଭୟରେ ରୌପ୍ୟପଦକ , ୮୩ କେଜି କାଟାଗରିରେ ବାପୁନ ବେହେରା ସିନିଅର ବିଭାଗରେ ସୌର୍ଣ୍ଣ ଏବଂ ଜୁନିଅର ବିଭାଗରେ ରୌପ୍ୟ ପଦକ , ୯୩ କେଜି କାଟାଗରିରେ ସତ୍ୟବ୍ରତ ବେହେରା ସିନିଅର ବିଭାଗରେ ରୌପ୍ୟ , ୫୯ କେଜି କାଟାଗରିରେ ପ୍ରବୀର ପୃଷ୍ଟି ଜୁନିଅର ବିଭାଗରେ ସୌର୍ଣ୍ଣ , ୫୩ କେଜି କାଟାଗରିରେ ରିଙ୍କୁ ମହାନ୍ତ ଜୁନିଅର ବିଭାଗରେ ସ୍ୱର୍ଣ୍ଣ , ୬୬ କେଜି କାଟାଗରିରେ ଦୁଃଖୀରାମ ମାରାଣ୍ଡି ସବଜୁନିଅର ବିଭାଗରେ ସ୍ୱର୍ଣ୍ଣ , ୫୩ କେଜି କାଟାଗରିରେ ଗଗନ କୁମାର ମହାନ୍ତ ସବଜୁନିଅର ବିଭାଗରେ ରୌପ୍ୟ , ୫୩ କେଜି କାଟାଗରିରେ ଗୌର ମହାନ୍ତ ଜୁନିଅର ବିଭାଗରେ ବ୍ରଞ୍ଜ , ୭୪ କେଜି କାଟାଗରିରେ ଲକ୍ଷ୍ମୀକାନ୍ତ ବିନ୍ଧାଣୀ ଜୁନିଅର ବିଭାଗରେ ବ୍ରଞ୍ଜ, ୫୯ କେଜି କାଟାଗରିରେ ମନୋଜ କୁମାର ମହାନ୍ତ ସିନିଅର ବିଭାଗରେ ବ୍ରଞ୍ଜ , ୭୪ କେଜି କାଟାଗରିରେ ଚନ୍ଦନ ମହାନ୍ତ ଜୁନିଅର ବିଭାଗରେ ରୌପ୍ୟ , ୪୭ କେଜି କାଟାଗରିରେ ସୁଷମା ରାୟ ଜୁନିଅର ଏବଂ ସିନିଅର ବିଭାଗରେ ଯଥାକ୍ରମେ ରୌପ୍ୟ ଏବଂ ବ୍ରଞ୍ଜ , ୪୭ କେଜି କାଟାଗରିରେ ସୀମାରାଣୀ ସିଂ ସିନିଅର ବିଭାଗରେ ରୌପ୍ୟ , ୪୭ କେଜି କାଟାଗରିରେ ଭାରତୀ ପାତ୍ର ଜୁନିଅର ଏବଂ ସିନିଅର ବିଭାଗରେ ସ୍ୱର୍ଣ୍ଣ, ୫୨ କେଜି କାଟାଗରିରେପ୍ରଭାତୀ ସିଂ ଜୁନିଅର ଏଂବ ସିନିଅର ବିଭାଗରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି ।




## ଆବର୍ଜନାପୂର୍ଣ୍ଣ ପୌରପରିଷଦର ମୁଖ୍ୟ ଡ୍ରେନ : ସଫେଇ କେବେ ?

ଜଳେଶ୍ୱର, ୧୯/୩ (ନିପ୍ର) : ଜଳେଶ୍ୱର ପୌରପରିଷଦ ଅନ୍ତର୍ଗତ ୧୭ଟି ୱାର୍ଡ ଥିଲେ ମଧ୍ୟ ମୁଖ୍ୟତଃ ୧୦ଟି ୱାର୍ଡରେ ସଫେଇ କାର୍ଯ୍ୟ ହୋଇଥାଏ । କିନ୍ତୁ ଜଳେଶ୍ୱର ବଡବଜାର ଅନ୍ୟଏକ ମୁଖ୍ୟ ତଥା କେନ୍ଦ୍ରସ୍ଥଳୀ ହୋଇଥିବା ବେଳେ ତାର ଡ୍ରେନ୍‌ର ଦୂରାଅବସ୍ଥା ଅବର୍ଣ୍ଣନୀୟ । ମ୍ୟୁନିସିପାଲଟିର ଡ୍ରେନ୍ ଗୁଡିକରୁ ଜଳ ନିଷ୍କାସର ବିଶେଷ ବ୍ୟବସ୍ଥା ନଥିବା ବେଳେ ତାହା ପାଣିରେ ପୂର୍ଣ୍ଣ ରହେ । ସଚେତନତାର ଅଭାବରୁ ସ୍ଥାନୀୟ ଦୋକାନୀ, ଅଂଚଳବାସୀଙ୍କ ଘରର ଆବର୍ଜନା ଡ୍ରେନ୍‌ରେ ପକାଇଥାନ୍ତି । ଫଳରେ ବିଭିନ୍ନ ଡ୍ରେନ୍ ଗୁଡିକ ପୋତି ହୋଇଯିବା ସହିତ ମଶା, ମାଛି, ପୋକରେ ସାଲୁବାଲୁ ହୋଇଥାଏ । ପରିବେଶ ଓ ପରମଳ ଦୂଷିତ ହେଉଥିବା ବେଳେ ଏହାକୁ ପରିଷ୍କାର, ପରିଛନ୍ନତା ଲାଗି ଦାବି ହେଉଛି । ଗାଁ ପରିମଳ ଧୋବ ତୁଠରୁପରି ବଡବଜାର ଛକପହଞ୍ଚିରେ ପୌରପରିଷଦ ସ୍ୱଚ୍ଛାପ୍ରତି ପ୍ରଶ୍ନବାଚି ସୃଷ୍ଟି ହୋଇଛି ।



## ମାହଙ୍ଗା ଡବଲ ମର୍ଡର ଘଟଣାରେ ବିଜେପିର ବିଧାନସଭା ଘେରାଉ ଆଜି

ଭୁବନେଶ୍ୱର,୧୯/୦୩ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ଘଟଣାରେ ଅପରାଧୀଙ୍କୁ ଗିରଫ ଏବଂ କେନ୍ଦ୍ରୀୟ ଯୋଜନାର ସଠିକ୍ କ୍ରିୟାନ୍ୱୟନ କରିବା ଦାବିରେ ଆସନ୍ତାକାଲି (ଶନିବାର) ବିଜେପି ବିଧାନସଭା ଘେରାଉ କରିବ। ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ଏହି ସୂଚନା ଦେଇଛନ୍ତି । ଅପରପକ୍ଷରେ ମାହାଙ୍ଗା ଡବଲ ମର୍ଡର ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ୧୭ ମାର୍ଚ୍ଚ ଠାରୁ ମହାଙ୍ଗା ନିର୍ବାଚନମଣ୍ଡଳୀ ଠାରୁ ବିଜେପି ନେତା ଶାରଦା ପ୍ରଧାନଙ୍କ ନେତୃତ୍ୱରେ ବାହାରିଥିବା ପଦଯାତ୍ରା ଶୁକ୍ରବାର ଭୁବନେଶ୍ୱରରେ ପହଂଚିଛି। ରସୁଲଗଡ ଛକ ଠାରେ ଏହି ପଦଯାତ୍ରା ପହଂଚିବା ପରେ ଜିଲ୍ଲା ବିଜେପି ପକ୍ଷରୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତି ପଦଯାତ୍ରୀଙ୍କ ସହ ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ବଂଟନରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ଏବଂ ମାହାଙ୍ଗା ଡବଲ ମର୍ଡରରେ ସଂପୃକ୍ତ ଥିବା ସମସ୍ତ ଅପରାଧୀ ଗିରଫ ନହେବା ପର୍ଯ୍ୟନ୍ତ ବିଜେପି ଚୁପ୍ ବସିବନି ବୋଲି କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦେଇଥିଲେ । ଏହି ସ୍ୱାଗତ ସମୟରେ ଜିଲ୍ଲା ପ୍ରଭାରୀ ଭୁବନ ମୋହନ ଜେନା, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ହରେକୃଷ୍ଣ ଖୁଂଟିଆଙ୍କ ସମେତ ଜିଲ୍ଲା ବିଜେପିର ଶତାଧିକ କାର୍ଯ୍ୟକର୍ତା ସାମିଲ ଥିଲେ ।

## ପୂର୍ବତଟ ରେଳପଥ ମହା ପ୍ରବନ୍ଧକଙ୍କ ଖୋର୍ଦ୍ଧା ରୋଡ୍‌-ପଲାସା ସେକ୍ସନ ପରିଦର୍ଶନ

ଭୁବନେଶ୍ୱର,୧୯/୦୩ (ନି.ପ୍ର): ପୂର୍ବ ତଟ ରେଳପଥ ମହା ପ୍ରବନ୍ଧକ ବିଦ୍ୟା ଭୁଷଣ ବାର୍ଷିକ ଯାଂଚ୍ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ୍ ଠାରୁ ପଲାସା ସେକ୍ସନ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ମହାପ୍ରବନ୍ଧକ ବିଭିନ୍ନ ଷ୍ଟେସନ, ରେଳ କଲୋନୀ, ବ୍ରିଜ, ଲେଭଲ କ୍ରସିଂ ଗେଟ, ରନିଂ ରୁମ୍, ଦୁର୍ଘଟଣା ରିଲିଫ୍ ଟ୍ରେନ୍, ଦୁର୍ଘଟଣା ରିଲିଫ୍ ମେଡିକାଲ୍ ଉପକରଣ, ରେଲୱେ ହସ୍‌ପିଟାଲ୍ ଆଦି ସ୍ଥାନରେ ଯାଂଚ୍ କରିଥିଲେ। ସେ ଏହି ଗସ୍ତ ସମୟରେ ସମସ୍ତ ରେଳ ଭିତିଭୂମିକୁ ଭଲ ଭାବରେ ଯାଂଚ୍ କରିଥିଲେ ଓ ରେଳ ସେବାରେ ଉନ୍ନତି ଆଣିବା ପାଇଁ ଆବଶ୍ୟକ ଥିବା ବିଷୟ ଉପରେ ଧ୍ୟାନ ଦେବାପାଇଁ ଉପସ୍ଥିତ ରେଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମହାପ୍ରବନ୍ଧକ ଖୋର୍ଦ୍ଧା ରୋଡ୍, ଭୁଷଣ୍ଡପୁର, ରମ୍ଭା, ବ୍ରହ୍ମପୁର, ଇଚ୍ଛାପୁରମ୍ ଓ ପଲାସା ଆଦି ଷ୍ଟେସନରେ ରହି ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ସେ ମଧ ବିଭିନ୍ନ ନିରାପତା ବିଷୟ ଯଥା ଟ୍ରାକ୍, ଲେଭଲ କ୍ରସିଂ, ବ୍ରିଜ, ପଏଂଟ ଓ କ୍ରସିଂକୁ ଭଲ ଭାବରେ ଯାଞ୍ଚ କରିଥିଲେ। ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ଠାରେ ଏକ ଲିଫ୍ଟର ଉଦ୍‌ଘାଟନ କରାଯାଇଥିଲା। ଶ୍ରୀ ବିଦ୍ୟା ଭୁଷଣ ତାଙ୍କର ଏହି ବାର୍ଷିକ ଗସ୍ତ ସମୟରେ ଯାତ୍ରୀ ସୁବିଧା ଯଥା ପ୍ଲାଟଫର୍ମ, ବୁକିଂ ଅଫିସ୍, କ୍ୟାଟରିଂ, ଅପେକ୍ଷା ହଲ୍, ଡର୍ମିଟୋରିଜ୍/ ରିଟାୟାରିଂ ରୁମ୍, ଭିଆଇପି ଲାଉଞ୍ଜ ଇତ୍ୟାଦିର ସମୀକ୍ଷା କରିଥିଲେ ।

# ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ

ବାଲେଶ୍ୱର,୧୯/୦୩ (ନି.ପ୍ର): ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ସ୍ଥାନୀୟ ଆୟୁଷ୍ମାନ ମଣ୍ଡପ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି ଏହାକୁ ଉଦଘାଟନ କରିବା ସହିତ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ଏବଂ କୋଭିଡ ଯୁଦ୍ଧରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କର ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ । ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୋଭିଡ ପରିଚାଳନାରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଉଲେଖନୀୟ ଅବଦାନ ସମ୍ପର୍କରେ ସୂଚନା ଦେବା ସହ ଓ ଗ୍ରାମାଂଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ସେମାନଙ୍କ ସହଭାଗିତା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି କହିଥିଲେ।




ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବ ଏଥିରେ ପୋରହିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶଙ୍କର୍ଷଣ ଚୌଧୁରୀ, ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଭେଷଜ ବିଶେଷଜ୍ଞ ମୃତ୍ୟୁଞ୍ଜୟ ମିଶ୍ର, ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଅରୂପ ଦାସ, ଜିଲା ପଞ୍ଚାୟତ ଅଧିକାରୀ ରବି ଚନ୍ଦ୍ର କଅଁର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ଅଧିକାରୀ ଅନୀଲ କୁମାର ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ଗାଁ କଲ୍ୟାଣ ସମିତିଗୁଡିକ ଅଧିକ ସକ୍ରିୟ ହେବା ସହିତ ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ ସାଧାରଣରେ ବ୍ୟାପକ ସଚେତନତା ସୃଷ୍ଟି ନିମନ୍ତେ ଆହ୍ୱାନ ଦେଇଥିଲେ। ଉଲେଖନୀୟ କାର୍ଯ୍ୟ ପାଇଁ ଏହି ଅବସରରେ ୬ ଗୋଟି ଗ୍ରାମ ପଂଚାୟତକୁ ଦଶ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥି ସହିତ ୧୨ଟି ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର ଓ ଦଶ ହଜାର ଟଙ୍କା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ସ୍ୱାସ୍ଥ୍ୟସେବା ପ୍ରଦାନରେ ଉଲେଖନୀୟ ଅବଦାନ ପାଇଁ ୮ ଜଣ ଆଶାକର୍ମୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ଓ ମାନପତ୍ର ଏବଂ କୋଭିଡ ପରିଚାଳନାରେ ସମ୍ପୃକ୍ତ ସମସ୍ତ କର୍ମୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପକ୍ଷରୁ ସ୍ୱାସ୍ଥ୍ୟ ଭିତ୍ତିକ ସଚେତନତାମୂଳକ ନାଟକ ଏମତି ଠକ ଡାକ୍ତରଙ୍କୁ ଦୂରୁ ଜୁହାର ମଞ୍ଚସ୍ଥ କରାଯାଇଥିଲା । ଜିଲାର ବିଭିନ୍ନ ଅଂଚଳରୁ ଆଶା ଓ ଅଙ୍ଗନୱାଡି କର୍ମୀ, ସରପଞ୍ଚ ଓ ସ୍ୱାସ୍ଥ୍ୟକର୍ମୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ଅଧିକାରୀ ଅନୀଲ କୁମାର ମହାନ୍ତି, ଗାଁ କଲ୍ୟାଣ ସମିତି ମ୍ୟାନେଜର ଏଲିନା ସାମଲ, ଆଶା ମ୍ୟାନେଜର ସୂର୍ଯ୍ୟଜିତ ରାୟ ଓ ଡିଡିଏମ ହରେକୃଷ୍ଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ଓପିଜିସିରୁ ୧୭୪୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରାଯାଉଛି

ଭୁବନେଶ୍ୱର,୧୯/୦୩(ନି.ପ୍ର): ଓପିଜିସି ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବର୍ତମାନ ମୋଟ ୧୭୪୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ୪ଟି ୟୁନିଟ୍ କାର୍ଯ୍ୟକ୍ଷମ ଅଛି। ସମସ୍ତ ୟୁନିଟ୍ ରୁ ଶକ୍ତି ଉତ୍ପାଦନ କରାଯାଉଛି। ନିମ୍ନମାନର କୋଇଲା ଯୋଗୁଁ ପାଉଁଶରୁ ୟୁନିଟ୍ ୩ର ଇଏସପି ହପର ମଧ୍ୟରେ ଜମିଯାଇଥିଲା। ପାଉଁଶ ନିଷ୍କାସନ ବାଧାପ୍ରାପ୍ତ ହେବାରୁ ଇଏସପିର ପାସ୍ ସି ର ଷ୍ଟ୍ରକଚର ଭାଙ୍ଗି ଯାଇଥିଲା ଏବ ଆଖପାଖର କିଛି ଷ୍ଟ୍ରକଚର ବଙ୍କା ହୋଇଯାଇଥିଲା। ୟୁନିଟ୍ ୩ ରୁ ସର୍ବାଧିକ ୪୦୦ରୁ ୪୫୦ ମେଗାୱାଟ୍ ପର୍ଯ୍ୟନ୍ତ ଶକ୍ତି ଉତ୍ପାଦନ କରାଯାଉଛି। ଏହାର ମରାମତି କାର୍ଯ୍ୟ ଚାଲୁ ରହିଛି ଏବଂ ତାହା ୨୦୨୧ ଅକ୍ଟୋବର ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଗୃହକୁ ଜଣାଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo